ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି


The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୩ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 3 JANUARY 2024

Vol.No. 34 ■ No. 3 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଯା ଦେବୀ ସର୍ବଭୂତେଷୁ............


ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପଦ ଛାଡ଼ିବେ ହେମନ୍ତ ସୋରେନ୍: ପତ୍ନୀ ହେବେ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ, ୨/୧ : ପଦ ଛାଡ଼ିବେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍। ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇପାରନ୍ତି। ତାଙ୍କ ପତ୍ନୀ କଳ୍ପନା ସୋରେନ୍ ଝାଡ଼ଖଣ୍ଡର ନୂଆ ମୁଖ୍ୟମନ୍ତ୍ରୀ ହେବ। ଏଭଳି କିଛି ଚର୍ଚ୍ଚା ଏବେ ଜୋର ଧରିଛି। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଜଣେ ବିଧାୟକ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଛନ୍ତି। ଏହା ପରେ ବିଜେପି ସାଂସଦ ନୀଶିକାନ୍ତ ଦୁବେ ହେମନ୍ତ ସୋରେନ୍ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ଓ ତାଙ୍କ ପତ୍ନୀ କଳ୍ପନା ଶାସନ ଭାର ସମ୍ଭାଳିବେ ବୋଲି ଦାବି କରିଛନ୍ତି। ଝାଡଖଣ୍ଡର ବିଜେପି ସାଂସଦ ନିଶିକାନ୍ତ ଦୁବେ ସୋଶିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି କହିଛନ୍ତି, 'ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ବିଧଶୟକ ସର୍ଫରାଜ ଅହମ୍ମଦ ବିଧାନସଭାରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାକୁ ସ୍ୱୀକାର କରାଯାଇଛି। ଏବେ ଆଗକୁ ହେମନ୍ତ ସୋରେନ୍ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ। ତାଙ୍କ ସ୍ତ୍ରୀ ଝାଡ଼ଖଣ୍ଡର ନୂଆ ମୁଖ୍ୟମନ୍ତ୍ରୀ ହେବେ। ନୂଆ ବର୍ଷ ସୋରେନ ପରିବାର ପାଇଁ କଷ୍ଟଦାୟକ ହେବ।' ମିଳିଥିବା ସୂଚନା ଅନୁଯାୟୀ, ଦୁର୍ନୀତି ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କୁ ଗିରଫ କରିପାରେ ବୋଲି ହେମନ୍ତ ସୋରେନ୍ ଭୟ କରୁଛନ୍ତି। ତେଣୁ ସେ ନିଜ ପତ୍ନୀଙ୍କୁ ମୁଖ୍ୟମନ୍ତ୍ରୀ ଆସନ ହସ୍ତାନ୍ତର କରିବାକୁ ଯୋଜନା କରୁଥିବା ଦାବି କରାଯାଉଛି। ସେପଟେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ବିଧାୟକ ସର୍ଫରାଜ ଇସ୍ତଫା ଦେଇ କୌଣସି କାରଣ ଦର୍ଶାଇ ନାହାଁନ୍ତି। ରାଞ୍ଚି ଜମି ଦୁର୍ନୀତି ମାମଲାରେ ହଜାର ହେବାକୁ ହେମନ୍ତ ସୋରେନଙ୍କୁ ଇଡି ସାତ ଥର ସମନ ଜାରି କରିସାରିଲାଣି। କିନ୍ତୁ ହେମନ୍ତ ସୋରେନ ହାଜର ହେଉନଥିବାରୁ ଦଳର ବିଧାୟକ ସର୍ଫରାଜ ଅହମଦ ଇସ୍ତଫା ଦେଇଥିବା କୁହାଯାଉଛି। ଗାଣ୍ଡେୟ ଏକ ଅସଂରକ୍ଷିତ ଆସନ। ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ ଜଣେ ଆଦିବାସୀ। ତେବେ ଗାଣ୍ଡେୟ ବିଧାୟକ କାହିଁକି ତାଙ୍କ ପାଇଁ ଆସନ ଛାଡ଼ିଲେ। ଏହାର ଏକ ରାଜନୀତିକ କାରଣ ରହିଛି। ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନଙ୍କ ବାପଘର ଓଡ଼ିଶାରେ। ହେମନ୍ତଙ୍କ ଭାଇବୋହୂଙ୍କର ବାପଘର ମଧ ଓଡ଼ିଶାରେ। ସେ ଏକ ଆଦିବାସୀଙ୍କ ପାଇଁ ସଂରକ୍ଷିତ ଆସନରୁ ଲଢୁଥିଲେ ବୋଲି ଏକ ମକଦ୍ଦମା ହୋଇଥିଲା। ଆଇନ ଅନୁସାରେ ଅନ୍ୟ ରାଜ୍ୟର ଆଦିବାସୀ ଝାଡ଼ଖଣ୍ଡରେ ଯାଇଁ ବସବାସ କଲେ ବି ସେଠାକାର ମୂଳବାସିନ୍ଦା ହୋଇପାରିବେନି। କଳ୍ପନାଙ୍କ ପ୍ରତି ମଧ ସେହି ନିୟମ ପ୍ରଯୁଜ୍ୟ। ସେ ଝାଡ଼ଖଣ୍ଡର ମୂଳନିବାସୀ ହୋଇ ନଥିବାରୁ ସେଠାକାର ଆଦିବାସୀ ଆସନରୁ ସଂରକ୍ଷିତ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିପାରିବେ ନାହିଁ। ତେଣୁ ସେ ଜଣେ ସାଧାରଣ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବ। ସେଥିପାଇଁ ଏକ ସାଧାରଣ ଆସନର ପ୍ରାର୍ଥୀ ସରଫରଜା ଅହମ୍ମଦ ଇସ୍ତଫା ଦେଇଥାଇପାରନ୍ତି। ସୋରେନ୍ ଇଡିର ସମନକୁ ଚ୍ୟାଲେଞ୍ଜ କରି ସୁପ୍ରିମ କୋର୍ଟ ଓ ଝାଡଖଣ୍ଡ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ତାଙ୍କ ଆବେଦନ ଖାରଜ କରିଦେଇଛନ୍ତି କୋର୍ଟ। ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ବିରୋଧୀ ଦଳଙ୍କୁ ଟାର୍ଗେଟ କରିବା ପାଇଁ ତଦନ୍ତକାରୀ ସଂସ୍ଥାର କେନ୍ଦ୍ର ସରକାର ବ୍ୟବହାର କରୁଥିବା ସେ ଅଭିଯୋଗ କରିଛନ୍ତି।

## କଟକ-ଚାନ୍ଦବାଲି ରାସ୍ତାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ମୃତ୍ୟୁସଂଖ୍ୟା ୩ରେ ପହଞ୍ଚିଲା

### ସୋନପୁର, ନୂଆପଡ଼ାରେ ସଡ଼କ ଦୁର୍ଘଟଣା ନେଲା ୪ ଜଣଙ୍କର ଜୀବନ




ନିଶ୍ଚିନ୍ତକୋଇଲି/ସୋନପୁର/ନୂଆପଡ଼ା: କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟରପଡ଼ା କଳା ପୋଲ ନିକଟରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ହୋଇଥିବାର ସୂଚନା ରହିଛି। ଏହି ଦୁର୍ଘଟଣାରେ ୪୦ ଆହତ ଓ ୨୦ ଗୁରୁତର ଥିବା ଜଣାଯାଇଛି। ସେମାନଙ୍କୁ ଉଦ୍ଧାର କରାଯାଇଛି। ତେବେ ଏଯାଏ ମୃତକମାନଙ୍କର ପରିଚୟ ମିଳିପାରିନି। ଏଣେ କଟକ ଜିଲ୍ଲାପାଳ ନରହରି ସେଠୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ତେଣେ ଏସସିବି ମେଡିକାଲରେ ଗୁରୁତରମାନଙ୍କୁ ଭର୍ତ୍ତି କରାଯାଇଛି। ଘଟଣାରୁ ପ୍ରକାଶ ଯେ କଟରପଡ଼ା କଳା ପୋଲ ନିକଟରେ ସକାଳ ସାଢ଼େ ୭ଟାରେ ମନୋରମା ବସ ଚାନ୍ଦବାଲିରୁ କଟକ ଯାଉଥିବା ବେଳେ ସାମ୍ନା ପଟୁ ଆସୁଥିବା ଏକ ୧୦ ଚକିଆ ଟ୍ରକକୁ ମୁହାଁମୁହିଁ ପିଟିଥିଲା। ଏହାଫଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିଲା। ପରେ ଆଉଜଣଙ୍କର ପ୍ରାଣହାନି ଘଟିଥିଲା। ଏହାଫଳରେ ମୃତ୍ୟୁସଂଖ୍ୟା ୩ରେ ପହଞ୍ଚିଛି। ଏବେ ବି ଆହୁରି ୭ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି। ବସରେ ଥିବା ୪୦ଜଣ ଯାତ୍ରୀ ଆହତ ହୋଇଥିବା ଜଣାଯାଇଛି। ବସରେ ଦୁଇ ଜଣ ଡ୍ରାଇଭର୍ ବର୍ତ୍ତମାନ ଫସିକି ଥିଲେ। ଦମକଳ ବାହିନୀ ସହ ସ୍ଥାନୀୟ ପୁଲିସ ପହଞ୍ଚି ଉଦ୍ଧାର କରିଥିଲେ।

▶▶ପୃଷ୍ଠା ୭

## ଇ-କୋର୍ଟ ଯୁଗରେ ସ୍ଥାୟୀ ବେଞ୍ଚ ମହତ୍ୱପୂର୍ଣ୍ଣ ନୁହଁ: କେନ୍ଦ୍ରମନ୍ତ୍ରୀ



ଭୁବନେଶ୍ୱର, ୨ /୧ (ନି.ପ୍ର): ହାଇକୋର୍ଟର ନୂଆ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ସମ୍ପୃକ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସୁପାରିଶ ଆବଶ୍ୟକ। ଏଥିସହିତ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ସହମତି ଦରକାର। ଏହା ପରେ ଯାଇ କେନ୍ଦ୍ର ସରକାର ନୂଆ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ପଦକ୍ଷେପ ଆରମ୍ଭ କରିଥାନ୍ତି। ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ଆଜି ଏହା କହିଛନ୍ତି କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜ୍ଜୁନ ରାମ ମେଘୱାଲ। ଭୁବନେଶ୍ୱର ଗସ୍ତରେ ଆସିଥିବା ବେଳେ ମେଘୱାଲ କହିଛନ୍ତି। ଏବେ ସାରା ଦେଶରେ 'ଇ-କୋର୍ଟ' ବ୍ୟବସ୍ଥା ବେଶ୍ ଭଲରେ କାମ କରୁଛି। ଓଡ଼ିଶା 'ଇ-କୋର୍ଟ' ବ୍ୟବସ୍ଥା କାର୍ଯ୍ୟକାରୀରେ ଆଗରେ ରହିଛି। ଜିଲ୍ଲା ସ୍ତରରେ ଭର୍ଚୁଆଲରେ ସବୁ ସୁବିଧା ମିଳୁଛି ଯାହା ହାଇକୋର୍ଟ ବେଞ୍ଚ ସହ ସମାନ। ତେଣୁ ଏବେ ହାଇକୋର୍ଟ ବେଞ୍ଚର ଆବଶ୍ୟକତା ସେତେଟା


▶▶ପୃଷ୍ଠା ୭

## କଳିଙ୍ଗନଗର ଆଦିବାସୀ ଗଣହତ୍ୟାକୁ ୧୮ବର୍ଷ ପୂରିଲା: ମହମବତୀ ଶୋଭାଯାତ୍ରା କରି ବର୍ଷିଲା କଂଗ୍ରେସ

ଭୁବନେଶ୍ୱର, ୨ /୧ (ନି.ପ୍ର): କଳିଙ୍ଗ ନଗର ଆଦିବାସୀ ଗଣହତ୍ୟାର ୧୮ ତମ ଶ୍ରାଦ୍ଧବାର୍ଷିକୀରେ ମହମବତୀ ଶୋଭାଯାତ୍ରାର ଆୟୋଜନ କରିଥିଲା ରାଜ୍ୟ କଂଗ୍ରେସ। ନିରୀହ ଆଦିବାସୀଙ୍କୁ ନିର୍ମମ ହତ୍ୟା କରିଥିବା ରାଜ୍ୟର କ୍ଷମତାସୀନ ବିଜେଡି ସରକାର ଏପର୍ଯ୍ୟନ୍ତ ଆଦିବାସୀଙ୍କୁ ନ୍ୟାୟ ଦେବାରେ ସକ୍ଷମ ହୋଇନି ବୋଲି କହି କଡ଼ା ଭାଷାରେ ବର୍ଷିଛି। ୧୩ଜଣ ଦିବଂଗତ ଆଦିବାସୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ପ୍ରକଟ କରିଛି। ଆଜି ରାଜ୍ୟ କଂଗ୍ରେସ ନେତାମାନେ ମହମବତୀ ଶୋଭାଯାତ୍ରାରେ ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ମାଷ୍ଟରକ୍ୟାଂଟିନ ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଦିବଗଂତ ନିରୀହ ୧୩ ଜଣ ଆଦିବାସୀଙ୍କ ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ସେମାନଙ୍କ ପରିବାର ବର୍ଗଙ୍କୁ ଶ୍ରୀ ପଟ୍ଟନାୟକ ସମବେଦନା ଜଣାଇଥିଲେ। ପିସିସି ସଭାପତି ଶରତ ପଟ୍ଟନାୟକ

▶▶ପୃଷ୍ଠା ୭

## ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ମାମଲାରେ ରାଜ୍ୟ ସରକାରଙ୍କୁ ନୋଟିସ୍



ଭୁବନେଶ୍ୱର, ୨ /୧ (ନି.ପ୍ର): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲାର ସି ବି ଆଇ ତଦନ୍ତ କାହିଁକି କରା ନଯିବ ସେନେଇ ରାଜ୍ୟ ସରକାରଙ୍କ ଠାରୁ ଜବାବ ତଲବ କରିଛନ୍ତି ହାଇକୋର୍ଟ। ଆସନ୍ତା ମାର୍ଚ୍ଚ ୫ ତାରିଖ ସୁଦ୍ଧା ଏହି ପ୍ରସଙ୍ଗରେ ନିଜର ଜବାବ ଦାଖଲ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ ଜାରୀ କରିଛନ୍ତି। ଆବେଦନକାରୀ ଆଇନଜୀବୀ ଦେବାଶିଷ ହୋତାଙ୍କ ଆବେଦନକୁ ଗ୍ରହଣ କରି ହାଇକୋର୍ଟ ଏହି ନୋଟିସ ଜାରି କରିଛନ୍ତି। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ଘଟଣାର ତଦନ୍ତ କରୁଥିବା କ୍ରାଇମ ବ୍ରାଞ୍ଚ ଅନେକ ଦିଗକୁ ଅଣଦେଖା କରିଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି। ଉପରଠାଉରିଆ ଭାବେ ତଦନ୍ତ କରି ମାଓବାଦୀମାନେ ସ୍ୱାମୀଜୀଙ୍କୁ ହତ୍ୟା କରିଥିବା କହିଥିଲା କ୍ରାଇମ ବ୍ରାଞ୍ଚ। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ନିରୀହ ଆଦିବାସୀଙ୍କ ସାମାଜିକ ଏବଂ ଅର୍ଥନୈତିକ ଉର୍ନ୍ନତି ପାଇଁ କାମ କରୁଥିଲେ। ଧର୍ମାନ୍ତରିକରଣ ଏବଂ ଆଦିବାସୀଙ୍କ ଜମି ହଡ଼ପ ବିରୋଧରେ ସେ ସ୍ୱର ଉତ୍ତୋଳନ କରୁଥିଲେ। ଆଦିବାସୀଙ୍କ ପାଇଁ ଲଢୁଥିବା କୌଣସି ବ୍ୟକ୍ତିଙ୍କୁ ମାଓବାଦୀ ମାନେ ହତ୍ୟା କରିବା କଥା ଗ୍ରହଣୀୟ ନୁହଁ ବୋଲି ଆବେଦନକାରୀ ଯୁକ୍ତି ବାଢିଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ସି ବି ଆଇ ଦ୍ୱାରା ତଦନ୍ତ କରାଇବାକୁ ଆବେଦନକାରୀ ଦାବୀ କରିଛନ୍ତି।

## ଆଜି ୪ ଘଣ୍ଟା ଜଗା ଦର୍ଶନ ବନ୍ଦ

ପୁରୀ, ୨ /୧ (ନି.ପ୍ର): ଆସନ୍ତାକାଲି ଅର୍ଥାତ ବୁଧୁବାର ଶ୍ରୀଜିଉଙ୍କ ଦର୍ଶନ ୪ ଘଣ୍ଟା ବନ୍ଦ ରହିବ। ଆସନ୍ତାକାଲି ହେଉଛି ଶ୍ରୀଜିଉଙ୍କ ବନକ ଲାଗି ନୀତି ଅନୁଷ୍ଠିତ ହେବ। ଏହି ନୀତି ପାଇଁ ୪ ଘଣ୍ଟା ଦର୍ଶନ ବନ୍ଦ ରହିବ ବୋଲି ସୂଚନା ମିଳିଛି। ଅପରାହ୍ନ ୪ଟାରୁ ରାତି ୮ଟା ଯାଏଁ ସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସେପଟେ ବର୍ଷ ଆରମ୍ଭରୁ ଜଗତ ନିୟନ୍ତାଙ୍କୁ ଦେଖିବା ପାଇଁ ପୁରୀ ଶ୍ରୀମନ୍ଦିରରେ ଖୁବ୍ ଭିଡ଼ ପରିଲକ୍ଷିତ ହେଉଛି। ଗତକାଲି ନୂଆବର୍ଷ ଥିବାରୁ ସାଢେ ଚାରି ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଜଗା ଦର୍ଶନ କରି ଫେରିଥିବା ସୂଚନା ମିଳିଛି। ଏହାସହିତ ନୂଆବର୍ଷରୁ ମନ୍ଦିର ପରିଶର ଭିତରକୁ ପଲିଥିନ୍ ଧରି ଓ ପାନ, ଗୁଟ୍ଖା ଖାଇ ପ୍ରବେଶକୁ ବ୍ୟାନ କରାଯାଇଛି।

## ଦୋକାନୀଙ୍କ ତଣ୍ଟି କାଟି ୬ ହଜାର ଟଙ୍କା ନେଇଗଲେ ଦୁର୍ବୃତ୍ତ

ଭୁବନେଶ୍ୱର, ୨ /୧ (ନି.ପ୍ର): ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନା ଡମଣା ଗାଁରେ ଆଜି ଭୋରରେ ଜଣେ ଦୋକାନୀଙ୍କ ତଣ୍ଟିକାଟି ୬ ହଜାର ଟଙ୍କା ନେଇ ଯାଇଛନ୍ତି ଲୁଟେରା। ଲୁଟ୍‌ର ଶିକାର ହୋଇଥିବା ଦୋକାନୀଙ୍କ ନାଁ ଶିବାନନ୍ଦ ବାରିକ। ସବୁ ଦିନ ଭଳି ଆଜି ଭୋର ରାତି ପ୍ରାୟ ୩ଟା ବେଳେ ନିଜ ଦୋକାନକୁ ବାହାରିଥିଲେ ଶିବାନନ୍ଦ। ସେ ଘରର ଗେଟ୍ ଖୋଲି ବାହାରୁଥିବା ସମୟରେ ଦୁଇ ଜଣ ଯୁବକ ଆସି ତାଙ୍କ ହାତରେ ଥିବା ବ୍ୟାଗ୍‌କୁ ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ। ସେତେବେଳେ ଶିବାନନ୍ଦ ବ୍ୟାଗକୁ ଭିଡି ଧରିଥିଲେ। ଏହା ପରେ ଦୁଇ ଲୁଟେରାଙ୍କ ମଧ୍ୟରୁ ଜଣେ ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଶିବାନନ୍ଦଙ୍କ ବେକ କଟି ଯାଇଥିଲା। ଏହା ପରେ ଲୁଟେରାମାନେ ତାଙ୍କଠାରୁ ବ୍ୟାଗ୍ ନେଇ ଚମ୍ପଟ ମାରିଥିଲେ।

## କଂଗ୍ରେସରେ ମିଶିବେ ଜଗନଙ୍କ ଭଉଣୀ: ଆନ୍ଧ୍ରରେ ପାଇବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ



ନୂଆଦିଲ୍ଲୀ, ୨/୧ : ୱାଇଏସ୍‌ଆର ତେଲଙ୍ଗାନା ପାର୍ଟିର ପ୍ରତିଷ୍ଠାତା ତଥା ୱାଇଏସ୍‌ଆର କଂଗ୍ରେସ ମୁଖ୍ୟ ଓ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କ ଭଉଣୀ ୱାଇଏସ୍ ଶର୍ମିଳା ଚଳିତ ସପ୍ତାହରେ କଂଗ୍ରେସରେ ଯୋଗ ଦେବେ ବୋଲି ଜଣାପଡ଼ିଛି। ତେଲଙ୍ଗାନା ବିଧାନସଭା ନିର୍ବାଚନରେ କଂଗ୍ରେସକୁ ସଫଳତା ମିଳିବା ପରେ ଏହି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଆନ୍ଧ୍ର ପ୍ରଦେଶରେ ବିଧାନସଭା ନିର୍ବାଚନ ହେବାର ଅଛି। ତା'ସହିତ ଏଥର ଲୋକସଭା ନିର୍ବାଚନ ମଧ ହେବ। ତା'ପୂର୍ବରୁ ଆନ୍ଧ୍ର ପ୍ରଦେଶରେ କଂଗ୍ରେସ ନିଜ ସ୍ଥିତିକୁ ସଜାଡ଼ିବାକୁ ଚାହୁଁଛି। ଶର୍ମିଳା କଂଗ୍ରେସରେ ମିଶିବା ପରେ ଦଳ ତାଙ୍କୁ ଆନ୍ଧ୍ର ପ୍ରଦେଶରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେବାକୁ ଚିନ୍ତା କରୁଛି। ସେହିଭଳି ଯେଉଁମାନେ ଜଗନ ମୋହନ ରେଡ୍ଡୀଙ୍କ ୱାଇଏସ୍‌ଆର କଂଗ୍ରେସ ଛାଡ଼ି କଂଗ୍ରେସରେ ମିଶିବାକୁ ଚାହୁଁଛନ୍ତି, ଦଳ ସେମାନଙ୍କୁ ମଧ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇଛି। ଆନ୍ଧ୍ର ପ୍ରଦେଶର ମୁଖ୍ୟ ବିରୋଧୀ ତେଲୁଗୁ ଦେଶମ ପାର୍ଟି (ଟିଡିପି) ଲୋକଙ୍କ ଉପରେ ପ୍ରଭାବ ବିସ୍ତାର କରିବାକୁ ସଂଘର୍ଷ କରୁଥିବା ବେଳେ କଂଗ୍ରେସ ଏହାର ଫାଇଦା ନେବାକୁ ଯୋଜନା କରୁଥିବା ଜଣାପଡ଼ିଛି। ରାଜ୍ୟରେ କଂଗ୍ରେସର ଭାଗ୍ୟ ପରିବର୍ତ୍ତନ କରି ଦେଲା ଭଳି ପରିଶ୍ରମ କରିବାକୁ ଆଉ ଦଳୀୟ ନେତାଙ୍କ ପାଖରେ ସମୟ ନାହିଁ, କିନ୍ତୁ ଦଳ ଆଶା ରଖିଛି ଯେ ଶର୍ମିଳାଙ୍କୁ ବଡ଼ ଦାୟିତ୍ୱ ଦେଲେ (ଯେମିତିକି ଆନ୍ଧ୍ର ପ୍ରଦେଶ କଂଗ୍ରେସର ସଭାପତି) କିଛି ପରିମାଣରେ ସୁଫଳ ମିଳିବ। ଅନ୍ୟପକ୍ଷରେ ଭାଇ ଜଗନ ମୋହନ ରେଡ୍ଡୀଙ୍କ ସହିତ ସଂପର୍କ ଖରାପ ହେବା ପରେ ଏବେ ଦଳ ଚଳାଇବାକୁ ପାଣ୍ଠି ପାଇଁ ସଂଘର୍ଷ କରୁଛନ୍ତି ଶର୍ମିଳା। ତେଣୁ ରାଜନୀତିକ କ୍ୟାରିୟରକୁ ଆଗକୁ ନେବାକୁ ସେ କଂଗ୍ରେସରେ ମିଶିବାକୁ ଚାହୁଁଥିବା ଜଣାପଡ଼ିଛି। ଶର୍ମିଳା ୱାଇଏସ୍‌ଆର କଂଗ୍ରେସରେ ଥିଲେ। କିନ୍ତୁ ଭାଇ ଜଗନ ମୋହନ ରେଡ୍ଡୀଙ୍କ ସହିତ ତାଙ୍କର ମତାନ୍ତର ହୋଇଥିଲା। ସେ ୨୦୨୧ରେ ସେ ୱାଇଏସ୍‌ଆର କଂଗ୍ରେସ ଛାଡ଼ି ୱାଇଏସ୍‌ଆର ତେଲଙ୍ଗାନା ପାର୍ଟି ଗଠନ କରିଥିଲେ।

▶▶ପୃଷ୍ଠା ୭

## ଏଆଇଏମଆଇଏମ ମୁଖ୍ୟଙ୍କ ନାଁରେ ମାମଲା ରୁଜୁ



ନୂଆଦିଲ୍ଲୀ, ୨/୧ : ହିନ୍ଦୁ ବିରୋଧୀ ବୟାନ ଦେଇ ପୁଣି ବିବାଦରେ ଏଆଇଏମଆଇଏମ ମୁଖ୍ୟ ଅସଦଉଦ୍ଦିନ ଓୱେସୀ। ଓୱେସୀଙ୍କ ବିରୋଧରେ ମାମଲା ରୁଜୁ କରିଛି ହିନ୍ଦୁ ସେନା । ନିକଟରେ ଏକ ଜନସଭାକୁ ସମ୍ବୋଧିତ କରି ଅଯୋଧ୍ୟା ରାମମନ୍ଦିର ବିରୋଧରେ ବିବାଦୀୟ ବୟାନ ଦେବା ସହ ଉସକାଇବା ଭଳି ଭାଷଣ ଦେଇଥିବା ଅଭିଯୋଗ ହୋଇଛି । ଏଆଇଏମଆଇଏମ ମୁଖ୍ୟ କହିଥିଲେ ବାବ୍ରି ମସଜିଦଙ୍କୁ ଜାଣିଶୁଣି ବିଜେପି ସରକାର ମାଟିରେ ମିଶାଇଛନ୍ତି । ଆଗକୁ ଏଭଳି ଅନେକ ମସଜିଦ ଧ୍ୱଂସ କରାଯିବ । ତେଣୁ ବିଜେପି ନେତୃତର କେନ୍ଦ୍ର ସରକାରଙ୍କୁ ସଜାଗ ରହିବାକୁ ମୁସଲିମ ଯୁବକଙ୍କୁ ଅପିଲ କରିଥିଲେ ଓୱେସୀ । ଏଥିସହ ଉସକାଇବା ଭଳି ଭାଷଣରେ ଓୱେସୀ କହିଥିଲେ ଧୀରେ ଧିରେ ସବୁ ମସଜିଦ ହାତରୁ ଯିବ ଓ ଯେଉଁଠି କୋରାନ ପଢ଼ାଯାଉଛି ସେଠି ମନ୍ଦିର ଗଢ଼ି ଉଠିବ। ଦିଲ୍ଲୀରୁ ସୁବର୍ଣ୍ଣ ମସଜିଦ ସହ କିଛି ମସଜିଦ ଭାଙ୍ଗିବା ପାଇଁ ଷଡଯନ୍ତ୍ର ଚାଲିଛି । ଓୱେସୀଙ୍କ ଏଭଳି ବୟାନ ଦେଶରେ ଦଙ୍ଗା ପରିସ୍ଥିତି ସୃଷ୍ଟି କରିବ ବୋଲି ଅଭିଯୋଗ କରି ମାମଲା ରୁଜୁ କରିଛି ହିନ୍ଦୁ ସେନା ।

## ଅଯୋଧ୍ୟାରୁ ଶ୍ରୀକ୍ଷେତ୍ରକୁ ଆସିଲା ନିମନ୍ତ୍ରଣ

ପୁରୀ, ୨/୧ : ପୌଷ ମାସ ଦ୍ୱାଦଶୀ ତିଥିରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଜନ୍ମ ସ୍ଥାନରେ ଶ୍ରୀରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସମାରୋହ ସମ୍ପନ୍ନ କରାଯିବ। ସେଥିପାଇଁ ଆଜି ଅଯୋଧ୍ୟାରୁ ଶ୍ରୀକ୍ଷେତ୍ରକୁ ଆସିଛି ନିମନ୍ତ୍ରଣ ପତ୍ର। ମହୋତ୍ସବରେ ମଠ ମହନ୍ତ ଓ ସେବାୟତଙ୍କୁ ଆମନ୍ତ୍ରଣ କରାଯାଇଛି। ଚିଠି ପାଇବା ପରେ ମଠ ମହନ୍ତ ଓ ସେବାୟତଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି। ଜାନୁଆରୀ ୨୨ ତାରିଖରେ ପ୍ରାଣ ପ୍ରତିଷ୍ଠା କରାଯିବ। ନିମନ୍ତ୍ରଣ ପତ୍ର ସହିତ ଶ୍ରୀଜଗନ୍ନାଥଙ୍କ ପାଖକୁ ଆସିଛି ଗୁଆ, ନଡ଼ିଆ, ପାନ, ପଇତା ଓ ବସ୍ତ୍ର। ପ୍ରାଣ ପ୍ରତିଷ୍ଠା ଉତ୍ସବରେ ସାମିଲ୍? ହେବା ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ସେବକ ଛତିଶା ନିଯୋଗ ନାୟକଙ୍କ ପାଖକୁ ମଧ ଆସିଛି ନିମନ୍ତ୍ରଣ। ୨୨ ତାରିଖରେ ହେବାକୁ ଥିବା ସମାରୋହରେ ଯୋଗଦେବା ପାଇଁ ଅନରୋଧ କରାଯାଇଛି। ଏ ସମ୍ପର୍କରେ ଛତିଶା ନିଯୋଗର ଜନାର୍ଦ୍ଦନ ପଟ୍ଟଯୋଶୀ ମହାପାତ୍ର କହିଛନ୍ତି,

▶▶ପୃଷ୍ଠା ୭

# ବୃଦ୍ଧବୃଦ୍ଧାଙ୍କ ମୁହଁରେ ହସ ଫୁଟାଇଲେ ପିଇଓ

ମାଲକାନଗିରି, ୦୨/୧ (ନି.ପ୍ର): ପୁରୁଣା ଇଂରାଜୀ ବର୍ଷକୁ ବିଦାୟ ଓ ନୂଆ ବର୍ଷକୁ ସ୍ୱାଗତ କରିବା ପାଇଁ କିଏ ହୋଟେଲ ଯାଇ ହଜାର ହଜାର ଟଙ୍କା ବ୍ୟୟ କରୁଛି ତ ଆଉ କିଏ ପିକନିକ୍ ସ୍ଥଳକୁ ଯାଇ ଭୋଜି କରୁଛି। ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଅଶୋକ କୁମାର ମହାରଣା କିନ୍ତୁ ନିଆରା ଢଙ୍ଗରେ ପୁରୁଣା ବର୍ଷକୁ ବିଦାୟ ଓ ନୂତନ ବର୍ଷକୁ ସ୍ୱାଗତ କରିଛନ୍ତି। ବୃଦ୍ଧ ଓ ବୃଦ୍ଧା ମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ ଭିନ୍ନ ଏକ ପ୍ରୟାସ କରିଛନ୍ତି । ଶ୍ରୀ ମହାରଣା ମାଥିଲି ମିନି ଷ୍ଟାଡିଅମ ଠାରେ ମାଥିଲି ପଂଚାୟତର ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ନେଇ ମ୍ୟୁଜିକ୍ ଚେଆର୍ ଖେଳଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ପ୍ରତିଯୋଗିତା କରିଥିଲେ। ଆଦିବାସୀଙ୍କ ପାରମ୍ପରିକ ଗୀତ, ଢ଼େମସା ନାଚରେ ଝୁମିଥିଲେ ବୃଦ୍ଧ, ବୃଦ୍ଧା, ନେତା ଓ ନେତ୍ରୀ ମାନେ । ବୃଦ୍ଧ ଓ ବୃଦ୍ଧାଙ୍କ ପାଇଁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମାଝୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମାଥିଲି ବ୍ଲକ୍ ଅଧକ୍ଷ ମହେଶ କୁମାର ବାକା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମାଥିଲି ସଦର ସରପଂଚ କାନାମ ରାଜୁ ନାୟକ, ମାଥିଲି ପଂଚାୟତସମିତି ସଭ୍ୟ ବାଲରାଜୁ କୋପେ, ବରିଷ୍ଠ ଶିକ୍ଷାବିତ୍ ଶିବପ୍ରସାଦ ପରିଛା, ବରିଷ୍ଠ ନାଗରିକ ଅବଦୁଲ ଗଫାର, ଡ୍ରାଇଭର ମହାସଂଘର ବ୍ଲକ ସଭାପତି କେ.ଶିବାରାଓ, ପଡ଼ୋଶୀ ଖଇରପୁଟ ବ୍ଲକ୍ ମାଡକାପଦର ସମିତିସଭ୍ୟ ଅକ୍ଷୟ ରଞ୍ଜନ ପାଙ୍ଗି ଯୋଗ ଦେଇଥିଲେ । ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ସମସ୍ତ ବୃଦ୍ଧ ଓ ବୃଦ୍ଧା ମାନଙ୍କୁ କମ୍ବଳ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଏମ.ଡି. ଆକବର ମଂଚ ପରିଚାଳନା କରିଥିଲେ । ବୃଦ୍ଧ ଓ ବୃଦ୍ଧା ମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ ଏପରି ପ୍ରତିଯୋଗିତା ଆୟୋଜନ କରିଥିବା ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ମହାରଣାଙ୍କୁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟୁଛି ।

# ବୋରୱେଲରୁ ଉଦ୍ଧାର ଶିଶୁ କନ୍ୟାର ହେଲା ଏକୋଇଶିଆ

ସମ୍ବଲପୁର, ୦୨/୧ (ନି.ପ୍ର): ଜୀବନ ଯୁଦ୍ଧ ରେ ବିଜୟୀ ହୋଇଥିବା ନବଜାତ ଶିଶୁ କନ୍ୟା ବିଜୟିନୀର ଆଜି ବୁର୍ଲା ମେଡିକାଲ ପାଳନ କରିଛି ଏକୋଇଶିଆ। ଯୋଶଦା ହୋଇ ମାଁ ଭଳି ପାଳନ କରିଥିବା ଅନେକ ମା ଆଜି ଖୁସିରେ ବିଭୋର । ହେଲେ ଏପର୍ଯ୍ୟନ୍ତ ତାର ପ୍ରକୃତ ମାଁ ଓ ବାପା କିଏ ଜାଣି ପାରିଲା ନାହିଁ ବିଜୟିନୀ। ଭିମସାର ଏସ୍‌ଏନସିୟୁ ସଜେଇହେଇଛି ବେଲୁନ ସହ ଫୁଲ ମାଳ, ଚାଲିଛି ହୋମ ସହ ପୂଜାର୍ଚ୍ଚନା । ଏ କୌଣସି ଘରର ଦୃଶ୍ୟ ନୁହଁ ଏ ହେଉଛି ବୁର୍ଲା ଭୀମସାର ଏସଏନସିୟୁ ର ଦୃଶ୍ୟ । ଏହି ଏସଏନସିୟୁ ରେ ପାଳନ ଚାଲିଛି ଜଣେ ଶିଶୁ କନ୍ୟାର ଏକୋଇସିଆ ପର୍ବ । ଏହି ଶିଶୁ କନ୍ୟାଟି ଆଉ କେହି ନୁହେଁ ଗତ ୧୨ ଡିସେମ୍ବର ୨୦୨୩ ରେ ଏକ ପରିତ୍ୟକ୍ତ ବୋରୱେଲ ରୁ ରାତି ପ୍ରାୟ ୯ଟା ୪୦ ମିନିଟରେ ବହୁ ପରିଶ୍ରମ କରି ଉଦ୍ଧାର କରାଯାଇଥିବା ଶିଶୁକନ୍ୟା । ଆଉ ସେହିଦିନ ଠାରୁ ଉକ୍ତ ଶିଶୁ କନ୍ୟାର ଭୀମସାର ରେ ଚାଲିଛି ଚିକିତ୍ସା । ଆଜି ଶିଶୁକନ୍ୟା ଟି ର ଏକୋଇଶିଆ । ଆଉ ଏହି ଏକୋଇଶିଆ ପର୍ବ ପୁରା ଭୀମସାର କରୁଛି ପାଳନ । ଜୀବନ ଯୁଦ୍ଧ ରେ ବିଜୟ ହେଇଥିବା ଯୋଗୁଁ ଶିଶୁକନ୍ୟାର ନା ମେଡିକାଲ କର୍ତ୍ତୃପକ୍ଷ ବିଜୟିନୀ ରଖିଲେ ଜୟଶ୍ରୀ ଦୋରା, ଭିମସାର ଅଧକ୍ଷ, ଏଥିସହ ଡକ୍ଟର ଶଙ୍କର ରାମଚନ୍ଦାନି, ସହକାରୀ ପ୍ରଫେସର, ଭିମସାର ପ୍ରଫେସର ସଂଯୁକ୍ତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପର କରିଦେଲା ପରିବାର, ଓ ପର କରିଦେଲେ ବାପା ଓ ମା । ହେଲେ ଆଦରିନେଲା ଭୀମସାର ଆଉ ନାଁ ପାଇଲା ବିଜୟିନୀ । କେବଳ ନାଁ ପାଇନି ବରଂ ଭୀମସାର ର ଡାକ୍ତରଙ୍କ ଠାରୁ ପାଇଲା ସ୍ନେହ, ମମତା ଓ ଆଦର । ଏହାସହ ବିଜୟିନୀ ପାଲଟିଗଲା ପୁରା ଭୀମସାର ର ଝିଅ । ଆଉ ଆଜି ପୂଜାର୍ଚ୍ଚନା ପରେ ବାହାରେ ଥିବା ଅନେକ ମାଁ ମାନଙ୍କୁ କେକ ଦିଆଯାଇ ଖୁସି ବଣ୍ଟା ଯାଇଥିଲା ।

# ନୂଆବର୍ଷ ଉପଲକ୍ଷେ ସୋତିରେ ଗୀତା ଯଜ୍ଞ

କୋରେଇ, ୦୨/୧ (ନି.ପ୍ର): ଗୋଲେଇପୁର ପଂଚାୟତ ଅନ୍ତର୍ଗତ ସୋତି ଗ୍ରାମର ଆରାଧ୍ୟ ଦେବତା ବାବା ଇଶାନେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଇଂରାଜୀ ନବ ବର୍ଷକୁ ସ୍ୱାଗତ ଜଣାଇ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଉକ୍ତ ପରମ୍ପରା ଦୀର୍ଘ ବର୍ଷ ହେବ ସୋତି ଗ୍ରାମର ଗ୍ରାମବାସୀ ମାନେ ପାଳନ କରି ଆସୁଛନ୍ତି। ତେବେ ଉକ୍ତ ଉତ୍ସବରେ ବାବା ଇଶାନେଶ୍ୱରଙ୍କ ନିକଟରେ ନୂତନ ବର୍ଷଟି ଦେଶ ତଥା ରାଜ୍ୟରେ ଶାନ୍ତି ମୈତ୍ରୀ ଆଣିବା ଲାଗି ଗ୍ରାମରେ ଭାଇଚାରା ବୃଦ୍ଧି ନିମନ୍ତେ ସମସ୍ତ ଗ୍ରାମବାସୀ ମାନେ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ସହିତ ଦୀପ ଜାଳିଥିଲେ। ଗ୍ରାମର ବେଦଜ୍ଞ ବାହ୍ମଣ ସୁର୍ଯ୍ୟମଣୀ ପଣ୍ଡା ଓ ରାହାସ ବିହାରୀ ଦାସ ଜିତା ପାଠ କରିଥିବା ବେଳେ ଗ୍ରାମବାସୀ ଅଦେତ୍ୟ ଚରଣ ଦାଶ, ସୁର୍ଯ୍ୟମଣି ସାହୁ, ତପନ କୁମାର ଦାସ, ଉମାକାନ୍ତ ଖଣ୍ଡାଇ, ବଟକୃଷ୍ଣ ମହାପାତ୍ର, ନାରାୟଣ କରଣ, ଅନାମ ମହାପାତ୍ର, ବାବୁଲି ବାରିକ, ହରେକୃଷ୍ଣ ସାହୁ, ବିଷ୍ଣୁ ବାରିକ, ଶିବ ବାରିକ, ପ୍ରଫୁଲ୍ଲ ମାଝୀ, ନାଣ୍ଟୁ ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ପରେ ସମୁହ ପ୍ରସାଦ ସେବନ କରି ଥିଲେ।

# ନିଃସ୍ୱାର୍ଥପର ସେବକ କେବେ ମରେ ନାହିଁ

ବଲାଙ୍ଗୀର, ୦୨/୧ (ନି.ପ୍ର): ଯେଉଁମାନେ ନିଜର ସୁଖ ସୁବିଧା ପରିବାରରେ ଥଇଥାନ ଭୁଲିଯାଇ ସମାଜ ର ବାଧିଜନଙ୍କର ସେବା ରେ ନିଜକୁ ଉତ୍ସର୍ଗ କରି ସୁସ୍ଥ ସମାଜ ନିର୍ମାଣ ରେ ନିଃସ୍ୱାର୍ଥ ସେବା କରନ୍ତି ସେପରି ଲୋକମାନେ କେବେ ମରି ପାରନ୍ତି ନାହିଁ ବୋଲି ବାଧିତ ଜନବନ୍ଧୁ ପ୍ରଭାକର ରଥ ଙ୍କ ୧୦୪ ତମ ଜନ୍ମ ଜୟନ୍ତୀ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ପ୍ରଭାକର ରଥ ସ୍ମୃତି ସମିତି ତରଫରୁ ଆଜି ପୂର୍ବାହ୍ନ ରେ ଟାଉନ ବାଳିକା ବିଦ୍ୟାଳୟରେ ସଭାପତି ଜୟରାମ ମିଶ୍ରଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପ୍ରମେୟ ସଂସ୍କରଣର ପଶ୍ଚିମ ଓଡିଶା ମୁଖ୍ୟ ଅଖିଳ ଚନ୍ଦ୍ର ହୋତା ମୁଖ୍ୟ ଅତିଥି, ମହିଳା ମହାବିଦ୍ୟାଳୟର ଓଡିଆ ଅଧାପକ ରତିକାନ୍ତ ନାଏକ ମୁଖ୍ୟବକ୍ତା ଓ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭା ଆରମ୍ଭର ପ୍ରଭାକର ରଥଙ୍କ ଫଟୋଚିତ୍ରରେ ଧୂପ ଦୀପ ଓ ମାଲ୍ୟାର୍ପଣ କରାଯାଇଥିଲା । ବେଦମନ୍ତ୍ର ପାଠ କରିଥିଲେ ସୃଜନୀ ଶୁଭଲକ୍ଷ୍ମୀ ନାୟକ ଓ ସ୍ୱାଗତ ସଂଗୀତଗାନ କରିଥିଲେ ପ୍ରିୟା ପରିମିତା ମିଶ୍ର । କବି ରତ୍ନମୟ ତ୍ରିପାଠୀ ଅତିଥି ପରିଚୟ କରିଥିବା ବେଳେ ସଂପାଦକ ମଧୁ ସାହୁ ସମିତିର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ଏହି ପାର୍ବଣରେ ଚଉବନ ଥର ରକ୍ତଦାନ କରିଥିବା ଶଙ୍କର ଜୁଏଡ ଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା । ମଦନ ମୋହନ ରଥ ସ୍ମୃତି ସମିତିର କାର୍ଯ୍ୟକ୍ରମ ଉପରେ ମତବ୍ୟକ୍ତ କରିଥିଲେ ।

# କାଗଜକଳ ଶ୍ରମିକମାନଙ୍କ ଯୁଗ୍ମ ଶ୍ରମ କମିଶନରଙ୍କୁ ଦାବିପତ୍ର ପ୍ରଦାନ

ଜୟପୁର, ୦୨/୧ (ନି.ପ୍ର): ସେବା କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ଓ ସଂଘ ପକ୍ଷରୁ ଜୟପୁର ସ୍ଥିତ ଯୁଗ୍ମ ଶ୍ରମ କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜୟପୁର ମୁଖ୍ୟ ଟ୍ରାଫିକ ଛକ ରୁ ଶ୍ରମିକ ମାନେ ବାହାରି ଶ୍ରମ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଯୁଗ୍ମ ଶ୍ରମ କମିଶନର ଓ ଡିଏଲ୍‌ଓ ଙ୍କ ଅନୁପସ୍ଥିତିରେ ସହଯୋଗୀ ଶ୍ରମ ଅଧିକାରୀ ଙ୍କୁ ଦାବିପତ୍ର ଦାବି ପତ୍ର ପ୍ରଦାନ କରିଛନ୍ତି । ଆସନ୍ତା କାଲି ଯୁଗ୍ମ ଶ୍ରମ କମିଶନରଙ୍କୁ ଭେଟି ପୁଣି ଆଲୋଚନା କରାଯିବ ବୋଲି ଶ୍ରମିକ ସଂଘ ସଭାପତି ଶ୍ରୀ ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଦାବିପତ୍ର ରେ ଉଲ୍ଲେଖ ରହିଛି ଯେ ୨୦୨୦ ରୁ ଏ କାରଖାନା ମଦର ଆର୍ଥ କମ୍ପାନୀ କୁ ବିକ୍ରି ହେଲା ପରେ ଗତ ଚାରିବର୍ଷ ରେ ନୂଆ କମ୍ପାନୀ ୨୦୮ କୋଟି ଟଙ୍କା ଋଣ ନେଇଛି କିନ୍ତୁ କାରଖାନା ଆଜି ପର୍ଯ୍ୟନ୍ତ ଠିକ୍ ଭାବେ ଚାଲି ପାରିଲା ନାହିଁ । ୨୦୨୩ ମାର୍ଚ୍ଚ ୧୭ ତାରିଖରେ ମ୍ୟାନେଜମେଂଟ ଡିଏଲସି ଙ୍କୁ ଲିଖିତ ଭାବେ ଦେଇଥିଲା ଯେ ଚାରି ମାସ ମଧ୍ୟରେ ମୃତ ଶ୍ରମିକଙ୍କ ପରିବାରକୁ ଗ୍ରାଚ୍ୟୁଇଟି ପାଉଣା ଦେଇଦେବ । କିନ୍ତୁ ଆଜି ପର୍ଯ୍ୟନ୍ତ ଚାରି ଭାଗରୁ ଭାଗେ ମଧ୍ୟ ମିଳିଲା ନାହିଁ । ବର୍ତ୍ତମାନ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ଚାରି ମାସ ହେଲା ଦରମା ନାହିଁ । କାଗଜ କଳ ଠିକ୍ ଚାଲୁଛି । କିନ୍ତୁ କଂଚାମାଲ କେମିକାଲ ଅଭାବରୁ ଅଧିକାଂଶ ସମୟ କାରଖାନା ବନ୍ଦ ରହୁଛି । ଅନ୍ୟ ଦିଗରେ ଶ୍ରମିକ ମାନଙ୍କ ଦରମା ଓ ସର୍ଭିସ୍ କଣ୍ଡିସନ୍ କାଟିବା ରେ ଲାଗିଛି । ଦରମା ସ୍ଲିପ୍ , ପି ଏଫ୍ ସ୍ଲିପ୍ ମଧ୍ୟ ଏତେବଡ଼ କାରଖାନା ରେ ମିଳୁନାହିଁ । କେତେ ଦରମା କାଟିଛି କେହି ଜାଣି ପାରୁ ନାହାଁନ୍ତି । ଗତ ଚାରିବର୍ଷ ମଧ୍ୟରେ ଅନେକ ବିସଙ୍ଗତି ସୃଷ୍ଟି ହୋଇଛି ତା'ର ସମାଧାନ ପାଇଁ ମ୍ୟାନେଜମେଂଟ ର କୌଣସି ପଦକ୍ଷେପ ନାହିଁ । ଯେତେବେଳେ ବି ଶ୍ରମ ବିଭାଗ ରେ ଆଲୋଚନା ହେଉଛି ମ୍ୟାନେଜମେଂଟ କଥାବାର୍ତ୍ତା କରିବ ବୋଲି କହି ପରେ ଫାଙ୍କି ମାରୁଛି । ଗ୍ରାଚ୍ୟୁଇଟି କେସ୍ ଅର୍ଡର୍ ହେବା ପରେ ମଧ୍ୟ ମ୍ୟାନେଜମେଂଟ ଦେଉନି କି ଶ୍ରମ ଯୁଗ୍ମ କମିଶନର କୌଣସି ଦୃଢ଼ ଆଇନଗତ ପଦକ୍ଷେପ ନେଉ ନାହାଁନ୍ତି । ଏଭଳି ସ୍ଥଳେ କାରଖାନା ର ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ପାଇଁ ଯୁଗ୍ମ ଶ୍ରମ କମିଶନର ତୁରନ୍ତ ମିଳିତ ବୈଠକ ଡକେଇବା ପାଇଁ ୟୁନିଅନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ର ନକଲ ରାଜ୍ୟ ମୁଖ୍ୟ ଶାସନ ସଚିବ, ଫାଇଭ୍ ଟି ଚେୟାରମ୍ୟନ୍, ଶ୍ରମ ମନ୍ତ୍ରୀ, ଶ୍ରମ କମିଶନର ଙ୍କୁ ଦିଆଯାଇଛି । ଏହାର ନକଲ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକଙ୍କୁ ମଧ୍ୟ ଦିଆଯାଇଛି। ଆଜିର ବିକ୍ଷୋଭ ଶୋଭାଯାତ୍ରା ଓ ସଭା କୁ ମିଳିତ କ୍ରିୟାନୁଷ୍ଠାନ କମିଟି ର ଅଧକ୍ଷ ଶ୍ରୀ ଯୁଧିଷ୍ଠିର ରାଉଳ, ଶ୍ରମିକ ସଂଘ ସଭାପତି ଶ୍ରୀ ପ୍ରମୋଦ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଶ୍ରୀ ପ୍ରଦୀପ ପାଞ୍ଜିଆ , ସମ୍ପାଦକ ଶ୍ରୀ ବନମାଳୀ ପାତ୍ର, ନାରାୟଣ ଦାଶ , ବସନ୍ତ ବେହେରା, ପ୍ରମୋଦ ତିୱାରୀ, ଅଲେଖ ପାତ୍ର, କେ ସତ୍ୟନାରାୟଣା, ଉମା ଶତପଥି, ପ୍ରହଲ୍ଲାଦ ମଲ୍ଲିକ, ବିଚିତ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# କନ୍ଧମାଳରେ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ସଚେତନତା ରଥ ଉଦ୍‌ଘାଟନ

କନ୍ଧମାଳ, ୦୨/୧ (ନି.ପ୍ର): ଦେଶ, ରାଜ୍ୟ ତଥା ଜିଲ୍ଲାରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ଦିନକୁ ଦିନ ବଢ଼ିବାରେ ଲାଗିଛି । କନ୍ଧମାଳ ଜିଲ୍ଲାରେ ମଧ ପୂର୍ବାପେକ୍ଷା ମୃତ୍ୟୁ ହାର ବୃଦ୍ଧି ପାଉଛି । ଏହି ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାକୁ କମାଇବା ପାଇଁ ଓଡ଼ିଶା ସରକାରଙ୍କ ପରିବହନ ବିଭାଗର ନିର୍ଦ୍ଦେଶ କ୍ରମେ ଆଜି ଠାରୁ ଚଳିତ ମାସ ୭ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ଏହାକୁ ସଫଳ କରିବାପାଇଁ ଜନସାଧାରଣଙ୍କୁ ନିବେଦନ କରାଯାଉଛି । ଏହି କ୍ରମରେ କନ୍ଧମାଳ ଜିଲ୍ଲାର ଜନସାଧାରଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ଏଲ୍.ଇ.ଡି. ଭ୍ୟାନ୍ କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ଜିଲ୍ଲା ପରିକ୍ରମା କରିବ । କନ୍ଧମାଳ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ୍ ଓ କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ ପାତ୍ର, ଉଭୟ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସଡ଼କ ସୁରକ୍ଷା ସପ୍ତାହର ବାର୍ତ୍ତା '' ସଡ଼କ ସୁରକ୍ଷା, ପରିବାର ରକ୍ଷା '' ରଖାଯାଇଛି । ଜନସାଧାରଣ ରାସ୍ତାରେ ଯାନବାହାନ ଚଳାଚଳ କରିବା ସମୟରେ ନିୟମ ଗୁଡ଼ିକୁ ଅନୁପାଳନ କରି ସୁରକ୍ଷିତ ରହିବାକୁ କୁହାଯାଇଛି । ଦୁଇଚକିଆ ମୋଟରଯାନର ଚାଳକ ଏବଂ ପଛରେ ବସିଥିବା ବ୍ୟକ୍ତି ହେଲମେଟ ବ୍ୟବହାର କରିବା ନିହାତି ଆବଶ୍ୟକ । ନିୟମ ଗୁଡ଼ିକ ମଧ୍ୟରେ, ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା, ଅନ୍ୟ ଯାନ ସହ ପ୍ରତିଯୋଗିତା କରିବା, ନିଶା ସେବନ କରି ଗାଡ଼ି ଚଳାଇବା, ମୋବାଇଲ୍ ଫୋନ୍ ବ୍ୟବହାର କରି ଗାଡ଼ି ଚଳାଇବା, ୧୮ ବର୍ଷ ବୟସରୁ କମ୍ ବୟସର ପିଲାଙ୍କୁ ଗାଡ଼ି ଚଳାଇବାକୁ ଦେବା, କ୍ଷମତା ଠାରୁ ଅଧିକ ଯାତ୍ରୀ ନେବା କିମ୍ବା ଅଧିକ ଓଜନର ଦ୍ରବ୍ୟ ନେବା ଆଦିକୁ ବାରଣ କରାଯାଇଛି ବୋଲି କନ୍ଧମାଳ ଆଂଚଳିକ ପରିବହନ ପ୍ରାଧିକରଣ ଶିଶିର କୁମାର ସାହୁ ଜଣାଇଛନ୍ତି । ଆଜିର ଏହି ଶୋଭାଯାତ୍ରରେ, ନେହେରୁ ଯୁବ କେନ୍ଦ୍ର, ଟିମ୍ ହ୍ୟୁମାନିଟି, ପୋଲିସ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ଗଣମାଧମର ପ୍ରତିନିଧିମାନେ ଯୋଗଦେଇଥିଲେ ।

# ୨୮ତମ ଗୋପିନାଥ ଜୀଉ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

କୋରେଇ, ୦୨/୧ (ନି.ପ୍ର): ପଥରପଦା ପଂଚାୟତ ଅନ୍ତର୍ଗତ ଓଟିନ୍ଦା ଗ୍ରାମରେ ୨୮ତମ ଗୋପିନାଥ ଜୀଉ କ୍ରିକେଟ ପ୍ରତିଯୋଗୀତା ନୂଆବର୍ଷରେ ଉଦ୍ଘାଟିତ ହୋଇଛି । ଏହି ପ୍ରତିଯୋଗୀତାରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି । ଆଜି ଉଦ୍ଘାଟନୀ ମ୍ୟାଚ ଧନପୁର ବନାମ ଭୋଟକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଟୁର୍ଣ୍ଣାମେଂଟକୁ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁବାସ ଧଳ ଯୋଗଦେଇ ମ୍ୟାଚ ଉଦ୍ଘାଟନ କରିଥିଲେ । ପ୍ରଥମାର୍ଦ୍ଧରେ ଭୋଟକା ଟସ ଜିଣି ବୋଲିଙ୍ଗ କରିବାର ନିଷ୍ପତି ନେଇଥିଲା । ନିର୍ଦ୍ଧାରିତ ୧୦ ଓଭରରେ ଧନପୁର ୫ ୱିକେଟ ହରାଇ ୯୦ ରନ ସଂଗ୍ରହ କରିଥିଲା । ଜବାବରେ ଭୋଟକା ୧୦ ଓଭରରେ ୫ ୱିକେଟ ହରାଇ ୫୩ ରନ କରି ପରାଜିତ ହୋଇଥିଲା । ଦିତୀୟାର୍ଦ୍ଧରେ ଓଟିନ୍ଦା ବନାମ କୋରେଇ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଓଟିନ୍ଦା ଟସ ଜିଣି ବୋଲିଂଙ୍ଗ କରିବାର ନିଷ୍ପତି ନେଇଥିଲା । କୋରେଇ ୮ଓଭରରେ ସମସ୍ତ ୱିକେଟ ହରାଇ ୭୨ ରନ ସଂଗ୍ରହ କରିଥିଲା । ଜବାବରେ ଓଟିନ୍ଦା ୮ ଓଭରରେ ୨ ୱିକେଟ ହରାଇ ୭୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ତୃତୀୟ ତଥା ପ୍ରଥମ ସେମିଫାଇନାଲ ମ୍ୟାଚ ଓଟିନ୍ଦା ବନାମ ଧନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚ ଶେଷରେ ଓଟିନ୍ଦାକୁ ହରାଇ ଧନପୁର ଫାଇନାଲକୁ ପ୍ରବେଶ କରିଛି । ଏହି ମ୍ୟାଚକୁ ରୁଦ୍ର ଦାସ ଓ ସୁରେନ୍ଦ୍ର ପୁରୀ ପରିଚାଳନା କରିଥିବା ବେଳେ ପ୍ରଦ୍ୟୁମ୍ନ କୁମାର ପୁରୀ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ସ୍କୋରର ଭାବେ ଯଶୋବନ୍ତ ଓଝା ସ୍କୋରର ଭାବେ ଯୋଗଦେଇଥିଲେ । ଅପରାହ୍ଣରେ ଅତିଥି ଭାବେ ଆର୍ଶିବାଦ ଆଗ୍ରୋ ପଡକ୍ଟ ମ୍ୟାନେଜର ଶରତ ଚନ୍ଦ୍ର ଦାଶ ଯୋଗଦେଇ ବିଜୟୀ ଦଳଙ୍କୁ ପୁରସ୍କୃତ କରିଥିଲେ । ସତିସ ଧଳ, ପ୍ରକାଶ ମଲ୍ଲିକ, ଆଲୋକ ବେହେରା, ଶିବ ପ୍ରସାଦ ଗିରି, ସୁବାସ ପୁରୀ, ଅୟୋଜ୍ୟୋତି ସାମଲ, ମଦନ ମୋହନ ଜେନା, ଅକ୍ଷୟ ସାମଲ, ଉମେଶ ପୁରୀ, ଲମ୍ବୋଦର ବେହେରା, ପରମେଶ୍ୱର ନାୟକ, ଶଙ୍କର୍ଷଣ ମଲିକ, ଅମୂଲ୍ୟ ମଲିକ ସମେତ ସମସ୍ତ ସଦସ୍ୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୦୨/୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ସୁବର୍ଣ୍ଣପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୁବର୍ଣ୍ଣପୁର ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୦୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିବା ବେଳେ ତନ୍ମଧ୍ୟରେ ୦୬ ଗୋଟି ବ୍ୟକ୍ତିଗତ ଓ ୦୧ ଗୋଟି ସାମୁହିକ ଦରଖାସ୍ତ ରହିଥିବା ବେଳେ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ ସୋନପୁର ଶ୍ରୀ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ପି ଡି ଡୁଡା ବାରିକ, ଜିଲ୍ଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ କୁମାର ମେହେର , ଉପଜିଲ୍ଲାପାଳ ସୋନପୁର. ଡ଼ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଓ ଚିକିତ୍ସାଧିକାରୀ ଡ଼ଃ ଦୁର୍ଗା ପ୍ରସାଦ ଦାଶ, ଅଧିକ୍ଷକ ଯନ୍ତ୍ରୀ ପି ଡବ୍ଲୁ ଡି ଇଂ ଦାମୋଦର କୈବର୍ତ୍ତ, ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ , ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ. ଡି ଡବ୍ଲୁ ଓ ଅଚ୍ୟୁତାନନ୍ଦ ସିଂ., ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜ୍ଜୁନ ଚରଣ ମାଝୀ, ନିର୍ବାହୀ ଯନ୍ତ୍ରୀ ଟିପି ଓ ଡବ୍ଲୁ ଓ ଡି ଏଲ ଅଶୋକ ମିଶ୍ର, ନିର୍ବାହୀ ଯନ୍ତ୍ରୀ ଏଲ ଆଇ ଇଂ ପ୍ରଫୁଲ୍ଲ ବେହେରା, ତହସିଲଦାର ସୋନପୁର ଡ.ସୋମ୍ୟାରୁପା ରଥ , ଶ୍ରୀ ମନୋରଞ୍ଜନ ପଣ୍ଡା, ନିର୍ବାହୀ ଅଧିକାରୀ ପୌର ପରିଷଦ ସୋନପୁର ତଥା ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲ।

# ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ କେନ୍ଦ୍ରାପଡାରେ ବିଶ୍ୱ ପାର୍ଥନା ଦିବସ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୦୨/୧ (ନି.ପ୍ର): ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ କେନ୍ଦ୍ରାପଡା ସମେତ ସାରା ଦେଶରେ ସର୍ବଧର୍ମ ବିଶ୍ୱ ପ୍ରାର୍ଥନା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କେନ୍ଦ୍ରାପଡାର ଆରାଧ ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ରଥଦାଣ୍ଡରେ ଦିବ୍ୟଜୀବନ ସଂଘ ଶିବାନନ୍ଦ ଆଶ୍ରମ, ଗରାପୁରର ଅଧକ୍ଷା ଶ୍ରୀମା' ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପୌରହିତ୍ୟରେ ଇଂରାଜୀ ନବବର୍ଷର ପ୍ରଥମ ଦିନରେ ପ୍ରାତଃ ୭ ଘଟିକା ସମୟରେ ସର୍ବଧର୍ମ ବିଶ୍ୱ ପ୍ରାର୍ଥନା ଦିବସ ପାଳିତ ହୋଇଯାଇଛି । ଏଥିନିମନ୍ତେ ଅନୁଷ୍ଠିତ ସଭାରେ ଉପସ୍ଥିତ ସମସ୍ତ ପ୍ରାର୍ଥନାପ୍ରେମୀ ଲୋକମାନେ ଯୋଗଦେଇ ସମବେତ ପ୍ରାର୍ଥନା କରିବା ସହିତ ବିଶ୍ୱର ସମସ୍ତ ଜୀବ ମାନଙ୍କ ଦୁଖ ଦୁର ପାଇଁ ବଡ ଠାକୁରଙ୍କୁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଶ୍ରୀମା' ପ୍ରାର୍ଥନା ସମସ୍ତଙ୍କୁ ଶାନ୍ତି, ସୌହାର୍ଦ୍ଦ୍ୟ ଓ ଶକ୍ତି ପ୍ରଦାନ କରେ ବୋଲି ମତବ୍ୟକ୍ତ କରି ଜାନୁୟାରୀ ମାସ ପ୍ରଥମ ଦିବସକୁ ସାରା ବିଶ୍ୱ ପ୍ରାର୍ଥନା ଦିବସ ରୂପେ ପାଳନ କରୁ ବୋଲି ବିଶ୍ୱବାସୀଙ୍କୁ ଆହ୍ୱାନ ଦେଇଥିଲେ । ଏଭଳି ପ୍ରୟାସ ବିଗତ ୫ ବର୍ଷ ଧରି ଚାଲିଆସିଥିବା ସହ ଚଳିତ ବର୍ଷ କେନ୍ଦ୍ରାପଡାର ଗରାପୁର, କପାଳେଶ୍ୱର, କୋରୋ, ଧୂମାତ, ପିଙ୍ଗଳ ଦିବ୍ୟଜୀବନ ଆଶ୍ରମ ସହିତ ଆମ ରାଜ୍ୟର ସମସ୍ତ ଦିବ୍ୟ ଜୀବନ ସଂଘ ଶିବାନନ୍ଦ ଆଶ୍ରମରେ ଏବଂ ଯାଜପୁର ଜିଲ୍ଲାର ନିଆଳି ମେରିବଟ ଓ ଚାରିନଙ୍ଗଳ, କଟକ, ଭୁବନେଶ୍ୱର, ପୁରୀର ଶରଧାବାଲି ମୁକ୍ତାକାଶ ରଙ୍ଗମ ସହିତ ଗୁଜୁରାଟର ଅହମଦାବାଦ୍, ଦିଲ୍ଲୀର କୋଟଲା ଜଗନ୍ନାଥ ମନ୍ଦିର ସମେତ ସାରା ଦେଶରେ ପ୍ରାୟତଃ ସକାଳ ୭ଘଟିକାରେ ସର୍ବଧର୍ମ ପ୍ରାର୍ଥନା ସଭା ପାଳନ ହୋଇଯାଇଛି ବୋଲି ଶ୍ରୀମା' ମତ ରଖିଥିଲେ । ଏହି ସଭାରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ବିଜେଡି ରାଜ୍ୟ ଉପସଭାନେତ୍ରୀ ଜ୍ୟୋସ୍ନା ପରିଡା, ସୁମିତ୍ରା ପାଢୀ, ଗାୟତ୍ରୀ ମହାନ୍ତି, ରୀତାଞ୍ଜଳି ନାଥ, ପାର୍ବତୀ ନାୟକ, ଡଃ. କାଳୀ ପ୍ରସନ୍ନ ଶତପଥୀ, ମୁକ୍ତାର ଖାଁ, ଗବେଷକ ନିରଞ୍ଜନ ମେକାପ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ସାହିତ୍ୟିକ ଡଃ. ବାସୁଦେବ ଦାସ, ଅଜୟ ସାମଲ, ସୌଭାଗିନୀ ମହାପାତ୍ର, ଶ୍ରୀଧର କୁମାର ମହାନ୍ତି, ଶିକ୍ଷାବିତ ମନୋରଞ୍ଜନ ତ୍ରିପାଠୀ, ସତ୍ୟବ୍ରତ ସିଂ, ନୃସିଂହ ତ୍ରିପାଠୀ, ଦେବେନ୍ଦ୍ର ନାଥ ସାମନ୍ତ, ସୁଶିଲ ସୁତାର, ଶ୍ରୀବଳଦେବଜୀଉ ଟ୍ରଷ୍ଟବୋର୍ଡର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ବ୍ଲକ ଉପାଧକ୍ଷ ପ୍ରତାପନାରାୟଣ ମହାପାତ୍ର, ଶରତ ସାହୁ, କରୁଣାକର ଦାସ, ସଞ୍ଜୟ ଜେନା, ପାର୍ଥସାରଥୀ ବେହେରା, ଗଗନବିହାରୀ ସିଂହ, ଶିବାନୀ, ବାବା ନୃସିଂହନାଥ ଦାସ, ଶ୍ରୀଜୀଉଙ୍କ ମନ୍ଦିରର ବଡପଣ୍ଡା ଓ ସେବାୟତମାନେ, ଦିବ୍ୟ ଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ସମସ୍ତ ଗୁରୁଭାଇ ଓ ଭଉଣୀ, ଜିଲ୍ଲାର ସମସ୍ତ ବିଭୁ ପ୍ରେମୀ ଓ ପ୍ରାର୍ଥନାକୁ ଭଲ ପାଉଥିବା ବ୍ୟକ୍ତି ବିଶେଷ ଯୋଗ ଦେଇ ପ୍ରାର୍ଥନା କରିଥିଲେ । ଏହି ସଭାକୁ ବଳଦେବ ସେନାର ସଭାପତି ପୁନୁନ କୁମାର ସ୍ୱାଇଁ, ସମ୍ପାଦକ ଅମର କୁମାର ବାରିକ ଓ ସମସ୍ତ ସଦସ୍ୟ ପ୍ରମୁଖ ପରିଚାଳନା କରିଥିଲେ ।

# ବେଣ୍ଟ ଶିକାର ହେଲା କାଳ: ନାକରେ ପଶିଲା ତୀର

ମାଲକାନଗିରି, ୦୨/୧ (ନି.ପ୍ର): ନାବାଳକ ନାକରେ ପଶିଲା ତୀର । ଆଦିବାସୀଙ୍କ ବେଣ୍ଟ ପରମ୍ପରା ହେଲା କାଳ । ଶିକାରକୁ ଯାଇଥିବା ବେଳେ ୯ ବର୍ଷର ନାବାଳକ ନାକରେ ଧନୁତୀର ପଶିଯାଇଛି । ନାବାଳକଙ୍କୁ ଗୁରୁତର ଅବସ୍ଥାରେ ଗତକାଲି ରାତିରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଅସ୍ତ୍ରୋପଚାର ପରେ ତୀରଟି ବାହାର କରାଯାଇଛି । ପିଲାଟି ଏବେ ବିପଦ ମୁକ୍ତ ରହିଛି । ଗତକାଲି ଖଇରପୁଟ ଅଂଚଳର ନାବାଳକ ଜଣଙ୍କ ଶିକାର ପାଇଁ ଯାଇଥିବା ବେଳେ ଏଭଳି ଅଘଟଣର ଶିକାର ହୋଇଥିଲେ । ତାଙ୍କୁ ପ୍ରଥମେ ଖଇରିପୁଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରବର୍ତ୍ତୀ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା !

# କେନ୍ଦ୍ରାପଡ଼ାରେ ମିଳିତ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା, ୦୨/୧ (ନି.ପ୍ର): କେନ୍ଦ୍ରାପଡ଼ା ମୁନିସିପାଲିଟି ଟାଉନ୍‌ହଲ୍ ଠାରେ ମିଳିତ ଅଭିଯୋଗ ଶୁଣାଣି ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ସନ୍ଦୀପ୍ ସମ୍ପଦ୍ ମଡକର୍, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ତହସିଲ୍‌ଦାର ତାପସ ରଞ୍ଜନ ଦେହୁରୀ ଓ ବିଡିଓ ବନ୍ଦନା ଖଟୁଆ ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଂଟ୍‌ର ନିର୍ବାହୀ ଯନ୍ତ୍ରୀ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ଆଜିର ଅଭିଯୋଗ ଶୁଣାଣିରେ ମୋଟ୍ ୪୨ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୩ ଗୋଟି ସାମୁହିକ ଅଭିଯୋଗ ଏବଂ ୩୯ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବିଜୁ ପକ୍କାଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ୍‌କାର୍ଡ଼ ପ୍ରଦାନ, ଡାକଘର ସଂଚୟ ଯୋଜନାରେ ଥିବା ଜମାରାଶିର ସମ୍ପୂର୍ଣ୍ଣ ଉଠାଣ, ଗଛ କଟା, ଜମି ବିବାଦ, ସରକାରୀ-ବେସରକାରୀ ଜମି ସୀମା ନିର୍ଦ୍ଧାରଣ ଇତ୍ୟାଦି ଦରଖାସ୍ତ ଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ଚିକିତ୍ସା ସହାୟତା ପାଇଁ ପିକରାଳିର ସସ୍ମିତା ଦାସଙ୍କୁ ୧୫ ହଜାର ଓ ଗଙ୍ଗାରାମପୁରର କରୁଣାକର ମାଝୀଙ୍କୁ ୬ ହଜାର ଟଙ୍କା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି। ସେହିପରି ରେଡ୍ କ୍ରସ୍ ପାଣ୍ଠିରୁ ଚିକିତ୍ସା ବାବଦକୁ ରଘୁନାଥପୁରର ମନୋରମା ପରିଡ଼ାଙ୍କୁ ୭ହଜାର, ବଡ଼ ଗାଁର ଦର୍ଶନୀ ପ୍ରଧାନଙ୍କୁ ୬ ହଜାର, ସରସ୍ୱତୀପୁରର କାମିନୀପ୍ରଭା ସାମଲଙ୍କୁ ୮ହଜାର, ବାସୁଦେଇପୁରର ସୁଲୋଚନା ଦାସଙ୍କୁ ୮ହଜାର ଟଙ୍କା ଅର୍ଥ ରାଶି ମଞ୍ଜୁର କରିଥିବା ବେଳେ ଉଚ୍ଚଶିକ୍ଷା ପାଇଁ ଅଙ୍ଗୁଳାଇର ସତ୍ୟରଞ୍ଜନ ଦାସଙ୍କୁ ୧୦ ହଜାର, ରଘୁନାଥପୁରର ନମିତା ବେହେରାଙ୍କୁ ୮ହଜାର ଜିଲ୍ଲାପାଳ ମଞ୍ଜୁର କରିଛନ୍ତି।

# ପୁରୀ ଭକ୍ତ ନିବାସରେ ଓଟିଡିସି ପକ୍ଷରୁ ନିରାମିଷ ଭୋଜନାଳୟ

ପୁରୀ, ୦୨/୧ (ନି.ପ୍ର): ପୁରୀର ନୀଳାଦ୍ରି ଭକ୍ତ ନିବାସ, ଗୁଣ୍ଡିଚା ଭକ୍ତ ନିବାସ, ନୀଳାଚଳ ଭକ୍ତ ନିବାସ ଓ ପୁରୁଷୋତମ ଭକ୍ତ ନିବାସରେ ନିରାମିଷ ଭୋଜନାଳୟର ବ୍ୟବସ୍ଥା ଓଟିଡିସି ବା ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ କରାଯିବ ବୋଲି ସୂଚନା ଦିଆଯାଇଛି। ଆଜି ଅପରାହ୍ନରେ ପୁରୁଷୋତମ ଭକ୍ତ ନିବାସ ଠାରେ ଓଟିଡିସି ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗଣମାଧମ ପ୍ରତିନିଧିମାନଙ୍କୁ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି ଯେ, ପୁରୀ ଯେହେତୁ ଏକ ପ୍ରସିଦ୍ଧ ଧାର୍ମିକ କ୍ଷେତ୍ର ଏଠାକୁ ଆସୁଥିବା ଶ୍ରଦ୍ଧାଳୁ ଓ ଭକ୍ତ ମାନଙ୍କ ମଧ୍ୟରେ ସାତ୍ୱିକ ଭୋଜନ ପାଇଁ ଆଗ୍ରହ ରହିଥାଏ। ତେଣୁ ସେମାନଙ୍କ ଚାହିଦା ମେଂଟାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଓଟିଡିସି ସହଭାଗିତାରେ ଶ୍ରୀମନ୍ଦିରର ୪ଟି ଯାକ ଭକ୍ତ ନିବାସରେ ନିରାମିଷ ଭୋଜନାଳୟର ବ୍ୟବସ୍ଥା ହୋଇଛି ।ଓଡିଆ ଖାଦ୍ୟ ପରିବେଷଣ ସହ ପାର୍ବଣ ମାନଙ୍କରେ ପାରମ୍ପରିକ ସୁସ୍ୱାଦୁ ଖାଦ୍ୟ ମଧ୍ୟ ପରିବେଷିତ ହେବାର ବ୍ୟବସ୍ଥା ଅଛି। ସେହିପରି ଟ୍ରାଭେଲ ଡେସ୍କ ମାଧମରେ ପର୍ଯ୍ୟଟନ ପାଇଁ ଟିକେଟ ବ୍ୟବସ୍ଥା ରହିବ ଯାହା ଫଳରେ ପର୍ଯ୍ୟଟକ ମାନେ ହଇରାଣ ବା ଠକାମୀରୁ ବର୍ତି ପାରିବେ ବୋଲି ଶ୍ରୀ ଦାସ ସୂଚନା ଦେଇଥିଲେ। ଓଟିଡିସିର ଅଧକ୍ଷ ଡ଼ଃ. ଲେନିନ ମହାନ୍ତି ଓଟିଡିସି ଓ ଶ୍ରୀମନ୍ଦିର ପ୍ରଶାସନର ମିଳିତ ସହଯୋଗରେ ଯାତ୍ରୀ ମାନଙ୍କୁ ଭଲ, ସୁସ୍ୱାଦୁ ଓ ଉଚିତ ମୂଲ୍ୟରେ ସାତ୍ୱିକ ନିରାମିଷ ଖାଦ୍ୟ ଯୋଗାଇ ଦିଆଯିବ । ଶ୍ରୀମନ୍ଦିର ପ୍ରଶାସନ ଓଟିଡିସି ଉପରେ ଭରସା ରଖିଥିବାରୁ ତାଙ୍କୁ ଧନ୍ୟବାଦ ଦେବା ସହ ତାଙ୍କ ବିଶ୍ୱାସକୁ ବଜାୟ ରଖିବୁ ବୋଲି ସେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଦୂର୍ଗା ପ୍ରସାଦ ଦାସମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର, ମାଧବ ଚନ୍ଦ୍ର ପୂଜାପଣ୍ଡା, ଅନନ୍ତ ତିଆଡି, ଶ୍ରୀମନ୍ଦିର ପ୍ରଶାସକ ଉନ୍ନୟନ ଅଜୟ କୁମାର ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଓଟିଡିସିର ସାଧାରଣ ପରିଚାଳକ ଡ଼ଃ. ଲଲାଟେନ୍ଦୁ ସାହୁ, ରାଜସ୍ୱ ଉପ ପ୍ରଶାସକ ପ୍ରମୋଦ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ଏହି ବ୍ୟବସ୍ଥା ଦ୍ୱାରା ଭକ୍ତ ଓ ଶ୍ରଦ୍ଧାଳୁ ମାନେ ବିଶେଷ ଉପକୃତ ହୋଇପାରିବେ ବୋଲି କହିଥିଲେ। ପୁରୀ ପାନ୍ଥନିବାସର ପରିଚାଳକ ଚନ୍ଦ୍ରକାନ୍ତ ଦାସ ଓ କର୍ମଚାରୀ ମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ବାର୍ଦ୍ଧକ୍ୟଜନିତ ଚକ୍ଷୁରୋଗ



ଶରୀରର କେତୋଟି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ମଧ୍ୟରେ ଚକ୍ଷୁ ଅନ୍ୟତମ। ଶେଯ ଛାଡ଼ିବା ଠାରୁ ପୁଣି ଶେଯକୁ ଯିବା ପର୍ଯ୍ୟନ୍ତ ଚକ୍ଷୁ ଦୁଇଟି କାମରେ ଲାଗିଥାନ୍ତି। ଫଳରେ ଏହାକୁ ସବୁଦିଗରୁ ସୁସ୍ଥ ରଖିବା ନିହାତି ଆବଶ୍ୟକ। ହେଲେ ବାର୍ଦ୍ଧକ୍ୟାବସ୍ଥାରେ ଚକ୍ଷଲାରେ କେତେକ ରୋଗ ହେବାର ଆଶଙ୍କା ଥିବାରୁ ଏଥିପ୍ରତି ବିଶେଷ ଯତ୍ନବାନ ହେବାକୁ ପଡ଼ିଥାଏ। ନଚେତ୍ ଏ ଦୁନିଆ ସବୁଦିନ ପାଇଁ ପାଲଟିଯିବ ଅନ୍ଧାର ଆଉ ଅନ୍ଧାର।

ଚାଳିଶା: ମନୁଷ୍ୟକୁ ଚାଳିଶ ବର୍ଷ ହେଲେ ଚକ୍ଷୁରେ ପ୍ରଥମେ ବାର୍ଦ୍ଧକ୍ୟର ଲକ୍ଷଣ ପ୍ରକାଶ ପାଇଥାଏ। ଚକ୍ଷୁରେ ଥିବା ସିଲିଆରୀ ମାଂସପେଶୀରେ ଦୁର୍ବଳତା ଦେଖାଯିବା ସହ ଚକ୍ଷୁର ଲେନ୍ସରେ କଠିନତା ସୃଷ୍ଟି ହୋଇ ଆକୋମୋଡେସନରେ ଦୁର୍ବଳତା ଦେଖାଯାଏ। ଫଳରେ ନିକଟ ଜିନିଷ କ୍ରମେ କ୍ରମେ ସ୍ୱଚ୍ଛ ଭାବେ ଦେଖାଯାଏ ନାହିଁ। ବ୍ୟକ୍ତିଜଣକ ବହିର ଅକ୍ଷର ସହଜରେ ପଢ଼ି ନପାରି ଅଧିକ ଆଲୁଅରେ ପଢ଼ିବାକୁ ସକ୍ଷମ ହୋଇଥାଏ।



ହେଲେ ଏପରି ଦେଖିବା ଦ୍ୱାରା ଆଖି କ୍ଲାନ୍ତି ଅନୁଭବ କରିଥାଏ। ଏଥିଯୋଗୁଁ ମୁଣ୍ଡବିନ୍ଧା, ଆଖିରେ ଆଲୁଅ ଉଠିବା, ଆଖି କୁଣ୍ଡାଇ ହେବା ଆଦି ଲକ୍ଷଣ ପ୍ରକାଶ ପାଇଥାଏ।

ଚିକିତ୍ସା: ଏହିସବୁ ଲକ୍ଷଣ ପ୍ରକାଶ ପାଇବା ଦ୍ୱାରା ତୁରନ୍ତ ବିଶେଷଜ୍ଞଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା କରାଇ ଚଷମା ବ୍ୟବହାର କଲେ ଏହି ଅସୁବିଧା ସହଜରେ ଦୂର ହୋଇଥାଏ। ମନେ ରଖିବାକୁ ହେବ ଯେ, ବର୍ଷେ ବା ଦେଢ଼ବର୍ଷରେ ଥରେ ଚଷମା ବଦଳାଇବା ଉଚିତ।

ମୋତିଆବିନ୍ଦୁ: ମୋତିଆବିନ୍ଦୁ କହିଲେ, ଚକ୍ଷୁର ପୁଅ ନୋଳା ପଛପଟେ ଥିବା ଦୃଷ୍ଟିକାଚ ବିଭିନ୍ନ କାରଣରୁ ଅସ୍ୱଚ୍ଛ ହେଲେ ଏହାକୁ ମୋତିଆବିନ୍ଦୁ ବୋଲି କୁହାଯାଏ। ଆମ ଦେଶରେ ବିଭିନ୍ନ କାରଣରୁ ପ୍ରାୟ ୧ କୋଟି ୨୦ଲକ୍ଷ ଅନ୍ଧ ଅଛନ୍ତି। ତେବେ ମୋତିଆବିନ୍ଦୁ ପ୍ରଭାବରେ ଜଣେ ବ୍ୟକ୍ତିଠାରେ ୮୦ ଭାଗ ଅନ୍ଧତ୍ୱ ଦେଖାଯାଇଥାଏ। ତେବେ ଆଶ୍ୱାସନାର ବିଷୟ ଏହି ଯେ, ଉପଯୁକ୍ତ ଶଲ୍ୟ ଚିକିତ୍ସା ଦ୍ୱାରା ମୋତିଆବିନ୍ଦୁରେ ଆକ୍ରାନ୍ତ ଲୋକ ପୁନର୍ବାର ଦୃଷ୍ଟି ଶକ୍ତି ଫେରି ପାଇଥାନ୍ତି।

କାରଣ: ବୟସ ଅନୁପାତରେ ଏହି ରୋଗ ହୋଇଥିଲେ ମଧ୍ୟ କେତେକ କ୍ଷେତ୍ରରେ ଏହି ରୋଗ ଜନ୍ମଗତ ମଧ୍ୟ ହୋଇଥାଏ। ଏହାଛଡ଼ା ଚକ୍ଷୁରେ ଆଘାତ, ମଧୁମେହ, ଅଲଟ୍ରାଭାଇଲେଟ ଓ ଇନଫ୍ରାରେଡ ରଶ୍ମିର ସଂସ୍ପର୍ଶରେ ଆସିବା ଯୋଗୁଁ ମୋତିଆବିନ୍ଦୁ ହୋଇଥାଏ।

ପ୍ରକାର: ମୋଟାମୋଟି ଭାବେ କହିବାକୁ ଗଲେ, ଏହି ରୋଗ ଦୁଇପ୍ରକାର। ଗୋଟିଏ ଜନମଗତ ଓ ଅନ୍ୟଟି ଅର୍ଜ୍ଜିତ। ଜନ୍ମଗତ ମୋତିଆବିନ୍ଦୁ ଜିନ୍ ଦୋଷ ସମେତ ମା'ର ଗର୍ଭାବସ୍ଥାରେ ଭୂତାଣୁ ସଂକ୍ରମଣ ଓ ପୁଷ୍ଟିକର ଖାଦ୍ୟର ଅଭାବରେ ହୋଇଥାଏ। ଅର୍ଜ୍ଜିତ ମୋତିଆବିନ୍ଦୁ ଶରୀରରେ ଖାଦ୍ୟ ବିପାକ ଦୋଷରୁ ହୋଇଥାଏ।

ଲକ୍ଷଣ: ଜନ୍ମଗତ ମୋତିଆବିନ୍ଦୁରେ ଶିଶୁର ପୁଅ ଡୋଳା ଧଳା ଦେଖାଯାଏ। ଫଳରେ ପିଲାଟି ଦେଖିପାରେ ନାହିଁ। ଅର୍ଜ୍ଜିତ ମୋତିଆବିନ୍ଦୁରେ ଆକ୍ରାନ୍ତ ରୋଗୀକୁ ଦୂରଜନିତ କୁହୁଡ଼ିରେ ଥିଲା ପରି ଦେଖାଯାଏ। ପାଖ ଜିନିଷ ଭଲ ଦେଖାଯିବାରୁ ପ୍ରଥମେ ଚାଳିଶା ଚଷମା ଦରକାର ପଡ଼େ ନାହିଁ। ମୋତିଆବିନ୍ଦୁ ପାକଳ ହେଲେ ରୋଗୀ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଏ।

ଚିକିତ୍ସା: ଏହାର ଭେଷଜ ଚିକିତ୍ସା ଉପରେ ଭରସା କରିହୁଏ ନାହିଁ। ଏକମାତ୍ର ଶଲ୍ୟ ଚିକିତ୍ସା ଏହାର ସର୍ବୋତ୍ତମ ଉପାୟ। ତେବେ ଆଧୁନିକ ଓ ସର୍ବୋତ୍ତମ ଶଲ୍ୟ ଚିକିତ୍ସା ଦ୍ୱାରା କଳାଡୋଳା ଉପରେ ଏକ ଚୋଟ ବାଟ କରି ଫାଗୋମେସିନ ସାହାଯ୍ୟେ ମୋତିଆବିନ୍ଦୁକୁ ସୂକ୍ଷ୍ମ ଖଣ୍ଡ କରି ନିଷ୍କାସନ କରାଯାଇଥାଏ। ପରେ ଆଖି ଭିତରେ କୁଞ୍ଚନଶୀଳ ଲେନ୍ସ ରୋପଣ କରାଯାଇଥାଏ। ବାଓମେଟ୍ରି ସାହାଯ୍ୟରେ ଏହି ଲେନ୍ସର ଶକ୍ତି ନିରୂପଣ କରିଦିଆଗଲେ, ଅପରେସନ ପରେ ଆଉ ଚଷମାର ବିଶେଷ ଆବଶ୍ୟକ ପଡ଼ି ନଥାଏ। କେବଳ ପାଖ ଜିନିଷ ଦେଖିବା ଲାଗି ଅଳ୍ପ କିଛି ଶକ୍ତିବିଶିଷ୍ଟ ଚଷମା ବ୍ୟବହାର କରିବାକୁ ପଡିଥାଏ। କେତେକ କ୍ଷେତ୍ରରେ ଯଦି ଚଷମା ଦିଆଯାଇ ନପାରେ, ତେବେ ସଂସ୍ପର୍ଶ ଲେନ୍ସ ଲଗାଇବାକୁ ପରାମର୍ଶ ଦିଆଯାଇଥାଏ।

ଚକ୍ଷୁଚାପ ବୃଦ୍ଧି: ଚକ୍ଷୁଚାପ ବୃଦ୍ଧି ବାର୍ଦ୍ଧକ୍ୟାବସ୍ଥାରେ ଅନେକ କ୍ଷେତ୍ରରେ ଦେଖାଯାଇଥାଏ। ଏହା କେତେକ କ୍ଷେତ୍ରରେ ଯନ୍ତ୍ରଣାହୀନ ଓ ଯନ୍ତ୍ରଣାଯୁକ୍ତ ହୋଇଥାଏ। ଏହି ରୋଗରେ ଆକ୍ରାନ୍ତ ରୋଗୀର ଚକ୍ଷୁରେ ଥିବା ଦୃଷ୍ଟିସ୍ନାୟୁ ନଷ୍ଟ ହୋଇଯିବା ଦ୍ୱାରା ରୋଗୀ ଅନ୍ଧ ହୋଇଯାଇଥାଏ।

ମଧୁମେହ ଓ ଚକ୍ଷୁ: ମଧୁମେହ ପ୍ରାୟ ୧୦ ବର୍ଷ ପାଖାପାଖି ରହିଲେ, ଚକ୍ଷୁର ଦୃଶ୍ୟପଟଳରେ ରକ୍ତସ୍ରାବ ହୋଇ ଜମାଟ ବାନ୍ଧେ। କ୍ରମେ ରକ୍ତସ୍ରାବ ଭିଟ୍ରିୟସ୍ ଆଡକୁ ବିସ୍ତାର କଲେ, ସେଥିରେ କେତେକ ତନ୍ତୁ ଗଠିତ ହୋଇ ରେଟିନା ସ୍ଖଳନ କରାଇ ଅନ୍ଧତ୍ୱ ସୃଷ୍ଟି ହୋଇଥାଏ।

ଉଚ୍ଚ ସମୀପ ଦୃଷ୍ଟି: ଯୁବବସ୍ଥାରେ ଯେଉଁମାନେ ଏହି ଦୃଷ୍ଟିଦୋଷରେ ଆକ୍ରାନ୍ତ, ବୃଦ୍ଧାବସ୍ଥାରେ ସେମାନଙ୍କ ଭିଟ୍ରିୟସ୍ ଓ ରେଟିନାରେ ପରିବର୍ତ୍ତନ ହୋଇ ରେଟିନା ସ୍ଖଳନ ହୋଇଥାଏ। ତେଣୁ ବିଶେଷଜ୍ଞଙ୍କ ଦ୍ୱାରା ଏହାର ଚିକିତ୍ସା କରାଇବା ଉଚିତ୍।

ବାର୍ଦ୍ଧକ୍ୟବସ୍ଥାରେ ଚକ୍ଷୁ ପରୀକ୍ଷା କରାଇ ନେଲେ ବାର୍ଦ୍ଧକ୍ୟ ଜନିତ ଅନ୍ଧତ୍ୱରୁ ମୁକ୍ତି ମିଳିପାରିବ।

# ସୋଫା କିଣୁଥିଲେ....



ଆଜିକାଲି ଲିଭିଂ ରୁମ୍ ଡେକୋରେସନ୍‌ର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି ସୋଫା। ଘରେ ସୋଫା ସେଟ୍‌ଟିଏ ପଡିନଥିଲେ ଘରର ସାଜସଜ୍ଜା ଅସମ୍ପୂର୍ଣ୍ଣ ମନେ ହୁଏ। ତେବେ ଘରର ଆକାର ଏବଂ ବ୍ୟକ୍ତିଗତ ଆବଶ୍ୟକତା ତଥା ରୁଚିବୋଧକୁ ଆଖିରେ ରଖି ସୋଫା କିଣିବା ଉଚିତ୍।

ସୋଫା କିଣିବା ପୂର୍ବରୁ ଘରର ଆକାରକୁ ଧ୍ୟାନରେ ରଖନ୍ତୁ ସେହି ଅନୁଯାୟୀ ସୋଫାର ଆକାର ଦେଖବ କିଣନ୍ତୁ। ଲିଭିଂ ରୁମ୍ ଏବଂ ହଲ୍‌ର ଦୈର୍ଘ୍ୟ, ପ୍ରସ୍ଥ ଅନୁସାରେ ଆପଣ ବାଛିଥିବା ସୋଫା ଉପଯୁକ୍ତ ଭାବେ ଖାପ ଖାଇବ କି ନାହିଁ ସେ ବିଷୟରେ ଯିକେ ଚିନ୍ତା କରନ୍ତୁ। ଘରର ଆକାର ଅନୁସାରେ ସୋଫା ବାଛିଲା ପରେ ଆପଣଙ୍କୁ ସେତେ ବେଶି ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ ନାହିଁ।

ଆଜିକାଲି ଜୀବନଶୈଳୀକୁ ସୁହାଇବା ଭଳି ବିଭିନ୍ନ ଭେରାଇଟିର ସୋଫା ବଜାରରେ ଉପଲବ୍ଧ। ସେହି ଅନୁସାରେ ସୋଫାର ଗଦି ମଧ୍ୟ ବିଭିନ୍ନ ଭେରାଇଟିର ମିଳୁଛି। ଯେମିତିକି କଟନ୍, ସିଲ୍କ, ଉଲ୍, ବ୍ଲେଣ୍ଡ ଏବଂ ସିନ୍ଥେଟିକ୍ ଲେଦର୍। ସିଲ୍କ ସୁନ୍ଦର ଏବଂ ଆକର୍ଷଣୀୟ ଲାଗେ। କଟନ୍ ଉପଯୁକ୍ତ ହେଲେ ମଧ୍ୟ ପତଳା ଲାଗେ। ଲିନେନ ଖୁବ୍ ଶୀଘ୍ର ନଷ୍ଟ ହୋଇଯାଏ। ରେଶମୀ ଏବଂ ସିନ୍ଥେଟିକ୍ ଲେଦର ନରମ ହେବା ସହିତ ମଜ୍‌ବୁତ୍ ରହିଥାଏ।

ଯଦି ଆପଣଙ୍କ ଘରେ ଛୋଟ ପିଲା ଅଛି ତେବେ ମଲ୍ଟି କଲ୍‌ର ସୋଫା ବ୍ୟବହାର କରନ୍ତୁ। ଫିକା ରଙ୍ଗର ଗଦିବାଲା ସୋଫା କିଣନ୍ତୁ ନାହିଁ। କାରଣ ଏହା ଶୀଘ୍ର ମଇଳା ହେବାର ସମ୍ଭାବନା ଅଛି। ସୋଫା କିଣୁଥିଲା ବେଳେ ରଙ୍ଗ ଆଧୁନିକ ଷ୍ଟାଇଲ୍‌କୁ ବାଛିପାରନ୍ତି।

ଆବଶ୍ୟକ ସ୍ଥଳେ ମଲ୍ଟିପରପସ୍ ସୋଫା ମଧ୍ୟ କିଣିପାରନ୍ତି। ଏଭଳି ସୋଫା କିଣିଲେ ଆପଣ ସୋଫାକୁ ଖଟ ଭଳି ବ୍ୟବହାର ମଧ୍ୟ କରିପାରିବେ।

ସୋଫାର କଲର୍ ଏବଂ ପ୍ୟାଟର୍ଣ୍ଣ ଅନୁସାରେ ରଙ୍ଗବେରଙ୍ଗୀ କୁଶନ୍ ମଧ୍ୟ କିଣନ୍ତୁ।

ଛୋଟ ଘର ହୋଇଥିଲେ ଅଧିକ ଓଜନିଆ ଓ ବଡ଼ ସୋଫା କିଣନ୍ତୁ ନାହିଁ। ଏଭଳି ସୋଫା ଲିଭିଂ ରୁମ୍‌ର କାର୍ପେଟ୍ ଏରିଆକୁ ଆହୁରି ସଙ୍କୁଚିତ କରିଦେବ।

କୌଣସି କାରଣବଶତଃ ଘର ବାରମ୍ବାର ବଦଳାଇବାକୁ ପଡୁଥିଲେ ଓଜନିଆ ସୋଫା କିଣିବା ପରିବର୍ତ୍ତେ ହାଲୁକା ସୋଫା କିଣନ୍ତୁ ଯାହାକୁ ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇ ହେବ।



# ହାଇହିଲ୍



ଷ୍ଟାଇଲିଶ୍ ଓ ଫେସନେବଲ ଦିଶିବା ସବୁ ଯୁବତୀ ଓ ମହିଳାଙ୍କ ଇଚ୍ଛା। କିନ୍ତୁ ସେଥିପାଇଁ ନିଜ ସ୍ୱାସ୍ଥ୍ୟକୁ ଅଣଦେଖା କରିବା ଆଦୌ ଠିକ୍ ନୁହେଁ। ଏପରିସ୍ଥଳେ ଆପଣ ଏଭଳି ଫେସନ ନିୟମ ଆପଣାଇବା ଆବଶ୍ୟକ, ଯେଉଁଥିରେ ସୌନ୍ଦର୍ଯ୍ୟ ବି ଆସିବ ଓ ଆପଣଙ୍କ ସ୍ୱାସ୍ଥ୍ୟ ବି ଭଲ ରହିବ।

କମ୍ ହିଲ୍ ପିନ୍ଧନ୍ତୁ: ବିଶେଷଜ୍ଞଙ୍କ ଅନୁସାରେ ଆପଣ ଯଦି ଏକ-ଦେଢ଼ ଇଞ୍ଚର ଉଚ୍ଚ ହିଲ୍ ଜୋତା ପିନ୍ଧିବେ, ତେବେ ସେତେ ଅସୁବିଧା ନାହିଁ। କିନ୍ତୁ ଯେତେବେଳେ ହିଲ୍‌ର ଉଚ୍ଚତା ୪-୫ ଇଞ୍ଚ ହେବ, ତେବେ ତାହା ସମସ୍ୟା ସୃଷ୍ଟି କରିବ। ଏହା ବ୍ୟତୀତ ସାରାଦିନ ହାଇହିଲ୍ ପିନ୍ଧିବାଠୁ ଦୂରରେ ରହିବା ଉଚିତ। ଯଦି କୌଣସି ଯୁବତୀଙ୍କୁ ପ୍ରତିଦିନ ହାଇହିଲ୍ ପିନ୍ଧିବାର ଥାଏ, ତେବେ ଏଭଳି ହିଲ୍ ଥିବା ଜୋତା କିଣିବା ଦରକାର, ଯାହାର ସୋଲ୍ ମଧ୍ୟ ଉଚ୍ଚ ଥିବ।

ହାଇ ହିଲ୍‌ରୁ ସମସ୍ୟା: ଏମିତି ଦେଖିଲେ ଆଜିକାଲି ଅନେକ ଯୁବତୀ ହାଇ ହିଲ୍ ପ୍ରେମରେ ପଡିଛନ୍ତି କହିଲେ ଭୁଲ୍ ହେବ ନାହିଁ। ଦଶ ଜଣରୁ ପ୍ରାୟ ଜଣେ ମହିଳା ସପ୍ତାହରେ ଅତିକମ୍‌ରେ ତିନି ଇଞ୍ଚ ଉଚ୍ଚ ହିଲ୍ ଜୋତା ପ୍ରକାରର ସୁନ୍ଦର ସୁନ୍ଦର ଜୋତା ବଜାରରେ ଉପଲବ୍ଧ। ଯେଉଁଦିନ କାମ କମ୍ ଥିବ ବା ଉତ୍ସବାଦି ରହିଥିବ, ସେଦିନ କମ୍ ହାଇ ହିଲ୍‌ବାଲାଜୋତା ପିନ୍ଧି ପାରନ୍ତି।

ହାଇ ହିଲ୍‌ରୁ ଦୂରରେ ରହନ୍ତୁ: ବୋଲ୍ଡ ଲୁକ୍ ଆଣିବା ପାଇଁ ଆଜିକାଲିର ଯୁବତୀମାନେ ହାଇ ହିଲ୍ ଜୋତା ଓ ସେଣ୍ଡଲ୍ ପିନ୍ଧିବାକୁ ବେଶି ପସନ୍ଦ କରୁଛନ୍ତି, କିନ୍ତୁ ସ୍ୱାସ୍ଥ୍ୟ ଉପରେ ଏହାର ବହୁତ କୁପ୍ରଭାବ ପଡିଥାଏ। ଏଭଳି ଜୋତା ପିନ୍ଧିବାର କିଛି ଦିନ ପରେ ଅଣ୍ଟା, ଗୋଡଗଣ୍ଠି ଓ ଶରୀରର ଅନ୍ୟ ଗଣ୍ଠିସ୍ଥାନରେ ଦରଜ ଆରମ୍ଭ ହୁଏ। ଏକ ଅନୁମାନ ଅନୁସାରେ ପ୍ରାୟ ୭୦ ପ୍ରତିଶତ ମହିଳା ହାଇହିଲ୍ ଜୋତା ପିନ୍ଧନ୍ତି, ଯାହା ଗୋଡ ପାଇଁ ଆଦୌ ସୁରକ୍ଷିତ ନୁହେଁ। ଏହିପରି ଭାବେ ଦେଖିଲେ ମାତ୍ର ୧୦ ପ୍ରତିଶତ ମହିଳା ହିଁ ସ୍ୱାସ୍ଥ୍ୟ ଦୃଷ୍ଟିରୁ ସୁରକ୍ଷିତ ଜୋତା ବ୍ୟବହାର କରିଥାନ୍ତି। ବିଶେଷଜ୍ଞଙ୍କ ମତରେ ହାଇ ହିଲ୍ ପିନ୍ଧୁଥିବା ୯୦ ପ୍ରତିଶତ ମହିଳା ଅଣ୍ଟା, ଗୋଡ଼, ପାଦ, କାନ୍ଧ ଇତ୍ୟାଦିରେ ଦରଜ ହେଉଥିବା ଅଭିଯୋଗ କରିଥାନ୍ତି। କେବଳ ସେତିକି ନୁହେଁ, ହାଇହିଲ୍ ପିନ୍ଧିଲେ ଅଣ୍ଟା ଆଖପାଖରେଚର୍ବି ଜବା ହେବାର ଆଶଙ୍କା ମଧ୍ୟ ବଢ଼ିଯାଏ।

# ବିଟ୍‌ର ଉପକାରୀ ଗୁଣ




ବିଟ୍ ଶରୀରର ଶକ୍ତି ବୃଦ୍ଧି କରିବା ସହ ମାଂସପେଶୀ ଶକ୍ତ କରିଥାଏ। ଏଥିରେ ଭିଟାମିନ-ସି, ଭିଟାମିନ-ଏ ଓ ଭିଟାମିନ-ବି ୬ ସାଙ୍ଗକୁ ଫୋଲିକ୍ ଏସିଡ୍, ଜିଙ୍କ, ପ୍ରୋଟିନ୍, କାର୍ବୋହାଇଡେଟ୍, ଫ୍ୟାଟ୍, ଫାଇବର୍, ସୋଡ଼ିୟମ୍, ପୋଟାସିୟମ୍, ମାଗ୍ନେସିୟମ୍ ଓ ଆଇରନ୍ ଆଦି ଭରପୁର ମାତ୍ରାରେ ରହିଛି। ତିନୋଟି ଛୋଟ ବିଟ୍ ୫ ଭାଗ ଫଳ ଓ ପରିବା ସହିତ ସମାନ ହୋଇଥାଏ। ତେଣୁ ବିଟ୍ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ।

ବିଟ୍‌ରେ ନାଇଟ୍ରିକ୍ ଅକ୍ସାଇଡ୍‌ର ମାତ୍ରା ଅଧିକ ରହିଛି। ତେଣୁ ପ୍ରତ୍ୟେକ ଦିନ ୨୫୦ ମି.ଲି. ବିଟ୍ ଜୁସ୍ କିମ୍ବା ଫାଳେ ବିଟ୍ ଖାଇବା ଦ୍ୱାରା ରକ୍ତଚାପର ଆଶଙ୍କା କମିଥାଏ। ରକ୍ତଚାପ ଦ୍ୱାରା ହେଉଥିବା ଅନ୍ୟ ରୋଗକୁ ପ୍ରତିରୋଦ କରିଥାଏ ବିଟ୍। ବିଟ୍ ହୃଦ୍‌ରୋଗକୁ ମଧ୍ୟ ରୋକିଥାଏ।

ବିଟ୍‌ରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଓ ଫାଇବର୍ କୋଲେଷ୍ଟେରୋଲ୍ କମ୍ କରିଥାଏ। ଏହାଛଡ଼ା ଏଥିରେ ଥିବା କାରୋଟିନୋଏଡ୍ ଓ ଫ୍ଲାଭନୋଏଡ୍ ଖରାପ କୋଲେଷ୍ଟ୍ରୋଲ୍‌କୁ ନଷ୍ଟ କରିଦିଏ।

ବିଟ୍‌ରେ ରହିଛି ପଚୁର ମାତ୍ରାରେ ଫୋଲିକ୍ ଏସିଡ୍, ଯାହା ଶରୀରର ଟିସ୍ୟୁ ବିକାଶରେ ସହାୟକ ହୋଇଥାଏ। ଗର୍ଭାବସ୍ତାର ପ୍ରଥମ ତିନି ମାସରେ ଶିଶୁର ମେରୁଦଣ୍ଡ ବିକାଶ ପାଇଁ ଏହି ଫୋଲିକ୍ ଏସିଡ୍ ଉପକାରୀ ହୋଇଥାଏ। ଏହାଛଡ଼ା ବିଟ୍‌ରେ ଆଇରନ୍‌ର ପରିମାଣ ଅଧିକ ଥିବାରୁ ଗର୍ଭାବସ୍ଥାରେ ମହିଳାଙ୍କୁ ଥକ୍କାପଣରୁ ମୁକ୍ତି ଦେଇଥାଏ।



ଏଥିରେ ସିଲିକା ରହିଛି। ଏହା ମାଂସପେଶୀ ଓ ହାଡରେ କ୍ୟାଲସିୟମ୍‌କୁ ଠିକ୍ ଭାବେ ଉପଯୋଗ କରିବାରେ ସାହାଯ୍ୟ କରିଥାଏ। ଫଳରେ ଅଷ୍ଟିଓପୋରୋସିସ୍‌ର ଆଶଙ୍କା କମ୍ ହୋଇଯାଏ।

ସାଧାରଣତଃ ବିଟ୍‌ରେ ଫ୍ୟାଟ୍ ନଥାଏ। ଏହା ସହିତ ଏଥିରେ କ୍ୟାଲୋରୀ ମଧ୍ୟ କମ୍। ତେଣୁ ଶରୀରରେ ସୁଗାର୍‌ର ପରିମାଣକୁ ନିୟନ୍ତ୍ରଣ କରିବାରେ ଏହା ବେଶ୍ ସହାୟକ ହୋଇଥାଏ।

ବିଟ୍‌ରେ ପ୍ରଚୁର ପରିମାଣର ଆଇରନ୍ ଥିବାରୁ ଏହା ରକ୍ତହୀନତା ଓ ଥକ୍କାପଣ ଦୂର କରେ।

ବିଟ୍‌ରେ ଥିବା ଫୋଲିକ୍ ଏସିଡ୍ ସହିତ ନାଇଟ୍ରିକ୍ ଅକ୍ସାଇଡ୍ ଡିମେନ୍‌ସିଆ କମ୍ କରିବାରେ ସହାୟକ ହୋଇଥାଏ।

ଅଧିକ ବିଟ୍ ସେବନରେ ରହିଛି ବିପଦ: ବିଟ୍ ଅଧିକ ଖାଇବା ଦ୍ୱାରା ମଳ ଓ ପରିସ୍ରା ଲାଲ୍‌ରଙ୍ଗର ହୋଇଥାଏ। ଏହାଛଡ଼ା ଅତ୍ୟଧିକ ବିଟ୍ ଖାଇବା ଦ୍ୱାରା ଶରୀରରେ ଫାଇବର୍‌ର ମାତ୍ରା ମଧ୍ୟ ବୃଦ୍ଧି ପାଇଥାଏ।ଫଳରେ ଗ୍ୟାସ୍ ଓ ଡାଇରିଆ ହୋଇଥାଏ। ଗୋଟିଏ କପ୍ ବିଟ୍‌ରେ ୧୪ ଗ୍ରାମ୍ ସୁଗାର ରହିଥାଏ। ତେଣୁ ରକ୍ତରେ ଶର୍କରା ପରିମାଣ ଅଧିକ ନ ହେବା ପାଇଁ ବିଟ୍‌ର ପରିମାଣ ପ୍ରତି ସଚେତନ ରହିବା ଆବଶ୍ୟକ।

# ଚିନ୍ତା ହଟାଅ ସୁସ୍ଥ ରୁହ

ଆଜିର ବ୍ୟସ୍ତବହୁଳ ଜୀବନଶୈଳୀ ଯୋଗୁଁ ସମସ୍ତେ ଚିନ୍ତାଗ୍ରସ୍ତ ହେଉଛନ୍ତି। ଏଥିରୁ ସମସ୍ତେ ମୁକ୍ତି ପାଇବାକୁ ଚାହାନ୍ତି। ବିଭିନ୍ନ କାର୍ଯ୍ୟ ଓ କାର୍ଯ୍ୟର ଚାପ ବ୍ୟକ୍ତିକୁ ଚିନ୍ତାରେ ରଖେ। ଏହି ଚିନ୍ତା ପାଇଁ ହିଁ ବ୍ୟକ୍ତି ଉଚ୍ଚ ରକ୍ତଚାପ, କୋଲେଷ୍ଟରଲ ବୃଦ୍ଧି, ମେଦବହୁଳ, ଡାଇବେଟିସ୍, ହୃଦ୍‌ରୋଗ ଓ ହୃଦ୍‌ଘାତ ଭଳି ବିଭିନ୍ନରୋଗର ଶିକାର ହେଉଛନ୍ତି। ଏଭଳି ଚିନ୍ତାରୁ ମୁକ୍ତି ପାଇବା ପାଇଁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଏଥିପାଇଁ ବହୁ ଔଷଧ ମଧ୍ୟ ସେବନ କରନ୍ତି। ହେଲେ ଚିନ୍ତା ପାଖ ଛାଡେନି। କାରଣ ଚିନ୍ତା ଯୋଗୁଁ ମନ ଭାରାକ୍ରାନ୍ତ ରହେ। ଔଷଧ ଖାଇବା ଦ୍ୱାରା ମନକୁ କେବେ ହାଲକା କରାଯାଇ ପାରେନା। ଏଥିପାଇଁ ଡାକ୍ତର କୁହନ୍ତି, 'ଚିନ୍ତା ହଟାଅ ସୁସ୍ଥ ରୁହ'। ଚିନ୍ତାରୁ ମୁକ୍ତି ପାଇଁ ଆବଶ୍ୟକ ଯୋଗ, ବ୍ୟାୟାମ ଓ କସରତ। ଏହା ଉପରେ ଗବେଷଣା କରୁଥିବା କିଛି ଗବେଷକ ମାନେ ଦାବି କରିଛନ୍ତି। ଯେ କସରତ ବା ବ୍ୟାୟାମ କରିବା ଦ୍ୱାରା ଜଣେ ବ୍ୟକ୍ତି ସମସ୍ତ ଚିନ୍ତାରୁ ମୁକ୍ତ ରହିପାରିବ। ଯେଉଁ ବ୍ୟକ୍ତି ନିୟମିତ ୧୫ରୁ ୨୦ ମିନିଟ୍ ବ୍ୟାୟାମ କରେ, ସେ ବ୍ୟକ୍ତି ନିଷ୍ଚୟ ଚିନ୍ତାମୁକ୍ତ ରହିବ। ଚିନ୍ତାରୁ ମୁକ୍ତି ପାଇବା ପାଇଁ ମାନସିକ ବ୍ୟାୟାମ ସହ ଶାରିରୀକ ବ୍ୟାୟାମ ମଧ୍ୟ ଏକାନ୍ତ ଆବଶ୍ୟକ। ଯଦି ଆପଣ କଷ୍ଟ ବ୍ୟାୟାମ କରିପାରୁ ନାହାଁନ୍ତି, ତେବେ ପ୍ରତିଦିନ ସକାଳୁ ୨ରୁ ୩ କିଲୋମିଟର ପତଳା ଚାଲନ୍ତୁ। ସାଇକେଲିଂ କରନ୍ତୁ। ସାଙ୍ଗମାନଙ୍କ ସହ ହସ ପ୍ରତିଯୋଗୀତା କରନ୍ତୁ। ଦେଖିବେ ଚିନ୍ତା ଦୂରେଇ ଯିବ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ୨୦୨୪ ଓ ନିର୍ବାଚନ...

୨୦୨୩କୁ ବିଦାୟ ଦେଇ ଆସିଛି ନୂଆବର୍ଷ ୨୦୨୪। ସମଗ୍ର ବିଶ୍ୱ ପ୍ରସ୍ତୁତ ହେଉଛି ନୂଆ କିଛି କରିବାକୁ ପ୍ରତି ବର୍ଷ ଭଳି । ଗତ ବର୍ଷର ଶେଷ ଭାଗରେ ଭାରତରେ ପାଞ୍ଚ ଗୋଟି ରାଜ୍ୟରେ ଅନୁଷ୍ଠିତ ହୋଇଥିଲା ନିର୍ବାଚନ। ଚଳିତ ବର୍ଷ ଦେଶରେ ଅନୁଷ୍ଠିତ ହେବାକୁ ଯାଉଛି ଲୋକସଭା ନିର୍ବାଚନ । ତେବେ ଚଳିତ ବର୍ଷ ଦକ୍ଷିଣ ଏସିଆ ଏହାର ଜଟିଳ ଗଣତାନ୍ତ୍ରିକ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତର ଦନ୍ତାଗ୍ରରେ ଦଣ୍ଡାୟମାନ । କାରଣ ଏହି ଅଞ୍ଚଳର ପାଞ୍ଚଗୋଟି ଦେଶ- ଭାରତ, ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା ଏବଂ ଭୁଟାନ୍ ଚଳିତ ବର୍ଷ ସେମାନଙ୍କର ନୂଆ ନେତା ଓ ସରକାରମାନଙ୍କୁ ବାଛିବା ନିମନ୍ତେ ଭୋଟ୍ ଦାନ କରିବେ । ଜାନୁଆରୀ ୭ ତାରିଖରେ, ଅର୍ଥାତ୍ ଆଉ ମାତ୍ର ଅଳ୍ପ କେତୋଟି ଦିନ ପରେ ବାଂଲାଦେଶରେ ଅନୁଷ୍ଠିତ ହେବାକୁ ଯାଉଛି ନିର୍ବାଚନ ଏବଂ ଫେବ୍ରୁଆରୀ ୮ ତାରିଖରେ ହେବାକୁ ଯାଉଛି ପାକିସ୍ତାନର ନିର୍ବାଚନ। ଭାରତର ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି ଆସନ୍ତା ମାର୍ଚ୍ଚରୁ ମେ' ମାସ ଭିତରେ। ପରନ୍ତୁ, ଉପରୋକ୍ତ ଦୁଇ ଦେଶ ସହିତ ଭାରତର ନିର୍ବାଚନ ଫଳାଫଳ କେବଳ ସମ୍ପୃକ୍ତ ଦେଶଗୁଡ଼ିକର ଜାତୀୟ ସୀମା ଭିତରେ ଆବଦ୍ଧ ହୋଇ ରହିବ ନାହିଁ, ବରଂ ଏହି ଫଳାଫଳଗୁଡ଼ିକର ପ୍ରଭାବ ସମଗ୍ର ଦକ୍ଷିଣ ଏସିଆ ଏବଂ ତା' ବାହାରେ ମଧ୍ୟ ପଡ଼ିବ। ତିନିଗୋଟିଯାକ ଦେଶର ଲୋକସଂଖ୍ୟା ଏକାଠି ମିଶିଲେ ହାରାହାରି ଦୁଇ ବିଲିଅନ୍ ହେବ, ପୁଣି ଏମାନଙ୍କ ଜନସଂଖ୍ୟାର ଅଧିକାଂଶ ଭାଗ ହେଉଛନ୍ତି ଯୁବ ବର୍ଗ। ବିଶ୍ୱ ଗଣତନ୍ତ୍ରର ଇତିହାସରେ ଏ ତିନୋଟିଯାକ ରାଷ୍ଟ୍ର ହେଉଛନ୍ତି ଆପାତତଃ ଯୁବ ଗଣତନ୍ତ୍ର। ତେବେ ସ୍ୱାଧୀନତା ଲାଭ କରିବା ପରଠାରୁ ଏମାନଙ୍କର ଯାତ୍ରା ପଥ ଉଲ୍ଲେଖନୀୟ ଭାବରେ ଭିନ୍ନ ଭିନ୍ନ ହୋଇଛି : ପାକିସ୍ତାନ ଏବଂ ବାଂଲାଦେଶ ଆଜିକା ସମୟ ସୁଦ୍ଧା ଅନେକ ଥର ସାମରିକ ଶାସନକୁ ପ୍ରତ୍ୟକ୍ଷ କରିଥିବା ବେଳେ ଭାରତରେ ନିରବଚ୍ଛିନ୍ନ ଭାବରେ ବେସାମରିକ ସରକାରମାନେ ଶାସନ କରି ଆସିଛନ୍ତି । ଏହି ଦେଶମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ମଝିରେ ମଝିରେ ଏକାଧିକ ରକ୍ତାକ୍ତ ସମରର କାରଣ ହୋଇ ଆସିଥିବାରୁ ଏମାନଙ୍କ ମଧ୍ୟରେ ଭୌଗୋଳିକ ସାନ୍ନିଧ୍ୟ ଏବଂ ଐତିହାସିକ ବନ୍ଧନ ଥିବା ସତ୍ତ୍ୱେ ଏମାନେ ପୃଥିବୀର ତଥା ଦକ୍ଷିଣ ଏସିଆର କଦାଚିତ୍ ଏକତ୍ରିତ ରାଷ୍ଟ୍ରର ପରିଚୟ ଲାଭ କରି ପାରିଛନ୍ତି। ତଥାପି, ଏମାନଙ୍କ ଭିତରେ ଏଇ ଦୃଷ୍ଟିରୁ ଏକତା ରହିଛି ଯେ ଏମାନେ ସମସ୍ତେ ଏକା ଭଳି ଅନେକଗୁଡ଼ିଏ ଆହ୍ୱାନର ସମ୍ମୁଖୀନ, ଯେଉଁଗୁଡ଼ିକ ହେଉଛି, ନିଜ ନିଜର ପୂର୍ବସୂରୀମାନଙ୍କର ଗଣତାନ୍ତ୍ରିକ ଆଦର୍ଶ ପ୍ରତି ଏମାନେ କେତେ ପ୍ରତିବଦ୍ଧ, ତା'ର ପରୀକ୍ଷା ନେଉଛି ସମୟ। ପାକିସ୍ତାନରେ ଗଣତାନ୍ତ୍ରିକ ସରକାର ଦ୍ୱାରା ଶାସନ ତ ଚାଲିଛି, କିନ୍ତୁ ଏହା କେବଳ ଉପର ଠାଉରିଆ ; ଏହା ପଛରେ ରହିଛି ଦେଶର ସାମରିକ ବାହିନୀର ଶାସନ। ଯାହା ମନେହୁଏ, ଏହା ଆଗାମୀ ସମୟରେ ହେବାକୁ ଯାଉଥିବା ନିର୍ବାଚନକୁ ସଖୀ କଣ୍ଢେଇ ନାଚ ଭଳି ପରିଚାଳିତ କରିବାକୁ ଯାଉଛି, କାରଣ ଏହାର ଜଣେ ସର୍ବାଧିକ ଲୋକପ୍ରିୟ ନେତା, ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ନିର୍ବାଚନରେ ଅଂଶଗ୍ରହଣ କରି ନ ପାରିବାର ସମ୍ଭାବନା ରହିଛି। ଶ୍ରୀଯୁକ୍ତ ଖାନ୍ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି, କିନ୍ତୁ ତାଙ୍କ ନାମରେ କୋର୍ଟରେ ଅନେକଗୁଡ଼ିଏ କେସ୍ ରହିଛି, ଯେଉଁଥିରୁ ସେ କେତେକରେ ଦୋଷୀ ସାବ୍ୟସ୍ତ ହୋଇ କ୍ଷମତାରୁ ବହିଷ୍କୃତ ହେବାର ସମ୍ଭାବନା ରହିଛି, ଯଦି ସେ ନିର୍ବାଚନ ଲଢ଼ି ବିଜୟୀ ହୁଅନ୍ତି। ପାକିସ୍ତାନ ଗଣତନ୍ତ୍ରରେ ରହିଥିବା ତ୍ରୁଟି ବିଚ୍ୟୁତିକୁ ସାରା ବିଶ୍ୱବାସୀ ଜାଣନ୍ତି । ତେବେ ବାଂଲାଦେଶ ଏବଂ ଭାରତକୁ ମଧ୍ୟ ଆଉ ବିଶାଳ ବିଶ୍ୱର ଅଧିବାସୀମାନେ ଦକ୍ଷିଣ ବିଶ୍ୱରେ ଧର୍ମନିରପେକ୍ଷ, ଉଦାରବାଦୀ ଗଣତାନ୍ତ୍ରିକ ଆଦର୍ଶର ଦୃଷ୍ଟାନ୍ତ ଭାବରେ ଦେଖି ନାହାନ୍ତି । ବାଂଲାଦେଶର ପ୍ରମୁଖ ବିରୋଧୀ ଦଳ ମତଦାନକୁ ବର୍ଜନ କରିଛି ; ତେଣୁ ଅନୁଷ୍ଠିତ ହେବାକୁ ଯାଉଥବା ନିର୍ବାଚନରୁ ଯେଉଁ ସିଦ୍ଧାନ୍ତ ମିଳିବ, ତାହା ହେଉଛି- ଆୱାମୀ ଲିଗର ନେତ୍ରୀ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ୱାଜେଦ୍ ପୁଣିଥରେ ଶାସନ କ୍ଷମତାକୁ ଫେରିବାର ଆଶା। ଇତ୍ୟବସରରେ, ଭାରତ, ଯାହାକୁ ପ୍ରଧାନମନ୍ତ୍ରୀ ଗଣତନ୍ତ୍ରର ମା' ବୋଲି କୁହନ୍ତି, ତାହା ମଧ୍ୟ ଏକ ବନ୍ଧୁର ପଥର ଯାତ୍ରୀ । ଅଭିଯୋଗ ହେଉଛି ଯେ ଭାରତୀୟ ଗଣତନ୍ତ୍ରର ସ୍ୱାଧୀନ ସ୍ତମ୍ଭଗୁଡ଼ିକ- ଆଇନ ପ୍ରଣୟନକାରୀ ଏଜେନ୍ସି ସମୂହ, ଗଣମାଧ୍ୟମ, ତଥା କେତେକ ପ୍ରଭାବଶାଳୀ ଅନୁଷ୍ଠାନ ସେମାନଙ୍କର ଔଜଲ୍ୟ ହରାଇଛନ୍ତି। ଏସବୁ ଘଟଣା ତିନିଗୋଟିଯାକ ଦେଶ- ବାଂଲାଦେଶ, ପାକିସ୍ତାନ ଏବଂ ଭାରତ ପାଇଁ ଯଥେଷ୍ଟ ଗୁରୁତ୍ୱ ରଖେ, କିନ୍ତୁ ତା' ସହିତ ସମାନ ଗୁରୁତ୍ୱ ବହନ କରେ ଦକ୍ଷିଣ ଏସିଆ ଏବଂ ସମଗ୍ର ବିଶ୍ୱ ପାଇଁ। ପଡ଼ୋଶୀମାନେ, ସେମାନେ ସାଧାରଣ ଲୋକମାନେ ହୁଅନ୍ତୁ ବା ଦେଶଗୁଡ଼ିକ, ପ୍ରାୟତଃ ପରସ୍ପରର ଦର୍ପଣ ଭଳି କାର୍ଯ୍ୟ କରିଥାନ୍ତି। ଗଣତାନ୍ତ୍ରିକ ନୀତି ଓ ଆଦର୍ଶଗୁଡ଼ିକ ପାଇଁ ଯଦି ପ୍ରତିବଦ୍ଧତାରେ ବିଚ୍ୟୁତି ପରିଲକ୍ଷିତ ହୁଏ, ତା'ହେଲେ ତାହା ଏକ ବ୍ୟାପକ ବକ୍ର ଗତିକୁ ଗତିଶୀଳତା ପ୍ରଦାନ କରିପାରେ ଯାହା ପ୍ରତ୍ୟେକ ବ୍ୟବସ୍ଥାର ଉନ୍ନତି କରିବା ଉପରେ ରହିଥିବା ରାଜନୀତିକ ଚାପକୁ ହ୍ରାସ କରାଇ ପାରେ। ବିଶ୍ୱର ବୃହତ୍ତମ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଭାବରେ ଭାରତ, ପାକିସ୍ତାନ ଏବଂ ବାଂଲାଦେଶରେ ଯାହା ଘଟିଥାଏ, ତାହା ବ୍ୟାପକ ଦକ୍ଷିଣ ବିଶ୍ୱ ପାଇଁ ଏକ ଉଦାହରଣ ଭାବରେ କାମ କରିଥାଏ । ସେମାନେ ଯେଉଁ ବାର୍ତ୍ତା ପ୍ରଦାନ କରିବେ, ତାହା ଏସିଆଠାରୁ ଆଫ୍ରିକା ଓ ଲାଟିନ୍ ଆମେରିକା ଏବଂ ସମଗ୍ର ବିଶ୍ୱରେ ଗୁଞ୍ଜରିତ ହେବ। ତେଣୁ ବିଶ୍ୱର ସମସ୍ତ ରାଷ୍ଟ୍ରର ରାଜଧାନୀମାନଙ୍କର ଏହିସବୁ ରାଷ୍ଟ୍ରର ନିର୍ବାଚନ ଉପରେ ଦୃଷ୍ଟି ରହିବା ସ୍ୱାଭାବିକ।

## କ୍ଷମତାର ମହୁ...ଯେତେବେଳେ ଥାଏ, ଆଉ ଗଲାପରେ

### ଶ୍ୟାମ ସୁନ୍ଦର ସାମଲ



ସତରେ କ୍ଷମତା କିପରି ଜିନିଷଟା ନୁହେଁ ମ ! କଥାରେ ନାହିଁ ଦିଲ୍ଲୀକା ଲଡୁ ଯୋ ଖାଏ ଓ ପସ୍ତାଏ ଯୋ ନେହିଁ ଖାଏ ଓ ବି ପସ୍ତାୟା। ବାସ କଥା ରହିଲା ସେହିଟି। ସବୁରି ମୂଳରେ କ୍ଷମତା। ଆଉ କ୍ଷମତା ଏପରି ଏକ ଅଦୃଶ୍ୟ ଶକ୍ତିଶାଳୀ, ବାହୁବଳୀ ଓ ପରକ୍ରମୀ ତା ଆଗରେ ଭଗବାନ ବି ମୁଣ୍ଡ ନୁଆଁନ୍ତି। ଆପଣ ଦେଖୁନାହାଁନ୍ତି ଆପଣଙ୍କ ପାଖରେ କ୍ଷମତା ଅଛି ମାନେ ଘର ଆଗରେ ରାତି ପାହିଲା ପୂର୍ବରୁ ଗାଡ଼ି ଲାଗିବ, ବାବୁ ଭାୟାମାନେ ଆସିବେ, ସ୍ତାବକଙ୍କ ସଂଖ୍ୟା ଢ଼େର ବଢ଼ିଯିବ ଆଉ ସବୁକିଛି। କିନ୍ତୁ ଯଦି କ୍ଷମତା ନାହିଁ ବୁଲା କୁକୁର ବି ଆପଣଙ୍କ ଘର ଆଗରେ ଆସି ଭୋକିବାକୁ ରାଜି ହେବନାହିଁ। ସାଧାରଣ ଜୀବନ କଥା ବି ଦେଖନ୍ତୁ ଜଣେ ପଦସ୍ଥ ଅଧିକାରୀ ବା ଅଧଃସ୍ତନ ଅଧିକାରୀ ସେ ତୃତୀୟ ଶ୍ରେଣୀ ହୁଅନ୍ତୁ ବା ଚତୁର୍ଥ ଶ୍ରେଣୀ। ଯେତେବେଳେ ଯେଉଁ ବିଭାଗରେ ଚାକିରୀ ଖଣ୍ଡେ ପାଇଥାନ୍ତି ସେତେବେଳେ ନିଜକୁ ଇନ୍ଦ୍ରଚନ୍ଦ୍ରଙ୍କ ଉପରସ୍ତରର ଲୋକ ଭାବେ ନିଜକୁ ବିଚାର କରନ୍ତି। ଆଉ ଜନସାଧାରଣଙ୍କୁ ପୋକମାଛି ପରି ବ୍ୟବହାର ମଧ କରିବାକୁ ପଛାନ୍ତି ନାହିଁ। କିନ୍ତୁ କେତେକ କ୍ଷେତ୍ରରେ ଦେଖାଯାଏ ଗୋଟିଏ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ କିଛି ଅଧିକାରୀ ହୁଅନ୍ତୁ ବା ଯେକୌଣସି ଶ୍ରେଣୀର ଚାକିରିଆ ହୁଅନ୍ତୁ ସେମାନଙ୍କ ନିକଟରେ ମଣିଷ ପଣିଆ ଥାଏ ଓ ଜନସାଧାରଣଙ୍କୁ ଯଥୋଚିତ୍ତ ବ୍ୟବହାର କରିବା ସହିତ ନିଜର ମଣିଷ ପଣିଆ ଆଉ ବଂଶ ପରମ୍ପରାରୁ ଶିଖିଥିବା ସଂସ୍କାରକୁ ସେମାନଙ୍କର ଆଚରଣରେ ଦର୍ଶାଇଥାନ୍ତି। ତାଙ୍କ ଭିତରୁ ଆମେ କାହାକୁ ଭଲ କହିବା, କାହାକୁ ମନ୍ଦ କହିବା ତାହା ଏ ଛୋଟିଆ ଲେଖକଟି ନୁହେଁ ସୁଧୀ ପାଠକବୃନ୍ଦ ମନୋନୀତ କରନ୍ତୁ।

ବର୍ତ୍ତମାନ ଦେଖନ୍ତୁ ଆପଣ ପଦପଦବୀରେ ଅଛନ୍ତି। କିସା କୃଷିକା ନ୍ୟାୟରେ ଆପଣଙ୍କୁ ତେଲମରାଙ୍କ ସଂଖ୍ୟା, ଜମା ତ ଗଣିପାରିବେନି। କିନ୍ତୁ ସେହି ତେଲମରା ମାନଙ୍କୁ ଟିକେ ସତର୍କ ଥିବେ କାରଣ ତେଲଟା ବା ଚିକିଟିବା ପଡ଼ିଯିବାର ଭୟ ଥାଏ। ବର୍ତ୍ତମାନ ସମୟକୁ ଟିକେ ଦେଖନ୍ତୁ ଯେଉଁମାନେ ଯଥାର୍ଥରେ ଭଲ ସରକାରୀ ଚାକିରିଆ ସେମାନେ ତାଙ୍କ କର୍ତ୍ତବ୍ୟରତ ସମୟରେ ସରକାର ବାବୁଙ୍କ ସମସ୍ତ ନିୟମ କାନୁନ ମାନି ଲୋକମାନଙ୍କୁ ଉତ୍ତମ ସେବା ଦେଇଥାନ୍ତି କିନ୍ତୁ ଦୁର୍ଭାଗ୍ୟର ବିଷୟ ସେମାନେ ତାଙ୍କର ଅବସର ପରବର୍ତ୍ତୀ ସମସ୍ତ ସରକାରୀ ପାଉଣା ଠିକ ସମୟରେ ପାଇପାରୁନାହାଁନ୍ତି। ତାଙ୍କ ପେନସନ ପେପର, ଜିପିଏଫ ଓ ଅନ୍ୟାନ୍ୟ କାଗଜାତ ଉପର ଅଫିସରୁ ଏଜି ଅଫିସକୁ ପଠାଯାଉନାହିଁ। କିଛି ନାବାଳିକି ଫିଟି ନଥିବା କର୍ମଚାରୀ ଯାହାଙ୍କୁ କିଛି ଜଣାନାହିଁ କିନ୍ତୁ କଥା ତାଙ୍କର କରମଣ୍ଡଳ ସୁପରଫାଷ୍ଟ। ସେମାନେ ଗୁରୁତ୍ୱପୂର୍ଣ୍ଣ ସିଟରେ ରହି ସବୁ କାମକୁ ବେଙ୍ଗା କରନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ସିଟରେ ରହିଥିବା ବର୍ଷ ବର୍ଷର ବୁଢ଼ା ମୂଷାମାନେ କେତେ ଯେ ଦୁର୍ନୀତିର ଗଳାବାଟ ସୃଷ୍ଟି କରିଥାନ୍ତି ତାହା ସରକାର ବାହାଦୂର ଜାଣିକି ବି ତାଙ୍କର..... ଉପାଡ଼ି ପାରନ୍ତି ନାହିଁ। ଜଣେ ଅଧିକାରୀ ହୁଅନ୍ତୁ ବା ଅଧଃସ୍ତନ କର୍ମଚାରୀଟି । ନିଜ କର୍ମମୟ ଜୀବନରେ ନିଜ ଝାଳବୁହା ଧନରୁ କିଛି ସରକାରୀ ବ୍ୟବସ୍ଥାରେ ସଞ୍ଚିତ କରି ଆଶା ରଖିଥାଏ ଅବସର ପରେ ସେ ଅର୍ଥ ତା ଦୁଃଖ ଓ ଅଭାବୀ ସମୟରେ ଲାଗିବ। କିନ୍ତୁ ଅନେକ ଘଟଣା ଅତ୍ୟନ୍ତ ମର୍ମନ୍ତୁଦ ହୋଇଯାଏ। ନିଜର ପ୍ରାପ୍ୟ କାଗଜ ପତ୍ର ଡାହାଣ ପଟ ଟେବୁଲରୁ ବାମ ପଟ ଟେବୁଲକୁ ଘୁଞ୍ଚି ପାରୁନାହିଁ। ବିନା ନଗଦ ନାରାୟଣରେ ଚପଲ ଘୋରି ହେବ ସିନା, ଚଡ଼ିଗଞ୍ଜି ଓଦା ହେବ ସିନା ସେହିପରି ମୁଣ୍ଡ ଆଉଁଷି ଥିବେ।

ଆମ ଓଡ଼ିଶାରେ ସରକାର ବାହାଦୂର ମଝିରେ ବାହାଦୂରି ନେବା ପାଇଁ ଘୋଷଣା କରିଦେଲେ ଅବସରର ଦିନ ହିଁ ତାଙ୍କର ସମସ୍ତ କାଗଜପତ୍ର ପ୍ରସ୍ତୁତ ହୋଇ ସମ୍ମାନର ସହ ପ୍ରାପ୍ୟ ଦିଆଯିବ ଏବଂ ମାତ୍ର ତିନିମାସ ଭିତରେ ସେ ନିୟମିତ ପେନସନ ପାଇଁ ହକଦାର ହେବେ। କିଛି କର୍ମଚାରୀଙ୍କୁ ଦିଆଯାଇ ସରକାର ନିଜ ଢ଼ୋଲ ପିଟା ଫଟୋ ଖବରକାଗଜରେ ମଧ ଛାପିଲେ। ଆମ ପରି ଅବସର ଗ୍ରହଣ କରିଥିବା ଛୋଟିଆ ମୋଟିଆ କର୍ମଚାରୀମାନେ ଭାରି ଖୁସି ହେଉଥିଲୁ କିନ୍ତୁ ସେ ଖୁସିଟା କେବଳ ଦେଖାଣିଆ ଥିଲା। ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗ କୁହାଯାଉଥିବା ରାଜସ୍ୱ ବିଭାଗ। କଥାଟି ଟିକେ ଆଲୋଚନାରେ ରହୁ। ଏଠି ଏପରି ଭୟଙ୍କର ଜନ୍ତୁ ଆଉ ମୂଷାମାନେ ଅଛନ୍ତି ଯେ ଏମାନେ ଉତ୍ତରାଖଣ୍ଡ ଟନେଲ ପରି ଶହେଟା ଟନେଲର ଗାତକୁ ଖୋଳି କେଉଁଠି ପହଞ୍ଚିଯିବେ ଭଗବାନ ବି ତାଙ୍କୁ ଠାବ କରିପାରିବେନାହିଁ। ବର୍ଷ ବର୍ଷ ଧରି ଉପରିସ୍ଥ ବାବୁଙ୍କୁ ଖୁସ କରି ଏହି ଗାତୁଆ ମୂଷାମାନେ ନିଜର ତଳିଆ କର୍ମଚାରୀଙ୍କୁ ଯେଉଁପରି ମାନସିକ ଭାବେ କଷ୍ଟ ଦେଇଥାନ୍ତି ତାହା ନକହିବା ଭଲ। ସଞ୍ଚିତ ପ୍ରାପ୍ୟରୁ ଜଣେ ନିଜ ପରିଣତ ବୟସରେ ଚିକିତ୍ସା ହେବାପାଇଁ ଟଙ୍କାଟିଏ ପାଉନାହିଁ, ଝିଅ ବିବାହ ବୟସ ଗଡ଼ି ଯାଉଛି, ପୁଅଟି ଚାକିରି ପାଇଁ ସମ୍ବଳ ଝୁଲି ରହିଗଲା, ସ୍ତୀର ଦେହପା କଥା ସେ ବି ପଛେଇ ଯାଏ ଆଉ ଅତ୍ୟନ୍ତ ବୃଦ୍ଧ ବାପ-ମାଆଙ୍କ ଚିକିତ୍ସା ପାଇଁ ବି ସମ୍ବଳ ମିଳିନଥାଏ। କଟକ ରାଜସ୍ୱ ପର୍ଷଦରେ ଏପରି ହାକିମ ମାନେ ଅଛନ୍ତି ଯାହାଙ୍କ ପିଲାମାନଙ୍କ ପାଠପଢ଼ା ନୋଟ ଷ୍ଟାପ ମାନେ ତିଆରି କରନ୍ତି, ନିଜ ଗାଡ଼ିରେ ପିଲାଙ୍କୁ ଟ୍ୟୁସନ ନେବେ, ପରିବା, ମାଂସ, ମଦ, ବଜାର କିଣା ଦାୟିତ୍ୱ ବି ତୁଲାଇବେ ଆଉ ତାହା ସହିତ ହାକିମାଣୀଙ୍କ ବୋଲ ସହ ହାକିମାଣୀ ଯଦି ମୁନୀବ ହୋଇଥିବେ ତାହାହେଲେ ଓଲଟା ଭାବେ ହାକିମଙ୍କ ବୋଲ ବି କରିବେ ଏବଂ ନକଲେ ନିଜ ରାସ୍ତା ଦେଖିବେ। ବିଭିନ୍ନ ବାବଦରେ ତଳିଆ କର୍ମଚାରୀଙ୍କ ଆକାଉଣ୍ଟ ଦ୍ୱାରା ପଇସା ସଂଗ୍ରହ ହୋଇ ସାରଙ୍କ ପାଖକୁ ଯିବ। ତାମାନେ ପ୍ରମାଣ ଶୂନ୍ୟ।

ଆମେ ପ୍ରଥମରୁ ଲେଖୁଥିଲୁ କ୍ଷମତାରେ ଥିବାବେଳେ ଆଉ କ୍ଷମତା ଯିବାପରେ। ହଁ, ସେହିକଥା ଆଉ ଟିକେ ଲେଖି ସାରୁଛି। ଆପଣ କ୍ଷମତାରେ ଥିବାର ଶେଷ ଦିନ ଆପଣଙ୍କ ଡ୍ରାଇଭର ଆପଣଙ୍କୁ ସାଲ୍ୟୁଟ ମାରିବ। ତଳିଆମାନେ ସେହିପରି ହାଁ ଜୀ ହାଁଜୀ। ଭଲ ବିଦାୟ ସମ୍ବର୍ଦ୍ଧନା ବି ଦିଆଯିବ। ଭୁରି ଭୋଜିଭାତ ପ୍ରକାଣ୍ଡ ଉପଢ଼ୌକନ ସହ। ଅବସର ପରଦିନ ସକାଳେ ଟିକିଏ ଆପଣଙ୍କର ହାକିମାତିର ଜାଗାକୁ ଟିକିଏ ଯାଆନ୍ତୁ ତ ! ହେ ଭାଇ କାଶିଆ କିଏ ନା କପିଳା କିଏ ? ଜୁଳୁ ଜୁଳୁ କରି ସମସ୍ତେ ଅନେଇ ଓଲଟି ଆହୁରି ପଚାରିବେ ଡ୍ରରେ କ'ଣ ଜିନିଷ ଛାଡ଼ି ଦେଇଛନ୍ତି କି ? ତାଟବାଟ, ମୁଣ୍ଡିଆମରା, ହାଁ ଜୀ ହାଁ ଜୀ ଆଉ ନାହିଁ। ମୋ ବ୍ୟକ୍ତିଗତ ଅନୁଭୂତିରେ ଅନେକ ଘଟଣା ଦେଖିଛି। କିନ୍ତୁ ଆପଣ ଜଣେ କର୍ତ୍ତବ୍ୟନିଷ୍ଠ ହୋଇ ସରକାରଙ୍କ ନିୟମର କାର୍ଯ୍ୟଧାରାରେ ଲୋକମାନଙ୍କ ସେବା କରନ୍ତୁ ଦେଖିବେ ସେହିମାନେ ଆପଣଙ୍କୁ ଖଇକଉଡି ପକାଇ ମଶାଣୀ ପର୍ଯ୍ୟନ୍ତ ବି ବିଦାୟ ଦେବାକୁ ଯିବେ। ଏ ଦୁନିଆରେ କେହି ମାଆ ପେଟରୁ କ୍ଷମତାକୁ ନେଇ ଆସିନଥାଏ। ଯଦିଓ କଥାରେ ଅଛି କେହି କେହି ଧର୍ଣ୍ଣାଢ୍ୟ ବ୍ୟକ୍ତିମାନଙ୍କୁ ଉପଲକ୍ଷ୍ୟ କରି କୁହନ୍ତି ସେମାନେ ସୁନା ଚାମଚରେ ତାଙ୍କ ଜୀବନ ଆରମ୍ଭ କରିଥାନ୍ତି। ଲୋକମାନଙ୍କ ହୃଦୟରେ ରୁହନ୍ତୁ କେବେ କାହା ମୁଣ୍ଡରେ ଚଢନ୍ତୁ ନାହିଁ କାରଣ ମୁଣ୍ଡରୁ ଖସିପଡ଼ିବାର ଭୟ ଅଛି କିନ୍ତୁ ହୃଦୟ ବା ଏକ ଶ୍ରେଷ୍ଠ ସ୍ଥାନ। ଯାହାପାଇଁ ପୁରାଣ ଶାସ୍ତ୍ର କହିଛି ଭଗବାନ ହେଉଛନ୍ତି ହୃଦୟ ନିବାସୀ। କ୍ଷମତା ନଥାଏ ଏହା କିଛି କ୍ଷଣର ବା କିଛି ସମୟର। ଆଜି ଆପଣ ଭାବୁଛନ୍ତି ରୁଷର ପୁଟିନ, ଆମେରିକାର ବାଇଡେନ ବା ଆମ ପ୍ରଧାନମନ୍ତ୍ରୀ ଶକ୍ତିଶାଳୀ କୁହାଯାଉଥିବା ନରେନ୍ଦ୍ର ମୋଦୀ ଏବେ ଆମ ମୁଖିଆ ନବୀନ ବାବୁ ବା ୫ଟିର ସର୍ବଶକ୍ତିମାନ ଭି.କେ. ପାଣ୍ଡିଆନ, କାହାର ବି ଦିନେ କ୍ଷମତା ଦୀର୍ଘସ୍ଥାୟୀ ହୋଇପାରିବା ନାହିଁ ଏହା ହେଉଛି କାଳର ଅଲିଖିତ ନିୟମ। କିନ୍ତୁ ହୃଦୟର କ୍ଷମତାରେ ରୁହନ୍ତୁ ନା ଦେଖିବେ ଆପଣଙ୍କୁ ଆପଣଙ୍କ ସ୍ଥାନ ସର୍ବଦା ମୃତ୍ୟୁ ପରେ ବି ଶାଶ୍ୱତ ଅମର ହୋଇ ରହିବ। କାହିଁକି ଭାଇ ଏହି କ୍ଷମତାକୁ ଆମ ମଣିଷ ଭାଇ ମାନଙ୍କୁ ଆମେ ଚିହ୍ନି ପାରିବା ନାହିଁ। ଇଂରାଜୀ ନୂଆ ବର୍ଷଟି ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ଏହି ଛୋଟିଆ ଲେଖାଟି ମାଧ୍ୟମରେ ସମସ୍ତଙ୍କୁ ସଂସ୍କାର ଯୁକ୍ତ ହୋଇ ଦୁର୍ନୀତିମୁକ୍ତ ହେବା ସହ କର୍ତ୍ତବ୍ୟନିଷ୍ଠ ହୁଅନ୍ତୁ ଏହାଦ୍ୱାରା ଏହି ଛୋଟିଆ ଲେଖକଟି ତା ଲେଖାର ଉଚିତ ବିଚାର ଗ୍ରହଣ କରିପାରିବ।


ବିଡ଼ାନାସୀ ବନ୍ଧଛକ, କଟକ

ମୋ : ୯୭୭୮୬୩୫୯୨୬


## ସା ବିଦ୍ୟା ଯା ନିଯୁକ୍ତୟେ

### ଶ୍ରୀବତ୍ସ ନାୟକ



ଶାସ୍ତ୍ରରେ ବର୍ଣ୍ଣିତ ଅଛି 'ତତ୍କର୍ମ ଯ ନବନ୍ଧାୟ, ସା ବିଦ୍ୟା ଯା ବିମୁକ୍ତୟେ', ଅର୍ଥାତ୍ ଯେଉଁ କର୍ମ କୌଣସି ଏକ ବ୍ୟକ୍ତିକୁ କୁ-ଅଭ୍ୟାସ ଦ୍ୱାରା ବାନ୍ଧି ରଖିନପାରେ ତାହା ହେଉଛି ଉପଯୁକ୍ତ କର୍ମ । ଠିକ୍ ସେହିପରି ସେଇ ହେଉଛି ବିଦ୍ୟା ଯାହା ଏକ ବ୍ୟକ୍ତିକୁ ମୁକ୍ତି ଦିଏ, ଜ୍ଞାନ ଦିଏ ଏବଂ ବିବେକାନୁମୋଦିତ କର୍ମ କରିବା ପାଇଁ ପ୍ରେରଣା ଯୋଗାଇଥାଏ । କିନ୍ତୁ ସାମ୍ପ୍ରତିକ ପରିସ୍ଥିତିର ଭାରତର ଶିକ୍ଷା ବ୍ୟବସ୍ଥାକୁ ଲକ୍ଷ୍ୟକଲେ ଏହା ସ୍ପଷ୍ଟ ଅନୁମେୟ ଯେ ବିଦ୍ୟାର ମୂଳଲକ୍ଷ୍ୟ ହେଉଛି ଚାକିରୀ କରିବା ବା ନିଯୁକ୍ତି ସୃଷ୍ଟି କରିବା । ଏକବିଂଶ ଶତାବ୍ଦୀର ମଣିଷ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଦାସ ହୋଇ ଚାକିରିରେ ନିଯୁକ୍ତି ପାଇବା ପାଇଁ ଅହରହ ପ୍ରୟାସ କରୁଛି । ପ୍ରଶାସନିକ ସେବା, ଡାକ୍ତର, ଓକିଲ, ଇଞ୍ଜିନିୟର, ଚାଟାର୍ଡ ଆକାଉଣ୍ଟାଣ୍ଟ ଭଳି ବଡ଼ ବଡ଼ ପଦ ପଦବୀରେ ରହିବା ପାଇଁ ପ୍ରତିଯୋଗିତା ହେଉଛି । ସୌଭାଗ୍ୟ ବଶତଃ ଛାତ୍ରଛାତ୍ରୀ ମାନେ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିଗଲେ ତାଙ୍କୁ ଆମ ସମାଜ ଜଣେ ଶ୍ରେଷ୍ଠ ବ୍ୟକ୍ତି ବୋଲି ବିବେଚନା କରେ । ଯିଏ ଚାକିରି ନପାଇଲା ତାକୁ ଅନେକ ନିନ୍ଦା ଅପବାଦ ସହିବାକୁ ପଡ଼ିଥାଏ ଫଳରେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତି ନେବାକୁ ପଛାଇ ନଥାନ୍ତି ଛାତ୍ରଛାତ୍ରୀମାନେ। ଆଧୁନିକ ଯୁଗର ମଣିଷ ପାଇଁ ବିଦ୍ୟା ବ୍ୟକ୍ତିଟିକୁ ମୁକ୍ତି ପ୍ରଦାନ ନକରି ନିଯୁକ୍ତି ପ୍ରଦାନ କରିବାରେ ସହାୟକ ହେଉଅଛି ତେଣୁ ଯଥାର୍ଥରେ କୁହାଯାଉଛି ଯେ 'ସା ବିଦ୍ୟା ଯା ନିଯୁକ୍ତୟେ'। ଦିନେ ଯେଉଁ ବିଦ୍ୟା ମନୁଷ୍ୟକୁ ମୁକ୍ତି ଦେଉଥିଲା ଆଜି ସେ ବିଦ୍ୟା ମନୁଷ୍ୟକୁ ନିଯୁକ୍ତି ଦେଉଛି । ଫଳରେ ଆମେ କହିବା ଯେ ସମୟାନୁକ୍ରମେ ଶିକ୍ଷାର ସଂଜ୍ଞା ବଦଳିବାରେ ଲାଗିଛି । ଯଦି ଏହିଭଳି ଚାଲେ ତେବେ ଭାରତର ଗୌରବମୟ ଗାରିମା ଧ୍ୱଂସ ପାଇଯିବ ଏବଂ ଆଗାମୀ ଦିନରେ ଭାରତର ବିଶ୍ୱଗୁରୁ ହେବାର ସ୍ୱପ୍ନ ଅଧୁରା ରହିଯିବ ଏଥିରେ ସନ୍ଦେହ ନାହିଁ ।

ଦେବଭୂମି ଭାରତ ବର୍ଷର ଶିକ୍ଷା ବ୍ୟବସ୍ଥା ସର୍ବପୁରାତନ ଭାବେ ସର୍ବଜନବିଦିତ । ଅଧୁନା ବିଶ୍ୱର ଅଧିକାଂଶ ଦେଶ ଭାରତର ଶିକ୍ଷା ବ୍ୟବସ୍ଥାକୁ ଅନୁକରଣ କରୁଛନ୍ତି । ଯାହା ନାହିଁ ଭାରତେ ତାହା ନାହିଁ ଜଗତେ ଅର୍ଥାତ୍ ବିଶ୍ୱବାସୀ ଆଜି ଯାହା ଦେଖୁଛନ୍ତି ସେଥିରେ ଭାରତର ଅବଦାନ ନିଶ୍ଚିତ ଭାବେ ଅଛି । ଯେତେବେଳେ ପୃଥିବୀରେ ଶିକ୍ଷାର ସାର୍ବଜନୀନ ବିଶ୍ୱବିଦ୍ୟାଳୟ ସ୍ତରୀୟ ରୂପରେଖ ଅସ୍ପଷ୍ଟ ଥିଲା ସେତେବେଳେ ଭାରତର ସୁସଂଗଠିତ ଶିକ୍ଷା ବ୍ୟବସ୍ଥା ଖୁବ୍ ଉଚ୍ଚମାନର ଥିଲା । ତକ୍ଷଶୀଳା, ପୁଷ୍ପଗିରି, ନାଳନ୍ଦା, ରତ୍ନଗିରି, ବଲ୍ଲଭୀ, ବିକ୍ରମଶୀଳା ଭଳି ବିଶ୍ୱବିଦ୍ୟାଳୟରେ ଦେଶ ବିଦେଶରୁ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରୁଥିଲେ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଭାରତ ହେଉଛି ଶିକ୍ଷାର ପେଣ୍ଠସ୍ଥଳୀ । ପ୍ରାଚୀନ ଆର୍ଯ୍ୟ ପରମ୍ପରାରେ ବିଦ୍ୟା ଏକ ବ୍ୟକ୍ତିର ଷଡରିପୁ (ଅହଙ୍କାର,ମିଥ୍ୟା,କ୍ରୋଧ,ଭୟ,ମୋହ ଓ କୁସଂସ୍କାର ଭଳି ଆସୁରିକ ପ୍ରକୃତି)କୁ ନାଶ କରି ମୁକ୍ତି ପ୍ରଦାନ କରିଥାଏ । ବିଦ୍ୟା ଅଧ୍ୟୟନ କରିବା ଦ୍ୱାରା ବ୍ୟକ୍ତିର ହୃଦୟରେ ଦୟା, କ୍ଷମା, ନ୍ୟାୟ, ସ୍ନେହ, ପ୍ରେମ, ଭଳି ଦୈବୀ ଗୁଣର ରସସଂଚାର ହୋଇଥାଏ ଯାହା କ୍ଷଣିକ ବନ୍ଧନରୁ ମୁକ୍ତ କରି ଚିରନ୍ତନ ସତ୍ୟକୁ ଅନୁଶୀଳନ କରାଏ ।

ଏକଦା ଶିକ୍ଷା ସମ୍ବନ୍ଧୀୟ ଏକ ସେମିନାରରେ ମୁଁ ଅଂଶ ଗ୍ରହଣ କରିଥାଏ। ରିସୋର୍ସେ ପର୍ସନ ଭାବେ ବ୍ରିଟିଶର ଜଣେ ପ୍ରାଧ୍ୟାପକ ତାଙ୍କ ଦେଶର ଶିକ୍ଷା ବ୍ୟବସ୍ଥା ସମ୍ବନ୍ଧରେ ବକ୍ତବ୍ୟ ଦେଇ କହିଥିଲେ ଯେ ତାଙ୍କ ଦେଶରେ ଶିଶୁଟି ଶିକ୍ଷା ଲାଭ କରିବା ସମୟରେ ସେ ନିଜେ ନିଜର ଆଗ୍ରହକୁ ନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ନିଜେ ସ୍ଥିର କରିବାକୁ ଲାଗିଥାଏ । ବାହ୍ୟ ପ୍ରଭାବ ତଥା ଅଭିଭାବକ ମାନଙ୍କ ତରଫରୁ ଶିଶୁର ଲକ୍ଷ୍ୟନେଇ କୌଣସି ଚାପ ପ୍ରୟୋଗ କରାଯାଇନଥାଏ । ଅଧୁନା ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଠିକ୍ ଏହାର ବିପରୀତ ଅବସ୍ଥା ପରିଲିଖିତ ହେଉଛି । ଦୂର ଦିଗବଳୟରୁ ଦିଗନ୍ତ ଦୃଶ୍ୟମାନ ହେଲାଭଳି ଶିଶୁର ଭବିଷ୍ୟତ ନେଇ ଅଭିଭାବକମାନେ ନିଷ୍ପତି ନେଇଥାନ୍ତି । ଏହି ପରିପ୍ରେକ୍ଷୀରେ ଶିଶୁର ସ୍ୱାଧୀନତା ସମ୍ପୂର୍ଣ୍ଣ ରୂପେ ଲୋପ ପାଇଥାଏ । ଶିକ୍ଷା ଗ୍ରହଣ କରିବା ଦିନଠାରୁ ଶିଶୁଟି ଲାଗି ପଡ଼ିଥାଏ ବାପା ଓ ମା ଙ୍କର ଅଭିଳାଷ ପରିପୂର୍ଣ୍ଣ କରିବା ପାଇଁ। ଫଳରେ ସେ ଅନ୍ତର୍ନିହିତ ପ୍ରତିଭା ଅନୁଯାୟୀ ଭବିଷ୍ୟତ ପନ୍ଥା ଆପଣାଇବା ପରିବର୍ତ୍ତେ ତଥା ନିଜର ଅନିଚ୍ଛା ସତ୍ତ୍ୱେ ଅଭିଭାବକଙ୍କ ଚାପର ବଶବର୍ତ୍ତୀ ହୋଇଥାଏ। ଶିକ୍ଷା ଗ୍ରହଣ କରିବା ଦିନଠାରୁ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଏମିତି ଏକ ମାନସିକତା ଆସିଥାଏ ଯେ ସେମାନେ ସରକାରୀ ଚାକିରୀ ତଥା ଉଚ୍ଚ ପଦପଦବୀ ରେ ରହିବା ପାଇଁ ପ୍ରତିଯୋଗିତା କରିଥାନ୍ତି । ବ୍ରିଟିଶ ଶାସନ କାଳରେ ବ୍ରିଟିଶରମାନେ ଶିକ୍ଷାକୁ କେବଳ ଚାକିରୀ ସାଙ୍ଗରେ ଯୋଡ଼ି ଦେଖୁଥିଲେ । ତେଣୁ ଭାରତ ସ୍ୱାଧୀନତା ଲାଭ କରିବା ପରଠାରୁ ଶିକ୍ଷା ବ୍ୟବସ୍ଥାରେ ସେହି ପୁରୁଣା ଢାଞ୍ଚାରେ ପ୍ରଚଳନ ହେଉଛି । ଏଠି ବିଦ୍ୟା ଅହୋରଣ କେବଳ ଚାକିରୀରେ ସୀମିତ ହୋଇଯାଇଛି । ଶିକ୍ଷାକୁ ସର୍ବଦା ଭାରତ ଗୁରୁତ୍ୱ ଦେଇ ଆସିଛି । ସମୟାନୁଯାୟୀ ଯୁଗପଯୋଗୀ ଶିକ୍ଷା ବ୍ୟବସ୍ଥାମାନ ପ୍ରଣୟନ କରିଛି । ପ୍ରାଚୀନ ଗୁରୁକୁଳ ଶିକ୍ଷା ବ୍ୟବସ୍ଥା ଠାରୁ ଆରମ୍ଭକରି ସ୍ୱାଧୀନତାର ପରବର୍ତ୍ତୀ ପର୍ଯ୍ୟାୟରେ ରାଧାକ୍ରିଷ୍ଣନ୍ କମିଶନ(୧୯୪୮-୪୯), ମୂଦାଲୀୟର କମିଶନ(୧୯୫୨), ଦୂର୍ଗାବାଇ ଦେଶମୁଖ(୧୯୫୮), କୋଠାରୀ କମିଶନ(୧୯୬୪-୬୬), ଜାତୀୟ ଶିକ୍ଷାନୀତି(୧୯୮୬), ଯଶପାଲ୍ କମିଟି (୧୯୯୨), ଜାତୀୟ ପାଠ୍ୟକ୍ରମ ରୂପରେଖ (୨୦୦୫) ଆଧାରରେ ଶିକ୍ଷାବ୍ୟବସ୍ଥାରେ ସଂସ୍କାର ଆଣିଛି । ସେହିଭଳି ପରମ୍ପରା ସହ ପ୍ରଗତିର ମହମିଳନ ଉଦ୍ଦେଶ୍ୟରେ ଭାରତ ସରକାର ୨୦୨୦ ମସିହାରେ ପୁରୋଦୃଷ୍ଟି ଓ ଭୂୟୋଦର୍ଶନ ସମ୍ପୂର୍ଣ୍ଣ ନୂତନ ଶିକ୍ଷାନୀତି ପ୍ରଣୟନ କରିଛନ୍ତି । ଏହା ମାଧ୍ୟମରେ ଆତ୍ମନିର୍ଭର ଭାରତ,ବିଶ୍ୱଗୁରୁ ଭାରତ ଏବଂ ଭୋକାଲ୍ ଫର ଲୋକାଲ୍ ପାଇଁ ସ୍ୱପ୍ନ ଦେଖୁଛି ଭାରତ । ଏହି ବ୍ୟବସ୍ଥାରେ ଶିକ୍ଷା ସାକ୍ଷରତା ଠାରୁ ଆରମ୍ଭ କରି ପାଠ୍ୟକ୍ରମରେ ସିଦ୍ଧି, କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷାରେ ସାଫଲ୍ୟ ବା ଜୀବିକା ନିର୍ବାହ ନିମନ୍ତେ କୌଣସି ଏକ ମାର୍ଗର ତାଲିମପ୍ରାପ୍ତ ଭାବେ ଦେଖିବାକୁ ମିଳୁଛି ଯାହାକି ଶିକ୍ଷାର ମୌଳିକ ଉଦ୍ଦେଶ୍ୟ ନୁହେଁ ।

ଆମେ ବର୍ଷ ବର୍ଷ ଧରି ଶିକ୍ଷାର ପଛରେ ଧାଇଁବା କାହିଁକି ? କଣ କେବଳ ଉପାଧି ଲାଭ ନିମନ୍ତେ, ଯାହା ଚାକିରୀ ଦେବ ନ ମୋଟା ଅଙ୍କର ବେତନ ଯୋଗାଇବ ? କି ଶିକ୍ଷାର ଆଉ କିଛି ଲକ୍ଷ୍ୟ ଅଛି ? କୌଣସି ଉଚ୍ଚପଦରେ ଅଧିଷ୍ଠିତ ହେଲେ କଣ ଶିକ୍ଷାର ଉପଯୁକ୍ତ ମୂଲ୍ୟ ମିଳିପାରିବ ? ଆଧୁନିକତାର ସ୍ପର୍ଶରେ ସହରାଭିମୁଖୀ ହେବା ପ୍ରତିଯୋଗିତା ମୂଳକ ମନୋଭାବ ନେଇ ଚାକିରୀ ଅନ୍ୱେଷଣ କରିବା, ନିଯୁକ୍ତି ନମିଳିଲେ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିବା ଆଦି ଧାରଣା ଏବେ ବି ଆମ ମନରେ ବାସା ବାନ୍ଧିଛି । ଏଭଳି ଭ୍ରମାତ୍ମକ ଧାରଣାରୁ କେବେ ମୁକ୍ତି ପାଇବା ଆମେ ? ଏହା ଭାଗ୍ୟର ବିଡମ୍ବନା ନୁହେଁ ତ ଆଉ କଣ ? ଶିକ୍ଷାର ମାନେ ନୁହେଁ ଯେ କେବଳ ଚାକିରୀ କରିବା । ଚାକିରୀ ବା ନିଯୁକ୍ତି ପଛରେ ଦୌଡ଼ିବା ଅପେକ୍ଷା ଅର୍ଜନ କରିଥିବା ଜ୍ଞାନକୁ ଉନ୍ନତ ସମାଜ ଗଠନରେ ବିନିଯୋଗ କରିବା ଶ୍ରେୟସ୍କର ହେବ । ଆଜିର ଶିକ୍ଷା ଆମକୁ ମୁକ୍ତ କରିବା ପରିବର୍ତ୍ତେ ବନ୍ଧନ ଆଡ଼କୁ ଠେଲି ଦେଇଛି । ଜ୍ଞାନ ସମୃଦ୍ଧ ପ୍ରାଚୀନ ଭାରତରେ ସାକ୍ଷରତା ବିନା ବି ବିଦ୍ୟା ଲାଭ କରାଯାଉଥିଲା କିନ୍ତୁ ଆଜିର ସମୟରେ ଆମେ ବିଦ୍ୟା ଲାଭକରି ଶିକ୍ଷିତ କିନ୍ତୁ ଆମେ ଯେ ଜ୍ଞାନୀ ଏହା ସମ୍ପୂର୍ଣ୍ଣ ରୂପେ ଠିକ୍ ନୁହେଁ ।କାହିଁକିନା ଆମର ବିଦ୍ୟା କେବଳ ନିଯୁକ୍ତି ସର୍ବସ୍ୱ ହୋଇପଡିଛି । ତେଣୁ ଯେଉଁ ପର୍ଯ୍ୟନ୍ତ ଶିକ୍ଷାର ଉଦ୍ଦେଶ୍ୟ ଚାକିରୀ ହୋଇଥିବା ସେ ପର୍ଯ୍ୟନ୍ତ ଚାକର ସୃଷ୍ଟି ହେଉଥିବେ କିନ୍ତୁ ମାଲିକ ନୁହେଁ । ନିଯୁକ୍ତି ପାଇବା ଆଶାରେ ଶିକ୍ଷାଲାଭ କରିବା ଭଳି ହୀନ ମାନସିକତାର ପରିବର୍ତ୍ତନ ନହେଲେ ସା ବିଦ୍ୟା ଯା ବିମୁକ୍ତୟେ ନହୋଇ ସ ବିଦ୍ୟା ଯା ନିଯୁକ୍ତୟେ ହୋଇଯିବ ଏଥିରେ ସନ୍ଦେହ ନାହିଁ ।


ଅଧ୍ୟାପକ,ବାଣିଜ୍ୟ ବିଭାଗ

ବ୍ରାହ୍ମଣଝରିଲୋ

ମହାବିଦ୍ୟାଳୟ,କଟକ


ମୋ: ୯୪୩୮୦୭୦୮୪୯





### ପ୍ରୀତିମୟ ପୁଲକ

**ଜୟନ୍ତ କୁମାର ମଲ୍ଲିକ୍**



ମୋ ମନ ବନରେ ତୁମେ
ସୁବାସିତ ଫୁଲ -
କେହି ପାରିବେନି ଦେଇ
ତା ପ୍ରକୃତ ମୂଲ,
ଆଶା ଆକାଶରେ ତୁମେ
ଅଟ ପୂର୍ଣ୍ଣ ଶଶୀ -

ଯା ଓଠରୁ ଜୋଛନାର
ତାରା ପଡ଼େ ଖସି,
ଜୀବନ ନାଟକେ ତୁମେ
ଅନନ୍ୟା ନାୟିକା -

ମୋ ପୀରତି ଗୀତିକାର
ତୁମେ ତ ଗାୟିକା,
ମୁଁ ଅଟେ ପ୍ରଣୟ ବିନ୍ଦୁ
ତୁମେ ମୋ ବଳୟ -

ମୋ ଫଗୁଣ ଆସରରେ
ତୁମେ ତ ମଳୟ,
ଦୁଃଖର ଅନ୍ଧାରୀ ଘରେ
ତୁମେ ସୁଖ ମୂଳକ-

ମୋ ନୟନେ ଅଟ ତୁମେ
ପ୍ରୀତିମୟ ପୁଲକ।


ଶୂରଡିହ, ନନ୍ଦିପୁର,ଯାଜପୁର

ମୋ:୯୪୩୭୮୬୫୭୨୭


### ପ୍ରିୟାର କବିତା

**ସନ୍ତୋଷ କୁମାର ଅଦାବର**

ରାତିରେ ପଢ଼ିଲେ ପ୍ରିୟାର କବିତା
ନିଦ ଭୁଲିଯାଏ ଆଖି
ଦିନରେ ପଢ଼ିଲେ ଏ ଅବୁଝା ମନ
ତା'ଠି ଯାଏ ସତେ ଲାଖି ।
ସକାଳରେ ଯଦି ପଢ଼େ ତା' କବିତା
ଲାଗଇ ଚା' ସ୍ୱାଦ ଭଳି
ସଂଧ୍ୟାରେ ପଢିଲେ ଚିତ୍ର ଆଙ୍କେ
ତାକୁ
ଧରି ପ୍ରେମ ରଙ୍ଗ ତୂଳୀ ।
ନିଦାଘରେ ଯେବେ ପଢ଼େ ତା'
କବିତା
ମୃଦୁ ଲାଗେ ଝାଞ୍ଜି ବାଆ
ଝଡ଼ି ବରଷାରେ ପଢିଲେ ତା' ଲେଖା
ମନ ଭିଜି ଯାଏ ଆହା ।
ଶୀତରେ ପଢିଲେ ହାଡଭଙ୍ଗା ଶୀତ
ହଜାଇ ଦିଏ ଠିକଣା
ମଧୁକାଳେ ମଳୟରେ ଭାସିଆସେ
ତା' ଲେଖାର ମିଷ୍ଟ ବାସ୍ନା ।
ଆଠକାଳି ବାରମାସୀ ତା' କବିତା
ପଢ଼ି ଖୁସି ହୁଏ କେତେ
ମୁଁ ଏକା ଜାଣିଛି କି ଯାଦୁ ମନ୍ତର
ଭରିଛି ତହିଁରେ ସତେ ।


ବୀରମହାରାଜପୁର,ସୁବର୍ଣ୍ଣପୁର

ମୋ-୯୭୭୭୯୧୦୭୨୮


### ମୁଁ କୃଷକ ହେବି

**ଦାସ କମଳ କୁମାର**

କିଏ କହେ ହେବି ଇଞ୍ଜିନିୟର ମୁଁ
କିଏ କହୁଛି ଡାକ୍ତର ।
କିଏ କହେ ପୁଣି ବୈଜ୍ଞାନିକ ହେବି
ଆଉ ହେବି ମୁଁ ମାଷ୍ଟର ।
କିଏ କୁହନ୍ତିନି କୃଷକ ମୁଁ ହେବି
ଜାଣିନି କାରଣ ତାର ।
କୃଷକ ହେବାକୁ କାହିଁକି ସଙ୍କୋଚ
କରନ୍ତୁ ତାହାକୁ ଦୂର ।
କୃଷକ ନଥିଲେ ଖାଦ୍ୟ ମିଳିବ କି
କେମିତି ବଞ୍ଚିବ ପ୍ରାଣ ?
ଏକଥା ଟିକିଏ ଭାବନ୍ତୁ ସଭିଏଁ
ଦିଅନ୍ତୁ ଟିକିଏ ଧ୍ୟାନ ।
ଜୟ କିଷାନର ନାରା ଦେଉ ସବୁ
ଏସବୁ ଉପର ମନ ।
କୃଷି, କୃଷକକୁ ସତରେ କୁହନ୍ତୁ
ଦେଉଛେ କି ସନମାନ ।
ଯେଉଁ ଚାକେରି ବି କର ଭାଇ ତୁମେ
ସ୍ୱାଧୀନତା ପାଇବନି ।
ଅନ୍ୟ ଅଧୀନରେ କାମ କରି କରି
ବାଜି ଯିବ ତୁମ ଗିନି ।
ମାନୁଛି ଚାଷରେ ପରିଶ୍ରମ ଅଛି
ମିଳୁଛି ବି ପ୍ରୋତ୍ସାହନ ।
ମନ ଧ୍ୟାନ ଦେଇ ଚାଷ କଲେ ଭାଇ
ନିଶ୍ଚେ ହେବ ଲାଭବାନ ।
ପରିଶ୍ରମ କଲେ ସ୍ୱାସ୍ଥ୍ୟବାନ ହେବ
ହେବ ନାହିଁ ରୋଗ ବ୍ୟାଧି ।
ପରିବାର ସହ ଶାନ୍ତିରେ ରହିବ
ମିଳିବ ସୁଖ ସମୃଦ୍ଧି ।
କୃଷିଜାତ ଦ୍ରବ୍ୟ ବିକ୍ରୟ ନିମନ୍ତେ
ନାହିଁ ଆଜି ଅସୁବିଧା ।
ନିଜ କ୍ଷେତେ ନିଜେ ଖଟିବାକୁ କାହିଁ
ମନରେ ଆସୁଛି ଦ୍ୱିଧା ।
ଡାକ୍ତର ମାଷ୍ଟର ଠାରୁ ଛୋଟ ନୁହଁ
ଏଇ ଆମ ଚାଷ କାମ ।
ଚାଷକୁ ଗୁରୁତ୍ୱ ଦେବା ଯଦି ସର୍ବେ
ଉଚ୍ଚା ହେବ ଦେଶ ନାମ ।
କହିବାକୁ କେହି ସଙ୍କୋଚ ନକରୁ
ହେବି ମୁଁ ଦିନେ କୃଷକ ।
ସେହି ଦିନ ଯାଇ ଗରିବି ହଟିବ
ମାଗିବେନି କେହି ଭିକ ।
ମୁହିଁ ହୀନ ଦାସ କରୁଛି ବିଶ୍ୱାସ
ଆହେ ପ୍ରଭୁ ଦୟାମୟ ।
କରନ୍ତୁ କରୁଣା କୃଷି କୃଷକକୁ
ସଦା ହେଉ ତାଙ୍କ ଜୟ ।


ଗୋବିନ୍ଦପୁର,ମାର୍ଥାପୁର

ଢେଙ୍କାନାଳ

ମୋ -୭୮୯୪୦୮୪୫୬୫


### ଭିନ୍ନ ଏକ ଯୁଦ୍ଧର ପ୍ରତିଜ୍ଞା : ୨୦୨୪

**ଦୀନବଂଧୁ ବେଜ**



ଯୁଦ୍ଧ ଚାଲିଛି ଦେଖ ଜୋରଦାର
ଯୁଦ୍ଧ ଚାଲିଛି ଏକଦମ ଭୟଙ୍କର
ଚେତନାର ଚୌହଦୀ ସୁରକ୍ଷା ପାଇଁ
ପ୍ରତିକୂଳ ପରିସ୍ଥିତିରେ ତିଷ୍ଟିବା ପାଇଁ
ହାଡ଼ ଭଙ୍ଗା ଶୀତର ଜାଡ଼ ସହିତ
ଭୋକର ଦାଢୁଆ ଧାର ସହିତ,
ଭୋଗ ବିଳାସରେ ଲିପ୍ତ
ଦେଶଦ୍ରୋହୀ ଲୁଣ୍ଠନକାରୀ ସହିତ,
ସମାଜକୁ କଳୁଷିତ କରି
ବ୍ୟଭିଚାର ଚାରା ରୋପଣ କାରି
ଦଳେ ସିନ୍ଧ ଚୋରଙ୍କ ସହିତ ।

ଯୁଦ୍ଧ କାହା ସହିତ ହୁଏ .........
ଭାଇ କଣ ଭାଇ ସହ ବାଡି ଧରେ ?
ମଣିଷ କଣ ମଣିଷ ସହ ଲଢ଼େ ?
ତୋପରୁ ଗୁଳା ଫୁଟିଲେ ବାରୁଦ
ଜଳାଏ ସତ କିନ୍ତୁ ଲିଭିଯାଏ ଦପ ...
ନିଆଁ ଥରେ ହୃଦୟରେ ଲାଗିଲେ
ଲିଭିବା ହୋଇଥାଏ ବହୁତ କଷ୍ଟ
ଖଣ୍ଡା ହାଣେ କ୍ଷତରୁ ରୁଧିର ବହେ
ଥରେ ଜଦି ମନକୁ ଆଘାତ ଲାଗେ
ଚିରଦିନ ସ୍ମରଣୀୟ ହୋଇଯାଏ।

ଯୁଦ୍ଧ କରିବତ କର କୁଶିକ୍ଷା ସହ
ବୁଡ଼ି ଯାଉଥିବା ଫୁଟା ଡ଼ଙ୍ଗା ପରି
ଯୁବ ସମାଜକୁ ଉଦ୍ଧାର କର,
ଯୁଦ୍ଧ କର ତ ନିଶା ରାକ୍ଷାସ ସହିତ
ମଦ ଗଞ୍ଜେଇ ଚ଼ରସ ମୁକ୍ତ ସମାଜ
ପାଆନ୍ତୁ ତୁମ ଆଗାମୀ ଦାୟାଦ ...
ଯୁଦ୍ଧ କର ନାରୀ ବିଦ୍ୱେଷୀଙ୍କ ସହିତ
ଅବଳା ଦୁର୍ବଳାର ସ୍ୱାଭିମାନ ରଖି
କନ୍ୟାଭ୍ରୂଣ ହତ୍ୟା ହେଉ ମୂଳପୋଛ
ଯୁଦ୍ଧ କରିବତ ହିଂସା ସହିତ କର
ଅହିଂସା ପ୍ରତି ରୋପଣ ହୋଇ
ଅଭାବୀ ନିରିହ ସରଳ ମଣିଷର
ହସି ଉଠୁ କୋଠାବାଡି ଘରଦ୍ୱାର ।


ସଂପାଦକ

ଜାତୀୟ କବି ଲେଖକ ସଂଗଠନ

ବାଷଠୀ, ବାସୁଦେବପୁର, ଭଦ୍ରକ

ମୋ:-୭୬୮୩୯୨୦୨୨୧

# ଆକର୍ଷଣୀୟ ରାସ୍ତା

ଗାଡ଼ି ମଟର ହେଉ ବା ପାଦରେ ଚାଲିଚାଲି ବୁଲିବା ପାଇଁ ସୁନ୍ଦର ରାସ୍ତାଟିଏ ଅବଶ୍ୟ ଜରୁରୀ। ସୁନ୍ଦର ରାସ୍ତାଟିଏ ଯଦି ମିଳିଲା ଲଙ୍ଗ୍ ଡ୍ରାଇଭର ନିଶା ନିଶ୍ଚୟ ଦ୍ୱିଗୁଣ ହେବ। ଆମ ଦେଶରେ ସେମିତି ଆକର୍ଷଣୀୟ ରାସ୍ତା ଅଛି ଯାହା ପର୍ଯ୍ୟଟକଙ୍କ ନିଦ ହଜେଇ ଦେବ..।



ରୋହତାଙ୍ଗ ପାସ୍-

ମନାଲିଠାରୁ ପ୍ରାୟ ୫୧ କି.ମି. ଉପରକୁ ଗଲେ ରୋହତାଙ୍ଗକୁ ଯାତ୍ରା ଆରମ୍ଭ ହୁଏ। ମନାଲି-ଲେହରୁ ଲେହ ଯିବା ରାସ୍ତା ବେଶ୍ ମନୋରମ। ଯଦ୍ଦ୍ୱାରା ପର୍ଯ୍ୟଟକ ଏଠାକୁ ବାରମ୍ବାର ଆସିବାକୁ ଇଚ୍ଛା କରିଥାନ୍ତି।



ବାଇକ ରାଇଟ ପାଇଁ ଏହା ସବୁଠୁ ଭଲ ସ୍ଥାନ। ଏହି ରାସ୍ତା ବିପଦପୂର୍ଣ୍ଣ ହେଲେମଧ୍ୟ ପର୍ଯ୍ୟଟକଙ୍କୁ ଟାଣି ଆଣିଥାଏ। ଏଠାରେ ସୌନ୍ଦର୍ଯ୍ୟ ଦେଖିବାପରେ ଏଠାକୁ ଆସିବାକୁ ଜଣେ ବାରମ୍ବାର ଆକର୍ଷିତ ହୋଇଥାଏ।

ପବନ ବ୍ରିଜ (ତାମିଲନାଡୁ):

ରାମେଶ୍ୱରମ ଦ୍ୱୀପକୁ ତାମିଲନାଡୁ ସହ ଯୋଡୁଥିବା ପବନ ବ୍ରିଜ ଭାରତର ସବୁଠୁ ସୌନ୍ଦର୍ଯ୍ୟପୂର୍ଣ୍ଣ ବ୍ରିଜ ଭାବେ ଜଣାଶୁଣା। ସମୁଦ୍ର ଉପର ଦେଇ ଯାଇଥିବା ଏହି ବ୍ରିଜ ବହୁତ ସୁନ୍ଦର ଦେଖାଯାଏ। ଦ୍ୱୀପକୁ ଯିବା ସମୟରେ ସମୁଦ୍ର ଉପର ଦେଇ ଯାଇଥିବା ବ୍ରିଜରେ ଯାତ୍ରା ଅବିସ୍ମରଣୀୟ।


ମନାଲି-ଜେଲାଙ୍ଗ, ଲେହ ହାଇୱେର ସବୁଠୁ ଗୁରୁତ୍ୱପୂର୍ଣ୍ଣ ମଧ୍ୟରେ ଏହା ସାମିଲ ହୋଇଛି। ରୋହତାଙ୍କ ପାସରେ ଅଧିକ ବରଫ ହେତୁ ଏଠାରେ ରାସ୍ତା ବର୍ଷକୁ ଅନେକଥର ବନ୍ଦ ହୋଇଥାଏ। କିନ୍ତୁ ସାଧାରଣ ଜନତାଙ୍କ ପାଇଁ ଏହି ରାସ୍ତା ଯେତେବେଳେ ଖୋଲାଯାଏ ସେତେବେଳେ ଏଂାକୁ ଆସିବାର ମଜା କିଛି ଅଲଗା ହୋଇଥାଏ। ଏଠାରେ ବହୁ ଫିଲ୍ମ ସୁଟିଂ ହୋଇଥାଏ। ରାସ୍ତାର ଉଭୟ ପାର୍ଶ୍ୱରେ ବରଫର ଉଚ୍ଚାକାନ୍ଥ ଏହାକୁ ଆକର୍ଷଣୀୟ କରିତୋଳେ। ଏହି ସୁନ୍ଦର ଦୃଶ୍ୟକୁ ପର୍ଯ୍ୟଟକ ମନଭରି ଉପଭୋଗ କରିଥାନ୍ତି।

ଓଲ୍ଡ ସିଲ୍କ ରୁଟ୍:

ଓଲ୍ଡ ସିଲ୍କ ରୁଟ୍ ଏକ ପ୍ରାଚୀନ ପାହାଡ଼ିଆ ରାସ୍ତା। ଏଠାକୁ ଆସି ଆପଣ ଭିନ୍ନ ଏକ







ଦୁନିଆକୁ ଆସିଲା ପରି ଅନୁଭବ କରିବେ। ସୌନ୍ଦର୍ଯ୍ୟରେ ଭରପୁର ଏହି ରାସ୍ତା ବେଶ ବିପଦପୂର୍ଣ୍ଣ। ସାପ ପରି ଅଙ୍କାବଙ୍କା ରାସ୍ତା। ଏଠାକୁ ଥରେ ଆସି ଏଠାର ମନୋରମ ଦୃଶ୍ୟ ଉପଭୋଗ କରିବା ଉଚିତ।

ମନାଲି-ଲେହ ହାଇୱେ-

ବରଫରେ ଲୁଚିଥିବା ବାଦଲ ଏଠାକୁ ଆସିବାର ମଜାକୁ ଦ୍ୱିଗୁଣ କରିଥାଏ। ଏଠାକୁ ଆସି ଆପଣ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅନୁଭବ କରିପାରିବେ।

ଲେହ-ଶ୍ରୀନଗର ହାଇୱେ:

ଉଚ୍ଚାସ୍ଥାନକୁ ପସନ୍ଦ କରୁଥିବା ଲୋକଙ୍କୁ ଲେହ-ଲାଦାଖ ବେଶ୍ ପସନ୍ଦ ଆସିଥାଏ।

# ଗୌତମ ବୁଦ୍ଧଙ୍କ ୧୦ ବିଚାର



- କୌଣସି ପରିସ୍ଥିତିରେ ବି ସୂର୍ଯ୍ୟ, ଚନ୍ଦ୍ରମା, ଏବଂ ସତ୍ୟ ଏହି ତିନୋଟି ଜିନିଷ ଲୁଚି ରହିପାରିବ ନାହିଁ।

- ଜୀବନରେ କୌଣସି ଉଦ୍ଦେଶ୍ୟ, ଲକ୍ଷ୍ୟ ପାଖରେ ପହଞ୍ଚିବା ଠାରୁ ବେଶି ମହତ୍ତ୍ୱପୂର୍ଣ୍ଣ ହେଉଛି ଯେଉଁ ରାସ୍ତାରେ ଆପଣ ଯାଉଛନ୍ତି ତାହାକୁ ପ୍ରଥମେ ଶେଷ କରନ୍ତୁ।

-ଖରାପକୁ ଖରାପରେ କେବେବି ଶେଷ କରାଯାଇପାରିବ ନାହିଁ। ଘୃଣାକୁ ତ କେବଳ ପ୍ରେମ ଦ୍ୱାରା ହିଁ ସମାପ୍ତ କରାଯାଇପାରିବ।

- ସତ୍ୟ ମାର୍ଗରେ ଚାଲୁଥିବା ବ୍ୟକ୍ତି କେବଳ ଦୁଇଟି ଭୁଲ କରିପାରେ। ପ୍ରଥମଟି ସମ୍ପୂର୍ଣ୍ଣ ରାସ୍ତା ନବାଛିବା, ଦ୍ୱିତୀୟଟି ରାସ୍ତା ଆରମ୍ଭ ନକରିବା।

- ଭବିଷ୍ୟତରେ ସ୍ୱପ୍ନରେ ହଜିଯାଅନି, କି ଭୂତକାଳ କଥା ଭାବି ଚିନ୍ତିତ ହୁଅନି ସବୁବେଳେ ବର୍ତ୍ତମାନ ଉପରେ ଧ୍ୟାନ ଦିଅ। ଏହା ହେଉଛି ଜୀବନରେ ଖୁସି ରହିବାର ମୂଳମନ୍ତ୍ର।

ଯେଉଁଭଳି ଭାବରେ ଗୋଟିଏ ଦ୍ୱୀପରୁ ହଜାର ଦ୍ୱୀପ ଜଳାଇ ଅନ୍ଧକାରକୁ ଦୂର କରାଯାଇଥାଏ, ସେହିପରି ଖୁସି ବାଣ୍ଟିବା ଦ୍ୱାରା ଏହା ସବୁବେଳ ବଢ଼ିଥାଏ।

- ଜୀବନରେ ଯେତେ ବି ଭଲବହି ପଢ଼ କିମ୍ବା ଭଲ ଶବ୍ଦ ଶୁଣ, କିନ୍ତୁ ଯେ ପର୍ଯ୍ୟନ୍ତ ନିଜକୁ ଭଗବାନଙ୍କ ପାଖରେ ସମର୍ପଣ ନ କରିଛ ସେ ପର୍ଯ୍ୟନ୍ତ ଏସବୁର କିଛି ଲାଭ ନାହିଁ।

# ଶୀତଦିନେ ଆଙ୍ଗୁଠି ଫୁଲିଯାଉଛି କି ? ଆପଣାନ୍ତୁ ଏହି ଘରୋଇ ଉପଚାର

ଶୀତ ଋତୁ ଅନେକ ଲୋକଙ୍କର ଭାରି ପସନ୍ଦ। କିନ୍ତୁ ଏହି ଋତୁରେ ଏକାଧିକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ। ଜ୍ୱର, ଥଣ୍ଡାଠୁ ଚର୍ମ ଫାଟିବା, କେଶ ଝଡିବା ଇତ୍ୟାଦି ଶୀତ ଦିନରେ ହିଁ ଅଧିକ ହୋଇଏ। ଏଥିସହ ଅଧିକାଂଶ ଲୋକଙ୍କର ପାଦ ଆଙ୍ଗୁଠି ଫୁଲିଯାଇ କାଲୁଆ ପଡିଯିବା ଭଳି ସମସ୍ୟା ଦେଖାଯାଏ। ଏହି କାରଣରୁ ପାଦରେ ଖୁବ୍ ଯନ୍ତ୍ରଣା ହୁଏ। ଯଦି ଆପଣଙ୍କର ଏହି ସମସ୍ୟା ରହିଛି ତେବେ ଏହାର କାରଣ କଣ ଏବଂ ଘରୋଇ ଉପଚାର ମାଧ୍ୟମରେ କିପରି ସମାଧାନ କରିବେ, ଜାଣନ୍ତୁ...



କାହିଁକି ଶୀତଦିନରେ ଫୁଲିଯାଏ ପାଦ ଆଙ୍ଗୁଠି: ଶୀତଦିନେ, ଆମର ରକ୍ତ ଶିରା ସଙ୍କୁଚିତ ହୋଇଯାଏ। ଫଳରେ ଗୋଡକୁ ରକ୍ତ ସଞ୍ଚାଳନ ଅପେକ୍ଷାକୃତ କମ୍ ହୁଏ। ଏହା ବ୍ୟତୀତ, ବେଶି ସମୟ ପାଦକୁ ଥଣ୍ଡା ସ୍ଥାନରେ ରଖିଲେ ଆଙ୍ଗୁଠିଗୁଡିକ ଫୁଲିଯାଏ। ବେଳେବେଳେ ଚର୍ମ ସଂକ୍ରମଣ କାରଣରୁ ମଧ୍ୟ ପାଦ ଆଙ୍ଗୁଠି ଫୁଲିଯାଏ। ନିମ୍ନରେ ଘରୋଇ ଉପଚାର ବାବଦରେ ଆଲୋଚନା କରାଯାଇଛି...

ଥଣ୍ଡା ପାଗରେ ଆଙ୍ଗୁଠି ଫୁଲିଗଲେ, ଉଷୁମ ପାଣିରେ ପାଦ ଧୋଇବା ଅତ୍ୟନ୍ତ ଲାଭଦାୟକ। ଉଷୁମ ପାଣି ରକ୍ତ ସଞ୍ଚାଳନରେ ଉନ୍ନତି ଆଣେ। ଏହା ଗୋଡରେ ଥିବା ଶିରା ସଙ୍କୋଚନକୁ ହ୍ରାସ କରିଥାଏ, ଯେଉଁଥିପାଇଁ ପାଦର ଫୁଲା ଶୀଘ୍ର କମିବାର ସମ୍ଭାବନା ଥାଏ।

ହଳଦୀ ଏବଂ ଲେମ୍ବୁ ବ୍ୟବହାର କରନ୍ତୁ : ଥଣ୍ଡା ପାଗରେ ଯେତେବେଳେ ଆଙ୍ଗୁଠି ଫୁଲିଯାଏ, ସେତେବେଳେ ହଳଦୀ ଏବଂ ଲେମ୍ବୁ ବ୍ୟବହାର କରିପାରିବେ। ହଳଦୀରେ ଆଣ୍ଟି-ଇନ୍ ?ଫ୍ଲାମେଟୋରୀ ଗୁଣ ରହିଛି, ଯାହା ଫୁଲାକୁ ହ୍ରାସ କରିବାରେ ସାହାଯ୍ୟ କରେ। ଏହି ଦୁଇଟିକୁ ମିଶ୍ରଣ କରି ପାଦରେ ଲଗାଇଲେ ରକ୍ତ ସଞ୍ଚାଳନରେ ମଧ୍ୟ ସୁଧାର ଆସ, ଫୁଲା ମଧ୍ୟ ଶୀଘ୍ର ହ୍ରାସ ହୋଇଥାଏ।


ତେଲରେ ପାଦକୁ ମାଲିସ୍ କରନ୍ତୁ: ସୋରିଷ ତେଲରେ ଅଳ୍ପ ହିମାଲୟାନ ଲୁଣ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ଫୁଲିଯାଇଥିବା ପାଦରେ ଲଗାନ୍ତୁ ଏବଂ ଧୀରେ ଧୀରେ ମାଲିସ୍ କରନ୍ତୁ। ଏହା ତତକ୍ଷଣାତ୍ ଆରାମ ଦେବାରେ ସହାୟକ ହୋଇପାରେ। ସୋରିଷ ତେଲ ବଦଳରେ ଅଲିଭ୍ ତେଲ ମଧ୍ୟ ବ୍ୟବହାର କରିପାରିବେ।

# ମୁହଁରେ ଦେଶୀ ଘିଅ ଲଗାଇଲେ ଯୁବା ଦିଶିବ ତ୍ୱଚା: ନାଭିରେ ଲଗାଇଲେ ବଢ଼ିବ ଉଜ୍ଜ୍ୱଳତା

ଶରୀରର ରଂଗ ଯେପରି ବି ହେଉ, କିଛି ଫରକ ପଡ଼େନା। ମାତ୍ର ଚେହେରାରେ ସାମାନ୍ୟ ଦାଗ ବିଷାଦର କାରଣ ବନିଯାଏ। ମୁଖମଣ୍ଡଳରେ ଯଦି ଦାଗ କିମ୍ବା ଆଖି ତଳ କଳା ପଡ଼ିବା ପରି ସମସ୍ୟା ଉପୁଜେ ତ ମନ ବିଷାଦଗ୍ରସ୍ତ ହୋଇଯାଏ। ଏହି ଦାଗ ଓ ଆଖି ତଳ କଳା ପାଇଁ ଲୋକମାନେ ସେମାନଙ୍କ ବୟସଠାରୁ ବୟସ୍କ ଦେଖାଯିବା ଆରମ୍ଭ କରନ୍ତି। ପ୍ରଦୂଷଣ, ମାନସିକ ଚାପ, ଖାଇବା ଅଭ୍ୟାସ, ଶୋଇବା ଶୈ ?ଳୀ ଏବଂ ପାଣିପାଗ ଆମ ଚର୍ମ ଉପରେ ଢେର ପ୍ରଭାବ ପକାଇଥାଏ। ତେଣୁ ଆଖି ତଳ କଳା ପଡ଼ିବା ଚର୍ମର ଏକ ସାଧାରଣ ସମସ୍ୟା। ଯଦିଓ ଏଥିପାଇଁ ଘରୋଇ ଉପଚାର ଅଛି, କିନ୍ତୁ ସଠିକ୍ ପଦ୍ଧତି ଜାଣି ନ ଥିବାରୁ ଆମେ ତାହାର ଲାଭ ଉଠାଇ ପାରନ୍ତି ନାହିଁ। ଚର୍ମକୁ କିପରି ଶକ୍ତ କରିବେ ? ଚର୍ମକୁ ଲୋଚାକୋଚା ହେବାରୁ ବଞ୍ଚାଇବାକୁ ଘରୋଇ ଉପଚାରର ଆବଶ୍ୟକତା ରହିଛି। ତେଣୁ ଆଜି ଆମେ ଆପଣଙ୍କୁ ଏପରି ଏକ ଘରୋଇ ଉପଚାର ବିଷୟରେ କହିବାକୁ ଯାଉଛୁ ଯାହା ଚେହେରାର ଉଜ୍ଜ୍ୱଳତା ବଢ଼ାଇବାରେ ସାହାଯ୍ୟ କରିବ। ଆମେ କହୁଛି ଖାଣ୍ଟି ଗୁଆ ଘିଅ ବିଷୟରେ। ଏହାକୁ ଚେହେରାରେ ଲଗାଇଲେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ। ଖାଲି ସେତିକି ନୁହେଁ, ଏହାକୁ ଆଖି ଚାରିପାଖରେ ଗୋଲ ଗୋଲ କରି ବୁଲେଇ ଲଗାଇବା ଦ୍ୱାରା ଆଖି ଚାରିପାଖ କଳା ପଡ଼ିବା ବି କମ୍ ହୋଇଥାଏ। ଏହାକୁ ଗାଧୋଇବା ବେଳେ ନାଭିରେ ଲଗାଇ ଗାଧୋଇଲେ ମୁଖମଣ୍ଡଳର ଔଜ୍ଜ୍ୱଲ୍ୟ ବଢ଼େ।

# ରାଶିକୁ ନେଇ ମେକଅପ୍

ଜ୍ୟୋତିଷଶାସ୍ତ୍ର ଅନୁସାରେ ମଣିଷ ଜୀବନରେ ରାଶିଚକ୍ରର ଏକ ବଡ଼ ପ୍ରଭାବ ରହିଛି। କେବଳ ଭାଗ୍ୟ ନିର୍ଦ୍ଧାରଣରେ ନୁହେଁ, ଆପଣଙ୍କ ସିଗନେଚର ମେକଅପ ଷ୍ଟାଇଲ ମଧ୍ୟ ରାଶିଚକ୍ରର ଖେଳ।



ମେକଅପ ଟିପସ, ଲେଟେଷ୍ଟ ଟ୍ରେଣ୍ଡ ବାହାରେ ମଧ୍ୟ ପ୍ରତ୍ୟେକ ମଣିଷର ଏକ ନିଜସ୍ୱ ଷ୍ଟାଇଲ ଷ୍ଟେଟମେଣ୍ଟ ରହିଛି। ସେଇ ସ୍ୱକୀୟତା ଅନେକାଂଶରେ ନିର୍ଭର କରେ ଜଣକର ରାଶି ଚକ୍ର ଉପରେ। ଆସନ୍ତୁ ଏହା ଉପରେ ଟିକେ ନଜର ପକାଇବା।

ମେଷ:

ଏହି ରାଶିର ମହିଳାମାନେ ଏକ ଡାଇନାମିକ ବ୍ୟକ୍ତିତ୍ୱର ଅଧିକାରୀ। ଅତ୍ୟନ୍ତ ଆତ୍ମବିଶ୍ୱାସୀ। ଏମାନଙ୍କୁ ଟିକେ ବୋଲଡ ଫ୍ୟାଶନ ଷ୍ଟେଟମେଣ୍ଟ ସହଜରେ ମାନାଯାଏ। ଗାଢ଼ ରଙ୍ଗର ଲିପଷ୍ଟିକ୍କୁ ନେଇ ଏମାନେ ଟ୍ରାଏ କରିବାକୁ ପସନ୍ଦ କରନ୍ତି।

ବୃଷ:

ଏହି ରାଶିର ମହିଳାମାନେ ଉଜ୍ଜ୍ୱଳ ତ୍ୱଚା ପସନ୍ଦ କରିଥାନ୍ତି। ତେଣୁ ଏହି ରାଶିର ମହିଳାମାନେ ଏମିତି ପ୍ରକାରର ବର୍ଡ଼ି ଲୋସନ, ସ୍କିନ ବୁଷ୍ଟ ସ୍କ୍ରବର ବ୍ୟବହା କରିବା ଭଲ। ଯେଉଁଥିରେ ତ୍ୱଚାରେ ଜଳୀୟ ଅଂଶ ମହଜୁଦ ରହିପାରେ।

ମିଥୁନ:

ଏହି ରାଶିର ମହିଳାମାନେ ଯେତେବେଳେ ଯେମିତି ମୁଡ଼ରେ ଥାଆନ୍ତି ସେହି ଅନୁସାରେ ସାଜସଜ୍ଜା କରିବାକୁ ପସନ୍ଦ କରନ୍ତି। ମେକଅପ କିଟ୍ସରେ ରଖନ୍ତୁ ନାନା ରଙ୍ଗର ଆବଶ୍ୟକତା, ଆଇପେନସିଲ, ଲିପଷ୍ଟିକ୍, ବ୍ଲଶ ଅନ।

କର୍କଟ:

ଏମାନେ ଉଜ୍ଜ୍ୱଳ ବ୍ୟକ୍ତିତ୍ୱର ଅଧିକାରିଣୀ। ତେଣୁ ଏମାନେ ଶିମରି ମେକଅପ ଉପରେ ଗୁରୁତ୍ୱ ଦେବା ଭଲ। ବିଶେଷ କରି ବ୍ଲଡ଼ ଅନ ଏମାନଙ୍କ ପାଇଁ ଆଦର୍ଶ।

ସିଂହ:

ଏହି ରାଶିର ମହିଳାମାନେ ମେକଅପ କରିବା ବେଳେ ଟିକେ ଅଧିକ ସଚେତନ ଥାଆନ୍ତି। ଆଖିର ମେକଅପ ଉପରେ ଜୋର ଦିଅନ୍ତି ଏହି ରାଶିର ମହିଳା। ତେଣୁ ମେକଅପ କିଟରେ ଆଇ ମେକଅପର ସାମଗ୍ରୀ ରହିଥିବା ଭଲ।

କନ୍ୟା:

ଏମାନେ ପ୍ରାୟ ସବୁ ବିଷୟରେ ଆବଶ୍ୟକତା ଠାରୁ ଅଧିକ ସଚେତନ। ସବୁକିଛି ସୁନ୍ଦର କରିବାକୁ ଚେଷ୍ଟା କରନ୍ତି ଏହି ରାଶିର ମହିଳା। ତେଣୁ ଏମାନଙ୍କ ପାଖରେ ସଂପୂର୍ଣ୍ଣ ମେକଅପ କିଟ ରହିବା ଦରକାର।

ତୁଳା:

କ୍ଲାସି ଅଥଚ କୁଲ ମେକଅପ ଏହି ରାଶିର ମହିଳାମାନଙ୍କ ଅଧିକ ପସନ୍ଦ। ଏମାନଙ୍କ ପାଇଁ ଦରକାର ଚଟାପଟ ପ୍ରସ୍ତୁତ ହୋଇଯିବା ଭଳି ମେକଅପ। ତେଣୁ ପାଖରେ ଫେସୱାଇପ୍ସ, କମ୍ପାକ୍ଟ, ଲିପଷ୍ଟିକ ଏବଂ କାଜଲ ରହିବା ଭଲ।

ବିଛା:

ଏମାନେ ଆଦୌ ନରମ ସ୍ୱାଭାବର ନୁହନ୍ତି। ମେକଅପରେ ଏମାନେ ସାଧାରଣତଃ ଉଜ୍ଜ୍ୱଳ ଶେଡ୍‌କୁ ପ୍ରାଧାନ୍ୟ ଦେଇଥାନ୍ତି। ଟିକେ ଗାଢ଼ ରଙ୍ଗର ଲିପଷ୍ଟିକ ଓ ଆଇ ଲାଇନର ବ୍ୟବହାର କରିପାରନ୍ତି ଏହି ରାଶିର ମହିଳାମାନେ।

ଧନୁ:

ଖୁବ ସ୍ୱାଧୀନଚେତା ଏମାନେ। ସଂପୂର୍ଣ୍ଣ ତ୍ରୁଟିଶୂନ୍ୟ ମେକଅପରେ ଏମାନେ ବିଶ୍ୱାସ କରନ୍ତି ନାହିଁ। ବେସିକ ମେକଅପରେ ନିଜକୁ ସନ୍ତୁଷ୍ଟ ରଖିବାର କଳା ଏମାନଙ୍କୁ ବେଶ୍ ଭଲ ଭାବେ ଜଣା।

ମକର:


ଏମାନେ ଟିକେ କଳ୍ପନା ବିଳାସୀ। ଛୋଟ ଛୋଟ କଥାରେ ଭାବପ୍ରବଣ ହୋଇଯିବା ଏମାନଙ୍କ ସ୍ୱଭାବ। ତେଣୁ ଏହି ରାଶିର ମହିଳାମାନେ ଏମିତି ପ୍ରସାଧନୀ ବ୍ୟବହାର କରିବା ଦରକାର ଯାହା ଏକ ଡ୍ରାମାଟିକ ଲୁକ ଦେଇପାରୁଥିବ।

କୁମ୍ଭ:

ଏମାନଙ୍କୁ ସ୍ୱକୀୟତା ପସନ୍ଦ। ତେଣୁ ଏହି ରାଶିର ମହିଳାମାନେ ଏମିତି ମେକଅପ ପସନ୍ଦ କରିବା ଦରକାର ତାହା ଯେମିତି ଟିକେ ବୋଲ୍ଡ କିମ୍ବା ପିଙ୍କ ଲୁକ ଦେଇପାରିବ।

ମୀନ:

ଏମାନେ ପରୀ କାହାଣୀର ରାଜକନ୍ୟା ଭଳି ସାଜସଜ୍ଜା କରିବାକୁ ପସନ୍ଦ କରନ୍ତି। ଏହି ରାଶିର ମହିଳାମାନଙ୍କ ପାଇଁ ଶିମରି ମେକଅପ, ଫେସ ଇଲ୍ୟୁମିନେଟର ଆଦି ଖୁବ୍ ଭଲ ବିକଳ୍ପ।



# ବଲାଙ୍ଗୀର ଜିଲ୍ଲା ମୁଖ୍ୟାଳୟଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ବଲାଙ୍ଗିର, ୦୨/୧ (ନି.ପ୍ର): ବର୍ଷର ପ୍ରଥମ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲା ମୁଖ୍ୟାଳୟ ସ୍ଥିତ ଜିଲ୍ଲାପାଳଙ୍କ ପୁରୁଣା ସମ୍ମିଳନୀ କକ୍ଷ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମରେ ଜିଲ୍ଲାପାଳ ଶ୍ରୀ ଚଂଚଲ ରାଣା ଏବଂ ଆରକ୍ଷୀ ଅଧିକ୍ଷକ ଖିଲାରୀ ରିଷିକେଶ ଦ୍ୟାନଦେଓ ଙ୍କ ସମେତ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ବିଡିଓ ,ତହସିଲଦାର ମାନେ ଉପସ୍ଥିତ ଥିଲେ । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ବିଭିନ୍ନ ସମସ୍ୟା ମୂଳକ ମୋଟ ୩୮ ଗୋଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା । ତନ୍ମଧ୍ୟରୁ ୩୧ ଗୋଟି ବ୍ୟକ୍ତିଗତ ଅଭିଯୋଗ ମୂଳକ ଦରଖାସ୍ତ ହୋଇଥିବାବେଳେ ଅବଶିଷ୍ଟ ୭ ଗୋଟି ସାମୁହିକ ଦରଖାସ୍ତ ଦାଖଲ ହୋଇଥିଲା । ଜିଲ୍ଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜନସାଧାରଣ ଙ୍କ ଏହି ସମସ୍ତ ଅଭିଯୋଗ ଓ ସମସ୍ୟା ଗୁଡିକର ଶୁଣାଣୀ କରିଥିଲେ । ୩ ଟି ଅଭିଯୋଗ ଶୁଣାଣିର ଫଇସଲା ହେଇଥିବା ବେଳେ ବାକି ଅଭିଯୋଗ ଗୁଡିକର ଶୁଣାଣି ଯଥାଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ସହାୟତା ବାବଦରେ ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ଓ ଜିଲ୍ଲା ରେଡକ୍ରସ ପାଣ୍ଠି ରୁ କୌଣସି ଆର୍ଥିକ ସହାୟତା ମଞ୍ଜୁର କରାଯାଇନାହିଁ । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଲମ୍ବୋଦର ଧରୁଆ , ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁଶାନ୍ତ କୁମାର ସିଂ, ପ୍ରକଳ୍ପ ନିର୍ଦ୍ଦେଶକ (ଡ୍ରୁଡା) ପ୍ରଫୁଲ୍ଲ କୁଜୁର, ବଲାଙ୍ଗୀର ଉପଖଣ୍ଡ ଉପଜିଲ୍ଲାପାଳ ପ୍ରଭାସ ଦଣ୍ଡସେନା , ଡେପୁଟି କଲେକ୍ଟର ସଚିଦାନନ୍ଦ ମିଶ୍ର , ସମାଜ ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁବେର ଚନ୍ଦ୍ର ମହନ୍ତ , ଜିଲ୍ଲା ପଂଚାୟତ ଅଧିକାରୀ ପ୍ରମୋଦ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଟ୍ରକ ପଛରେ ପିଟି ହୋଇ ଜଣେ ମୃତ ଜଣେ ଗୁରୁତର

କୋରେଇ, ୦୨/୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ଟାଙ୍ଗିଠାରେ ଥିବା ବିଦ୍ୟା କଲେଜ ନିକଟରେ ସର୍ଭିସ ରୋଡ଼ ଛିଡ଼ା ହୋଇଥିବା ଏକ ଟ୍ରକ ପଛରେ ସ୍କୁଟି ପିଟି ହୋଇ ଦୁଇ ଜଣ ଯୁବକ ଗୁରୁତର ଥିବା ବେଳେ ଜଣେ ସାମାନ୍ୟ ଆହତ ହୋଇଥିଲେ । ତେବେ ଗୁରୁତର ଥିବା ଜଣେ ଯୁବକଙ୍କ କଟକ ଯିବା ବାଟରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ସୁଚନାନୁସାରେ ସୋମାବର ସକାଳ ୪.୪୫ ମିନିଟ ସମୟରେ ଯାଜପୁର ସଦର ଥାନା ଅନ୍ତର୍ଗତ ନାଥସାହି ଗ୍ରାମର ତିନି ଜଣ ଯୁବକ ଅଜୟ ନାୟକ,ଚିତ ରଂଜନ ବାରିକ ଓ କୁଲୁଆ ପହୀ ଏକ ସ୍କୁଟି (ଓଡ଼ି ୩୪ ଏମ ୧ ୨ ୨ ୯ )ରେ ସର୍ଭିସରୋଡ଼ରେ ପାଣିକୋଇଲି ଆଡ଼କୁ ଆସୁଥିବା ବେଳେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ୧୬ ଚକିଆ ଟ୍ରକ(ଓଡ଼ି୩୪ଏସ୮୮୨୨) ପଛରେ ପିଟି ହୋଇ ତଳେ ପଡ଼ି ଘୋଷାଡ଼ି ହୋଇ ପଡ଼ିଥିଲେ । ଫଳରେ ସ୍କୁଟି ଚଳାଉଥିବା କୁଲୁଆଙ୍କ ମୁଣ୍ଡ ଟ୍ରକ ପଛରେ ପଟି ହୋଇ ମୁଣ୍ଡ ଫାଟିଯାଇଥିବା ବେଳେ ମଝିରେ ବସିଥିବା ଅଜୟଙ୍କର ଜଙ୍ଘ ଚିରି ହୋଇଯାଇଥିଲା । ତେବେ ଚିତରଂଜନ ଛିଟିକି ପଡ଼ି ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନ ଭିତରେ ପଶିଯାଇଥିଲେ । ତେବେ ଦୁର୍ଘଟଣା ପରେ ଉକ୍ତ ଟ୍ରକଟି ଘଟଣାସ୍ଥଳରୁ ପଳାଇ ଯାଇଥିଲା । ଦୁର୍ଘଟଣା ଶବ୍ଦ ଶୁଣି ନିକଟସ୍ଥ ଦୋକାନୀ ମାନେ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପକୁ ଖବର ଦେଇଥିଲେ । ଖବର ପାଇ ଗ୍ରୁପର ତାରିଣୀ କୁମାର ପଟ୍ଟନାୟକ, ମେଘନାଦ ଜେନା ଓ ଅଜିତ କୁମାର ଜେନା ପ୍ରମୁଖ ପହଂଚି ସ୍ଥାନୀୟ ଦୋକାନୀଙ୍କ ସହାୟତାରେ ସମସ୍ତ ଆହତ ମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ତେବେ କୁଲୁଆ ଓ ଅଜୟଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ମାତ୍ର ସେଠାରେ ଚିକିତ୍ସାଧିନ ଅବସ୍ଥାରେ କୁଲୁଆଙ୍କ ମୃତ୍ୟୁ ଘଟିଥିଲା ।

# ରାଜ୍ୟସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ୱାକଥନ ଆୟୋଜିତ

ଭୁବନେଶ୍ୱର, ୦୨/୧ (ନି.ପ୍ର): ରାଜ୍ୟସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଛି । ଏହି ଅବସରରେ ଭୁବନେଶ୍ୱରସ୍ଥିତ କିଟ ପରିସରରୁ ଏକ ୱାକଥନ ବାହାରି ଚନ୍ଦ୍ରଶେଖରପୁରସ୍ଥିତ ଡ୍ରାଇଭିଂ ଟେଷ୍ଟ ଟ୍ରାକ ପର୍ଯ୍ୟନ୍ତ ଯାଇଥିଲା । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ସର୍ବଦା ଟ୍ରାଫିକ ନୀୟମ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥି ନିମନ୍ତେ ଛାତ୍ରଛାତ୍ରୀ ତଥା ଯୁବଗୋଷ୍ଠୀ ସଚେତନ ଓ ସତର୍କ ରହିଲେ ଦୁର୍ଘଟଣାକୁ ଅନେକାଂଶରେ ରୋକା ଯାଇପାରିବ ବୋଲି ସେ କହିଥିଲେ । ସେହିଭଳି ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଯୋଗଦେଇ ଜୀବନର ପ୍ରତ୍ୟେକଟି ସ୍ତରରେ ଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହାଦ୍ୱାରା ଅନେକ ବିପତିରୁ ଜଣେ ବର୍ତ୍ତି ଯାଇପାରିବ ବୋଲି ସେ କହିଥିଲେ । ସେହିଭଳି ପରିବହନ କମିଶନର ଅମିତାଭ ଠାକୁର ମଧ୍ୟ ସଡ଼କ ସୁରକ୍ଷା ସପ୍ତାହ ପାଳନର ଆବଶ୍ୟକତା ଉପରେ ମତ ଦେଇଥିଲେ । 'ସଡ଼କ ସୁରକ୍ଷା, ପରିବାର ରକ୍ଷା' ଶୀର୍ଷକ ଉପରେ ପାଳିତ ଚଳିତବର୍ଷର ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଏକ ସଚେତନତା ରଥର ମଧ୍ୟ ଅତିଥି ମାନେ ଶୁଭରମ୍ଭ କରିଥିଲେ । ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସୂଚନା ପୁସ୍ତିକା ମଧ୍ୟ ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ରାମ ମନ୍ଦିର ଓ ଧଉଳି ନିକଟରେ ପଥପ୍ରାନ୍ତ ନାଟକ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପରିବହନ ଅତିରିକ୍ତ କମିଶନର ଲାଲମୋହନ ସେଠୀ, ଯୁଗ୍ମ କମିଶନର ପ୍ରଦୀପ କୁମାର ମହାନ୍ତି, ଭୁବନେଶ୍ୱର ଆଂଚଳିକ ପରିବହନ ଅଧିକାରୀ ବିକାଶ ଚୌଧୁରୀ, ସନତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ନଅଗାଁ (କ) ଧନୁଯାତ୍ରାରେ ନରସିଂହ

ବଲାଙ୍ଗିର, ୦୨/୧ (ନି.ପ୍ର): ବର୍ତ୍ତମାନ କେବଳ ରାଜ୍ୟରେ ନୁହେଁ ସାରା ଦେଶରେ କଂସ ମହାରାଜଙ୍କ ରାଜୁତି ଚାଲିଛି । ଦେଶ ଓ ରାଜ୍ୟରେ ନାଗରିକମାନେ ଶାସନତନ୍ତ୍ରରୁ କୌଣସି ସୁଫଳ ପାଉ ନାହାନ୍ତି । ଏପରିକି ଆମ ରାଜ୍ୟରେ ସରକାରଙ୍କ ପଶ୍ଚିମ ଓଡିଶା ପ୍ରତି କ୍ରମାଗତ ଅବହେଳା ଓ ବୈମାତୃକ ମନୋଭାବ ଏତେ ପରିମାଣରେ ବଢି ଚାଲିଛି ଯେ ଲୋକଙ୍କ ଭିତରେ ଅସନ୍ତୋଷ କୁହୁଳିବାରେ ଲାଗିଲାଣି । ଯଦି ଏପରି ବୈମାତୃକ ମନୋଭାବକୁ ପ୍ରଶମିତ କରାନଯାଏ, ସାରା ରାଜ୍ୟରେ ଏକ ସମତୁଳ ବିକାଶ ରାସ୍ତା ବାହାର କରାନଯାଏ ତେବେ କୌଣସି ମୁହୂର୍ତରେ ରାଜ୍ୟ ଦୁଇ ଫାଳ ହେବା ଆନ୍ଦୋଳନ ଉଗ୍ର ରୂପ ନେବ ବୋଲି ଆଗଲପୁର ବ୍ଲକ ଅନ୍ତର୍ଗତ ନଅଗାଁ (କ) ଜନସାଧାରଣଙ୍କ ଦ୍ୱାରା ଆୟୋଜିତ ଆଂଚଳିକ ଧନୁଯାତ୍ରାର କଂସ ଦରବାରରେ ରାଜ ଅତିଥି ଭାବେ ଯୋଗଦେଇ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ମଥୁରା ନରେଶ କଂସ ମହାରାଜଙ୍କୁ ଚେତେଇ ଦେଇଛନ୍ତି । ଏହି ସଭାରେ ଆହୁରି ମଧ କହିଛନ୍ତି ରାଜ୍ୟରେ କୌଣସି ଗୋଟିଏ ବର୍ଗର ଲୋକେ ଖୁସିରେ ନାହାନ୍ତି । କୃଷି କ୍ଷେତ୍ରରେ ଜଳସେଚନର ଅଭାବ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଡାକ୍ତରର ଅଭାବ, ଶିକ୍ଷା କ୍ଷେତ୍ରରେ ଶିକ୍ଷକ ଅଧ୍ୟାପକଙ୍କ ମରୁଡି, ରୋଜଗାର ପାଇବାରେ ପାଠୁଆ ଯୁବକ ବିଫଳ ହେବା ଦ୍ୱାରା ସାରା ରାଜ୍ୟରେ ଏକ ନୈରାଶ୍ୟଜନକ ପରିସ୍ଥିତି ସୃଷ୍ଟି ହୋଇଛି । ନାରୀ ନିର୍ଯ୍ୟାତନାରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ପୂର୍ବତନ ମନ୍ତ୍ରୀ ସମସ୍ତେ ଜଡିତ । ଦୁଃଖର କଥା ଆଇନ ତା ବାଟରେ ଯିବ କହୁଥିବା ରାଜ୍ୟର ମୁଖ୍ୟମନ୍ତ୍ରୀ ଏବେ ସମ୍ପୂର୍ଣ୍ଣ ନିରବ । ତେଣୁ କେତେବେଳେ ଯେ ଜନଅସନ୍ତୋଷର ନିଆଁ କେବଳ ପଶ୍ଚିମାଂଚଳ ନୁହେଁ ସାରା ରାଜ୍ୟକୁ କରାୟତ କରିବ କିଛି କହି ହେବ ନାହିଁ । ତେଣୁ ଅଂଚଳର ଲୋକେ ଯଦି ଏପରି କୁଶାସନରୁ ମୁକ୍ତି ଚାହାନ୍ତି ସେମାନେ ଏକଜୁଟ ହୁଅନ୍ତୁ ଏବଂ ଜନବିରୋଧୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଆଗାମୀ ଦିଗରେ କଡା ଜବାବ ଦିଅନ୍ତୁ ବୋଲି ବିଧାୟକ ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ । ଏହା ସହ ସେ ଏହି ଧନୁଯାତ୍ରାର ନାଟ୍ୟ ଅଭିନୟ କାହିଁକି ନିଜ ମାତୃଭାଷା କୋଶଲିରେ ହେଉ ନାହିଁ ବୋଲି କ୍ଷୋଭ ପ୍ରକାଶ କରିଥିଲେ । ଯାହାକି ଦରବାରରେ ଥିବା କଂସ ମହାରାଜ ତତକ୍ଷଣାତ୍ କୋଶଲି ଭାଷାରେ ହିଁ ବାକି ଥିବା ନାଟ୍ୟଅଭିନୟକୁ ଆଗେଇ ନେବା ଦେଖାଯାଇଥିଲା । ଆଜିର ଏହି କଂସ ଦରବାରରେ ଜିଲ୍ଲା କଂଗ୍ରେସ ସଭାପତି ଦିଲିପ ବେହେରା, ପୂର୍ବତନ ଆଗଲପୁର ବ୍ଲକ ଚେୟାରମେନ ମନମୋହନ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

# ବିଶ୍ୱ ସଂସ୍କୃତ ସମ୍ମେଳନ ଆସାମରେ ଡଃ ନିତ୍ୟାନନ୍ଦ ମିଶ୍ରଙ୍କୁ ସମ୍ମାନିତ

ଭଦ୍ରକ, ୦୨/୧ (ନି.ପ୍ର): ପୁରୁଣାବଜାର ସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡଃ ନିତ୍ୟାନନ୍ଦ ମିଶ୍ରଙ୍କୁ ଆସାମ ସ୍ଥିତ ଗୌହାଟି, ମଙ୍ଗଳଦାଇ ଠାରେ ବିଶ୍ୱ ସଂସ୍କୃତ ସମ୍ମିଳନୀ ତା.୨୭.୧୨.୨୦୨୩ ରୁ ୨୯.୧୨.୨୦୨୩ ରିଖ ପର୍ଯ୍ୟନ୍ତ ଚାଲିଥିବା ଉଦ୍ଯାପନ ସମାରୋହରେ ମୁଖ୍ୟ ଅତିଥି ଇଂଲଣ୍ଡର ଡଃ.ଲୁସି ଗେଷ୍ଟ ଓ ସମ୍ମାନିତ ଅତିଥି ପୋଲାଣ୍ଡର ଡଃ. ଫିଲିପ୍ସଙ୍କ ଦ୍ୱାରା ସଂସ୍କୃତ ସେବା ସମ୍ମାନରେ ସମ୍ମାନିତ କରିବା ସଂଗେ ସଂଗେ ତାଙ୍କର ଲିଖିତ "ସଂସ୍କୃତ ପତ୍ରକାରିତା" (ଜୋର୍ଣ୍ଣାଲିଜିମ୍ ଇନ୍ ସାଂସକ୍ରିଟ୍) ପୁସ୍ତକ ଲୋକାର୍ପଣ କରାଯାଇଥିଲା । ଉକ୍ତ ଉତ୍ସବରେ ଲୋକଭାଷା ପ୍ରଚାର ସମିତିର ରାଷ୍ଟ୍ରିୟ ଅଧକ୍ଷ ଡଃ ସଦାନନ୍ଦ ଦୀକ୍ଷିତ ବିଶ୍ୱରେ ସଂସ୍କୃତ ଭାଷାକୁ ଲୋକଭାଷାରେ ପରିଣତ କରିବା ପାଇଁ ବିଭିନ୍ନ ଦେଶରୁ ଆସିଥିବା ଗବେଷକମାନଙ୍କୁ ପରାମର୍ଶ ଦେଇଥିଲେ । ଡଃ ମିଶ୍ର ବିଶ୍ୱ ସମ୍ମିଳନୀରେ "ମାନବସଭ୍ୟତାୟାଃ ସଂସ୍କୃତମେବୋପଯୁକ୍ତାଭାଷା" ନାମ ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ଅଧକ୍ଷ ମିଶ୍ର ସଂସ୍କୃତ ଭଷା ସାହିତ୍ୟର ଜଣେ ଉଚ୍ଚକୋଟିର ଗବେଷକ ଭାବେ ସାରା ରାଜ୍ୟ ତଥା ରାଜ୍ୟବାହାରେ ବେଶ ପରିଚିତ । ପ୍ରାଚୀନ ଆୟୁର୍ବେଦ, ଆକ୍ୟୁପ୍ରେସର, ସାହିତ୍ୟ, ଜ୍ୟୋତିଷ ଓ ବେଦଶାସ୍ତ୍ରରେ ତାଙ୍କର ଗଭୀର ପ୍ରବେଶ ରହିଛି । ତାଙ୍କର ପାଣ୍ଡିତ୍ୟ ଯୋଗୁଁ ଅଖିଳଭାରତୀୟ ପ୍ରାଚୀନ ସମ୍ମେଳନ, ଆନ୍ତର୍ଜାତୀୟ ସମ୍ମେଳନ, ବିଶ୍ୱ ସଂସ୍କୃତ ସମ୍ମେଳନ, ଆଇ.ଆଇ.ଆଇ.ଟି, ହାଇଦ୍ରାବାଦ, ଓଡ଼ିଶା ରାଜ୍ୟ ସଂସ୍କୃତି ବିଭାଗ, ଲୋକଭାଷା ପ୍ରଚାର ସମିତି, ମୋ ମାଟି ସଂସ୍ଥା, ରାଷ୍ଟ୍ରିୟ ସଂସ୍କୃତ ସଂସ୍ଥାନ, ଶାନ୍ତି ପ୍ରତିଷ୍ଠାନ ଓ ଏସ.ଟି.ଆଇ. ନିଉଦୀଲ୍ଲି ପକ୍ଷରୁ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।

# ତରୁଣ ମେମୋରିଆଲ କ୍ରିକେଟ ଉଦ୍ଯାପିତ

କୋରେଇ, ୦୨/୧ (ନି.ପ୍ର): ପଥରପଦା ପଂଚାୟତ ଅନ୍ତର୍ଗତ କାଜିପାଟଣା ଗ୍ରାମର ମା ମଙ୍ଗଳା ଯୁବକ ସଂଘ ଆନୁକୂଲ୍ୟରେ ୫ମ ବାର୍ଷିକ ତରୁଣ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍ଯାପିତ ହୋଇଛି । ଫାଇନାଲ ମ୍ୟାଚ ଆଝାର ଇଇଲେଭେନ ମତାବାଦ ଓ ବ୍ରିଲିଆଂଟ ସ୍ପୋଟିଂଗ କ୍ରିକେଟ କ୍ଲବ ଡାହାଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମତାବାଦ ପ୍ରଥମେ ଟସ ଜିଣି ବୋଲିଂ କରିବାର ନିଷ୍ପତି ନେଇଥିଲା । ଡାହାଲା ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ୱିକେଟ ହରାଇ ୧୪୦ ରନ ସଂଗ୍ରହ କରିଥିଲା । ଜବାବରେ ମତାବାଦ ନିର୍ଦ୍ଧାରିତ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୮୯ ରନ କରି ପରାଜୟ ବରଣ କରିଥିଲା । ଫଳରେ ଡାହାଲା ଚଳିତ ବର୍ଷର ଚମ୍ପିଆନ ହୋଇଥିଲା । ସନ୍ଦୀପ ମହାକୁଡ, ରଘୁପତି ବେହେରା, ଆଶିଷ ମହାକୁଡ, ଶୁଭଦୀପ ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ପଥରପଦା ବିଜେଡି ଯୁବ ସଭାପତି ପ୍ରେମେଶ ଚନ୍ଦ୍ର ମହାକୁଡ, ସମ୍ମାନୀତ ଅତିଥିଭାବେ ସୁରେଶ ଦାସ, ସାମ୍ବାଦିକ ପ୍ରଦୀପ ମାଝୀ, ବିପିନ ବେହେରା ପ୍ରମୁଖ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସରିଜ ସମେତ ବିଜୟୀ ଓ ପରାଜିତ ଦଳକୁ ଟ୍ରଫି ସହ ନଗଦରାଶି ଦେଇ ପୁରସ୍କୃତ କରିଥିଲେ । ରାକେଶ ବେହେରା, ରାଜେଶ ବେହେରା, ସମ୍ବିତ ବେହେରା, ହାପି ମହାକୁଡ, ରଶିକାନ୍ତ ବାରିକ, ଅଭିଜିତ ବେହେରା ପ୍ରମୁଖ ଟୁର୍ଣ୍ଣାମେଂଟ ପରିଚାଳନାରେ ସହଯୋଗ କରିଥିଲେ ।

# କନିକା ପ୍ରଜା ଆନ୍ଦୋଳନ ପାଇଁ ବିପ୍ଳବୀ ଚକ୍ରଧରଙ୍କ ଜୀବନ ସମର୍ପିତ ଥିଲା

ଭୁବନେଶ୍ୱର, ୦୨/୧ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କନିକା ପ୍ରଜାମଣ୍ଡଳ ଆନ୍ଦୋଳନ ନେତା ବିପ୍ଳବୀ ଚକ୍ରଧର ବେହେରାଙ୍କ ୫୧ତମ ଶ୍ରାଦ୍ଧୋତ୍ସବ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ରାଜଭବନ ସମ୍ମୁଖସ୍ଥ ତାଙ୍କ ପ୍ରତିମୂର୍ତି ସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି । ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କଲାପରେ ଶିକ୍ଷାବିତ କାମଦେବ ମହାପାତ୍ର କବିତା ଆବୃତି କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଶିଷ୍ଟ ସ୍ତମ୍ଭକାର, ସୁଲେଖକ ଡକ୍ଟର ଗୌରହରି ଦାସ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ଆବାହକ ରବି ନାରାୟଣ ନନ୍ଦ, ସଂଯୋଜକ ପ୍ରବୀର ମହାନ୍ତି, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଡକ୍ଟର ରଙ୍ଗାଧର ସାହୁ, ଗୋପବନ୍ଧୁ ପ୍ରେମୀ ସଂଜୟ କୁମାର ପରିଡ଼ା, ସାମାଜିକ କର୍ମୀ ସନାତନ ବେହେରା, ଲକ୍ଷ୍ମୀଧର ମହାଭୋଇ, ସର୍ବଭାରତୀୟ ଯାଦବ ମହାସଭାର ଉପସଭାପତି ପ୍ରଫୁଲ୍ଲ କୁମାର ଦାସ, ଶିକ୍ଷାବିତ ଡକ୍ଟର ନଗେନ୍ଦ୍ରନାଥ ମିଶ୍ର, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ, ହାଡ଼ିବନ୍ଧୁ ବେଉରିଆ, ପୂର୍ବତନ କର୍ପୋରେଟର ସଂଯୁକ୍ତା ମହାନ୍ତି, ସ୍ୱର୍ଗତ ବେହେରାଙ୍କ ଆତ୍ମୀୟ ସ୍ୱଜନ ବୀରେନ୍ଦ୍ର କୁମାର ମହାନ୍ତ, ସୁଲୋଚନା ମାହୁନ୍ତ, ପ୍ରତାପ ନାୟକ, ସୁରେନ୍ଦ୍ର କୁମାର ମାହୁନ୍ତ, ସ୍ୱପ୍ନଶ୍ରୀ ମାହୁନ୍ତ, ଦୀଲିପ କୁମାର ଦାସ, ମଞ୍ଜୁଶ୍ରୀ ଦାସ, ସବିତା ମହାପାତ୍ର, ବିଭାଗର ଉପଶାସନ ସଚିବ ମାଥିଆସ୍ ତିର୍କୀ, ଜୟ ଓଡ଼ିଶା ସଭ୍ୟବୃନ୍ଦ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ଦେଶ ସ୍ୱାଧୀନତା ପୂର୍ବରୁ ବ୍ରିଟିଶ୍ ସରକାରଙ୍କ ଅଧିନରେ ଥିବା ରାଜା ଓ ଜମିଦାରମାନେ ପ୍ରଜାଙ୍କଠାରୁ କର ଆଦାୟ କରି ବ୍ରିଟିଶ୍ ତରଫରୁ ଶାସନ କାର୍ଯ୍ୟ ସମ୍ପାଦନ କରୁଥିଲେ । ବହୁ ରାଜା ଓ ଜମିଦାରମାନେ ପ୍ରଜା ଶୋଷଣ କରିବା ସହ ପ୍ରଜାଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ । ତନ୍ମଧ୍ୟରୁ କନିକା ଥିଲା ଅନ୍ୟତମ । କନିକାର ପ୍ରଜା ଶୋଷଣ ଘଟଣା ସମଗ୍ର ଭାରତ ବର୍ଷରେ ଚହଳ ପକାଇଥିଲା । ଏହି ଘଟଣାରେ ଜାତୀର ପିତା ମହାତ୍ମା ଗାନ୍ଧୀ ପ୍ରଜାଙ୍କୁ ଅତ୍ୟାଚାରରୁ ମୁକ୍ତି ଦେବାପାଇଁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ କନିକା ପଠାଇଥିଲେ ଏବଂ ଗୋପବନ୍ଧୁ ମଧ ଭାଗୀରଥି ମହାପାତ୍ରଙ୍କ ସହିତ ଗିରଫ ହେବା ସଂଗେସଂଗେ ଦୁଇଜଣଙ୍କୁ ହାତକଡି ପକାଯାଇଥିଲା । ଏହି ପରିବେଶରେ ପ୍ରଜାମାନଙ୍କୁ ଶୋଷଣମୁକ୍ତ କରିବାକୁ ଚକ୍ରଧର ବେହେରା, ରାଜକର୍ମଚାରୀ ପଦବୀ ତ୍ୟାଗ କରି ରାଜାଙ୍କ ବିରୁଦ୍ଧରେ ଏକ ଦୁର୍ବାର ପ୍ରଜା ଆନ୍ଦୋଳନ ଗଢ଼ିତୋଳିଥିଲେ । ବହୁବାର କାରାବରଣ କରିବା ସହ ରାଜ କର୍ମଚାରୀଙ୍କ ଆକ୍ରମଣର ଶିକାର ହୋଇଛନ୍ତି । ପ୍ରଜାମାନଙ୍କ କଲ୍ୟାଣ ପାଇଁ ସେ ସମଗ୍ର ଜୀବନ ଉତ୍ସର୍ଗ କରିଥିଲେ । ଦେଶ ସ୍ୱାଧୀନତା ପୂର୍ବରୁ ଓ ପରେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇ ନିଜ ଲୋକପ୍ରିୟତାର ପ୍ରମାଣ ଦେଇଥିଲେ । ପରବର୍ତୀ ଅବସ୍ଥାରେ ରାଜନୈତିକ ଆକ୍ରୋଶରୁ ତାଙ୍କୁ ପ୍ରତିନିଧିତ୍ୱରୁ ବଂଚିତ କରାଯାଇଥିଲା । ଦେଶ ଓ ଜାତି ପାଇଁ ତାଙ୍କର ତ୍ୟାଗ ଅତୁଳନୀୟ ବୋଲି ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଅବସରରେ ସାମାଜିକ କର୍ମୀ ସନାତନ ବେହେରାଙ୍କୁ ବିପ୍ଳବୀ ଚକ୍ରଧର ବେହେରା ସ୍ମୃତି ସମ୍ମାନରେ ସମ୍ମାନିତ କରାଯିବା ସହ ଉପସ୍ଥିତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ପରିଶେଷରେ ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

# ଦାରିଙ୍ଗବାଡ଼ିରେ ଇଟାଲି ଦମ୍ପତି ପାଳିଲେ ନବବର୍ଷ


ଦାରିଙ୍ଗବାଡି , ୦୨/୧ (ନି.ପ୍ର): ନୂଆବର୍ଷ ପାଳନ ନେଇ ଆମେ ସମସ୍ତେ ନୂଆନୂଆ ଡେଷ୍ଟିନେସନକୁ ବୁଲିବା ପାଇଁ ଯାଉଛୁ । ହେଲେ ସୁଦୂର ଇଟାଲୀରୁ ନୂଆବର୍ଷ ପାଳନ ଲାଗି ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିରେ ପହଞ୍ଚିଛନ୍ତି ବିଦେଶୀ ଦମ୍ପତି । ଉଭୟ ଇଟାଲୀର ରୋମ ସହରରୁ ଦାରିଙ୍ଗବାଡି ଆସିଛନ୍ତି । ସେମାନେ ହେଉଛନ୍ତି ପାଉଲୋ ଓ ମାର୍କୋ । ପାଉଲୋ ଇଟାଲୀର ଅନ୍ତରୀକ୍ଷ ସାଟେଲାଇଟରେ କାମ କରୁଥିବା ବେଳେ ତାଙ୍କ ସ୍ୱାମୀ ମାର୍କୋ ବିଦ୍ୟୁତ ବିଭାଗର ଜଣେ ଟେକ୍ନିସିଆନ ଭାବେ କାମ କରନ୍ତି । ଉଭୟ ନବବର୍ଷରେ ଦାରିଙ୍ଗବାଡ଼ିର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବା ସହ ସ୍ଥାନୀୟ ଆଦିବାସୀ ମହିଳାଙ୍କ ବେଶଭୂଷା ଦେଖି ବିମୋହିତ ହୋଇଛନ୍ତି । ଆଦିବାସୀଙ୍କ ମହିଳା ଓ ପିଲାଙ୍କ ସହିତ ଫଟୋ ଉଠାଇବା ସହ ସେମାନଙ୍କ ସହିତ କଥୋପକଥନ ହୋଇଛନ୍ତି । ଦାରିଙ୍ଗବାଡିର ସବୁଜିମା ଭରା ପ୍ରକୃତି ସାଙ୍ଗକୁ ଏଠାକାର ଆଦିବାସୀ ଲୋକେ ଅଧିକ ଦୟାଳୁ ବୋଲି କହିଛନ୍ତି । ଅନ୍ୟପଟେ ଇଟାଲୀୟ ଦମ୍ପତିଙ୍କୁ ଭେଟି ସ୍ଥାନୀୟ ଲୋକେ ମଧ୍ୟ ବେଶ ଖୁସି ଅନୁଭବ କରିଥିବା କହିଛନ୍ତି । ବହୁ ପୂର୍ବରୁ ଦାରିଙ୍ଗବାଡି ବୁଲିବାକୁ ଆସୁଥିବା ଇଟାଲୀର ଦୁଇ ଜଣ ବିଦେଶୀ ପର୍ଯ୍ୟଟକଙ୍କୁ ନକ୍ସଲ ଅପହରଣ କରିନେଇଥିଲେ । ଏହାକୁ ନେଇ ସମଗ୍ର ଦେଶରେ ଆଲୋଡ଼ନ ଖେଳିଯାଇଥିଲା । ବହୁ ଆଲୋଚନା ପରେ ନକ୍ସଲମାନେ ଦୁଇ ବିଦେଶୀ ପର୍ଯ୍ୟଟକଙ୍କୁ ଛାଡ଼ିଥିଲେ । ପାଉଲୋ କହିଛନ୍ତି, ଦାରିଙ୍ଗବାଡ଼ିର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତିବ ମନୋରମ । ସବୁଜିମା ବଳୟ ଭିତରେ ସମୟ ଅତିବାହିତ କରିଥିବାରୁ ଆମକୁ ବହୁ ଭଲ ଲାଗିଲା । ଦାରିଙ୍ଗବାଡ଼ି ପରିଭ୍ରମଣକରିବା ବେଳେ ଅନେକ ପିଲାଙ୍କୁ ଭେଟିଥିଲୁ । ସେମାନଙ୍କୁ ଭେଟିଲା ପରେ ଆମକୁ ବହୁତ ଭଲ ଲାଗିଲା ବୋଲି ପାଉଲୋ କହିଛନ୍ତି ।

# ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସର ଉଦାସୀନତା ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା, ୦୨/୧ (ନି.ପ୍ର): ଏକ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସର ଉଦାସୀନତା ବିରୋଧରେ ଆଜି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଭରତପୁର ପ ।ଉୟତର ହରିଡାଦଣ୍ଡା ଗ୍ରାମର ଶ୍ରୀଚରଣ ସ୍ୱାଇଁଙ୍କ ପୁଅ କର୍ଣ୍ଣିକ ଚନ୍ଦ୍ର ସ୍ୱାଇଁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ଗତ ଡିସେମ୍ବରମାସ ୧୦ତାରିଖ ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ପୂର୍ବ ପାରିବାରିକ କଳହକୁ ନେଇ ତାଙ୍କ ପଡୋଶୀ ପ୍ରଫୁଲ୍ଲ ବେଜ ତାଙ୍କୁ ଅତ୍ୟନ୍ତ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରିବାରେ କର୍ଣ୍ଣିକ ଏହାର ପ୍ରତିବାଦ କରନ୍ତେ ପ୍ରଫୁଲ୍ଲଙ୍କ ପରିବାରର ଅନ୍ୟମାନେ କର୍ଣ୍ଣିକଙ୍କୁ ଏକ ଲୁହା ପାଇପ୍‌ରେ ପିଟିଥିଲେ । ଏଥିସହିତ ତାକୁ ଟିଆ ମାରି ତଳେ ପକାଇଦେଇ ବିଧା ଓ ଗୋଇଠା ପ୍ରଭୃତି ମାରିବା ସହିତ ତାକୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା କର୍ଣ୍ଣିକ ସଦର ଥାନାରେ ସେହି ଦିନ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ପୋଲିସ ଏସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ସେ କେନ୍ଦ୍ରାପଡା ଏସଡିପିଓ ଏବଂ ପରେ ଏସପିଙ୍କ ନିକଟରେ ଅଭିଯୋଗ କରିଥିଲେ ବି ଅଦ୍ୟାବଧି ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ସେ ଆଜି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଜିଲ୍ଲାପାଳ ଏହି ଘଟଣାରେ ତୁରନ୍ତ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

# ଆନ୍ଧ୍ର ବେପାରୀଙ୍କ ଜାଲରେ ଫସିଗଲେ: ଉଜୁଡ଼ିଲା ଜୀବିକା, ୪ ହଜାର ମତ୍ସ୍ୟଜୀବୀ ଏବେ ଦାଦନ

ଚିକିଟି, ୦୨/୧ (ନି.ପ୍ର): ଗଞ୍ଜାମ ଜିଲ୍ଲାର ଚିକିଟି ବ୍ଲକ୍ ବଙ୍ଗୋପସାଗର ଉପକୂଳବର୍ତ୍ତୀ ଇଲାକା ସୋରଳ, ସୋନପୁର, କତୁରୁ ଓ ଏକସିଙ୍ଗି ପଞ୍ଚାୟତ । ଆବହମାନ କାଳରୁ ଏଠାକାର ଅଧିବାସୀ ସମୁଦ୍ରରୁ ମାଛ ମାରି ଜୀବିକା ନିର୍ବାହ କରିଆସୁଛନ୍ତି । ଏଥିପାଇଁ ଏହି ଇଲାକା ଗୁଡ଼ିକ ମତ୍ସ୍ୟଜୀବୀବହୁଳ ପଞ୍ଚାୟତ ଭାବେ ସାରା ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଛି । ତେବେ ସମୟ ଚକ୍ରରେ ସୀମାନ୍ତ ଆନ୍ଧ୍ରପ୍ରଦେଶର ବେପାରୀମାନେ କୌଶଳ ଖଟାଇ ଏହି ନିରୀହ ମତ୍ସ୍ୟଜୀବୀଙ୍କ ଭାତହାଣ୍ଡିକୁ ଉଜାଡ଼ି ଦେଇଛନ୍ତି । ବିସ୍ତୀର୍ଣ୍ଣ ଲୁଣା ଜମିକୁ ଜବରଦଖଲ କରି ହାଇବ୍ରିଡ୍ ଚିଙ୍ଗୁଡ଼ି ଚାଷର ବେଆଇନ ସାମ୍ରାଜ୍ୟ ବିସ୍ତାର କରିଛନ୍ତି । ସେମାନଙ୍କ ଦୌରାତ୍ମ୍ୟରେ ସ୍ଥାନୀୟ ମତ୍ସ୍ୟଜୀବୀ ନିଜ କୌଳିକ ବୃତ୍ତିରୁ ଦୂରେଇଯାଉଛନ୍ତି । ଆଉ ୪ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୪ରୁ



୫ହଜାର ଯୁବକ ବର୍ତ୍ତମାନ ଓଡ଼ିଶାର ଓ ରାଜ୍ୟ ବାହାରେ ଦାଦନ ଖଟୁଥିବା ଜଣାପଡ଼ିଛି । ଜୀବିକାର ସୁରକ୍ଷା ଓ ଆନ୍ଧ୍ର ବେପାରୀଙ୍କ ବେଆଇନ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଜାରି କରିବା ଲାଗି ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ, କୌଣସି ସୁଫଳ ମିଳୁନି । କେବଳ ପ୍ରତିଶ୍ରୁତି ମିଳିଛି । ଏହି ମତ୍ସ୍ୟଜୀବୀମାନେ ନିଜର ପାରମ୍ପରିକ ମାଛଚାଷ କରି ବେଶ୍ ଖୁସିରେ ଥିଲେ । ଇଲିଶି, ଖଇଙ୍ଗା, ସୁରୁଙ୍ଗା ଓ ମେଜି ଭଳି ବିଭିନ୍ନ କିସମର ମାଛ ଧରି ଯାହା ବିକ୍ରି କରୁଥିଲେ ସେଥିରେ କଷ୍ଟେମଷ୍ଟେ ସେମାନଙ୍କ ପରିବାର ପ୍ରତିପୋଷଣ ହେଉଥିଲା । ୨୦୧୧ ଜନଗଣନା ଅନୁଯାୟୀ ସୋନପୁର ପଞ୍ଚାୟତର ୫ ହଜାର ପରିବାର ମଧ୍ୟରୁ ୪ ହଜାର ପରିବାର ମାଛଚାଷ ଉପରେ ନିର୍ଭର କରୁଥିଲେ । ସେହିପରି ପାତିସୋନପୁରର ୩୫୦୦ ପରିବାର ମଧ୍ୟରୁ ୨୦୦୦, ସୋରଳର ୯୦୦୦ ପରିବାର ମଧ୍ୟରୁ ୨୦୦୦, ଏକସିଂଗି ପଞ୍ଚାୟତର ୩୦୦୦ ପରିବାର ମଧ୍ୟରୁ ୧୫୦୦ ଓ କତୁରୁ ପଞ୍ଚାୟତ ୫୦୦୦ ପରିବାର ମଧ୍ୟରୁ ୧୫୦୦ ପରିବାର ମାଛଚାଷକୁ ଏକମାତ୍ର ଜୀବିକା ଭାବେ ଗ୍ରହଣ କରୁଥିଲେ । ସେହିପରି ପ୍ରାୟ ୫୦୦ ଏକରରୁ ଅଧିକ ଜମିରେ ଚିଙ୍ଗୁଡ଼ି ଚାଷ ମଧ ହେଉଥିଲା । ଅର୍ଥାତ ୨୦ ପ୍ରତିଶତ ଇଲାକାରେ ମତ୍ସ୍ୟଜୀବୀମାନେ ଚିଙ୍ଗୁଡ଼ି ଘେରିରେ ଗୋବର, ଚୂନ ଓ ଶୁଖୁଆ ଗୁଛି ଆଦି ପକାଇ ପାରମ୍ପରିକ ପଦ୍ଧତିରେ ଚିଙ୍ଗୁଡ଼ି ଚାଷ କରୁଥିଲେ । ବର୍ତ୍ତମାନ ଆନ୍ଧ୍ର ବେପାରୀ ସେମାନଙ୍କ ଇଲାକା ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି । ବାଗଦା, ମାରଣା ଓ କଣ୍ଟାଳ ଆଦି ଉନ୍ନତମାନର ହାଇବ୍ରିଡ୍ ଚିଙ୍ଗୁଡ଼ି ଚାଷ କରିବାରୁ ମତ୍ସ୍ୟଜୀବୀଙ୍କ ପାରମ୍ପରିକ ଚାଷ ଉଜୁଡ଼ିଯାଇଛି । ଅଧିକ ଅମଳ ପାଇଁ ଚିଙ୍ଗୁଡ଼ି ଘେରିରେ ସାର ପ୍ରୟୋଗ ହେଉଛି । ଦୂଷିତ ପାଣିକୁ ନଦୀକୁ ଛଡ଼ାଯାଉଛି । ଯାହାଫଳରେ ମାଛଚାଷର ଅନ୍ତୁଡ଼ିଶାଳ ପାଲଟିଥିବା ଚିଲିକାରେ ଏହି ଦୂଷିତ ପାଣି ମିଶି ବିଭିନ୍ନ ପ୍ରଜାତିର ମାଛଙ୍କ ଜୀବନ ପ୍ରତି ବିପଦର ସୃଷ୍ଟି କରିଥିଲା । ଫଳରେ ପାଖାପାଖି ୫୦ହଜାର ମତ୍ସ୍ୟଜୀବୀଙ୍କ ଜୀବିକା ସଂକଟରେ ପଡ଼ିଛି । ସେମାନଙ୍କ ପରିବାରରୁ ୪୦୦୦ରୁ ୫୦୦୦ ଯୁବକ ଏବେ ଦାଦନ ଖଟିବାକୁ ବାଧ ହେଉଛନ୍ତି । ଏଭଳି ସ୍ଥିତି ଜାରି ରହିଲେ ମତ୍ସ୍ୟଜୀବୀଙ୍କ ଜୀବିକା ଏକ ଇତିହାସ ପାଲଟିଯିବ ବୋଲି ମତପ୍ରକାଶ ପାଇଛି । ଆନ୍ଧ୍ର ବେପାରୀଙ୍କ ଦ୍ୱାରା ରିଂ ଜାଲର ପ୍ରୟୋଗ, ସେମାନଙ୍କ ଦୌରାତ୍ମ୍ୟ, ମୁହାଣ ଜବରଦଖଲ ଓ ପରିବେଶ ପ୍ରଦୂଷଣ ନେଇ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା । କିନ୍ତୁ କୌଣସି ପଦକ୍ଷେପ ନିଆଯାଇନି ବୋଲି ମତ୍ସ୍ୟଜୀବୀ କହିଛନ୍ତି ।

# ମଦ୍ୟପାନ କରି ଗାଡି ଚଲାଉଥିବା ଚାଳକକୁ ଅଟକ ରଖିଲା ପୋଲିସ

ଜୟପୁର, ୦୨/୧ (ନି.ପ୍ର): ମଦ୍ୟପାନ କରି କାର ଚଳାଉ ଥିବା ଅଭିଯୋଗରେ ଚାଳକକୁ ଅଟକ ରଖିଲା ଜୟପୁର ଟାଉନ ପୋଲିସ । ଅଟକ ଚାଳକ ଜଣକ ହେଲା ଲମତାପୁଟର ଶିବ ଦାରଲି (୪୦) । ପୋଲିସ ସୂଚନା ଅନୁଯାଇ ଲମତାପୁଟର ଶିବ ଦାରଲି (୪୦) ମଦ୍ୟପାନ କିର କାର ଚଳାଇ ଆସୁଥିଲେ । ସେହି ସମୟରେ ଜୟପୁର ଟାଉନ ପୋଲିସ କାରକୁ ରଜାନହରରେ ଅଟକାଇ ଯାଂଚ କରିଥିଲା । ଚାଳକ ଜଣକ ମଦ୍ୟ ପାନ କରି ଗାଡ଼ି ଚଲାଉଥିବା ଜାଣିବାକୁ ପାଇଥିଲେ । କାରକୁ ଜବତ କରି ଚାଳକକୁ ଅଟକ ରଖିଥିଲା । ନୋଟିସରେ ଛାଡାଯାଇଥିବା ବିଷୟ ଟାଉନ ଥାନା ଅଧିକାରି ସତ୍ୟାନନ୍ଦ ପତ୍ର ସୂଚନା ଦେଇଛନ୍ତି ।

# କରୋନା ଛଡ଼ାଇନେଲା ପାଠ: ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ବାପଛେଉଣ୍ଡ କନ୍ୟା ସସ୍ମିତା

ଉଦଳା , ୨/୧ (ନି.ପ୍ର): ଯେ ହେଉଛି ଗୋପବନ୍ଧୁନଗର ବ୍ଲକର ଜୟପୁର ପଂଚାୟତ ଅନ୍ତର୍ଗତ ମାର୍ଶିଙ୍ଗା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ୰ ସୁକୁରା ସିଂ ଓ ମାତା ମେଂଜତି ସିଂଙ୍କ କନ୍ୟା ସସ୍ମିତା ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ ଜଣାଯାଇଛି 'ସସ୍ମିତା' ଗ୍ରାମରେ ଥିବା ଆଶ୍ରମ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । କରୋନା ଯୋଗୁଁ ସେ ପାଠ ଠାରୁ ଦୁରେଇ ଯାଇଥିଲେ । ବିଦ୍ୟାଳୟ ଖୋଲିବା ପରେ ସେ ପୁଣି ଥରେ କିପରି ବିଦ୍ୟାଳୟକୁ ଯିବେ ଓ ପାଠ ପଢ଼ିବେ ସେଥିପାଇଁ କୌଣସି ମହଲରେ କିଛି ତତ୍ପରତା ପ୍ରକାଶ ପାଇଲା ନାହିଁ । ଫଳରେ ସେ ସବୁଦିନ ପାଇଁ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହେଲେ । ସସ୍ମିତାଙ୍କ ବର୍ତମାନ ବୟସ ୧୩ ବର୍ଷ ଛୁଇଁଲା । ସସ୍ମିତା ଛୋଟ ଥିବା ସମୟରେ ତାଙ୍କର ବାପା ସୁକୁରା ସିଂଙ୍କର ଦେହାନ୍ତ ହେଲା । ଫଳରେ ସସ୍ମିତା ପିଲାଟି ଦିନରୁ ବାପଙ୍କ ସ୍ନେହ ମମତାରୁ ବଂଚିତ ଅଛନ୍ତି । ସରକାରଙ୍କ ଘୋଷଣା ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୁଳକ ଶିକ୍ଷା । ଅଥଚ ସସ୍ମିତାଙ୍କ ପରି ବାପା ଛେଉଣ୍ଡ କନ୍ୟା ବର୍ତମାନ ମଧ ବିଦ୍ୟାଳୟ ବାହାରେ ଅଛନ୍ତି । କର୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ରାଜ୍ୟ ଗ୍ରନ୍ଥାଗାରରେ ହରେକୃଷ୍ଣ ମହତାବଙ୍କ ୩୭ତମ ତିରୋଧାନ ଦିବସ ପାଳିତ

ଭୁବନେଶ୍ୱର, ୨/୧ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ହରେକୃଷ୍ଣ ମହତାବଙ୍କ ୩୭ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, ଯୁଗ୍ମ ସଚିବ ଶ୍ରୀମତୀ ଅତସୀ ଦାସ, ଅନୁଶାସନ ସଚିବ ସୁଶ୍ରୀ ଶୁଭସ୍ମିତା ପ୍ରଧାନ ଓ ଗ୍ରନ୍ଥାଗାରର କର୍ମଚାରୀ ମାନେ ମହତାବଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅପରାହ୍ନରେ ଶିବାନନ୍ଦ ସେଂଟନାରୀ ବାଳକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର ଓ ବିବେକାନନ୍ଦ ଶିକ୍ଷା କେନ୍ଦ୍ର , ଲକ୍ଷ୍ମୀସାଗର, ଭୁବନେଶ୍ୱରର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏହି ବକ୍ତୃତା ପ୍ରତିଯୋଗୀତାରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଏବଂ ଅସିତ୍ ମହାନ୍ତି ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ । ଶେଷରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ବକ୍ତୃତା ପ୍ରତିଯୋଗୀତା ଗ୍ରନ୍ଥାଧ୍ୟକ୍ଷାଙ୍କ ଶ୍ରୀମତୀ ସଂଘମିତ୍ରା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ବେଳେ ଗ୍ରନ୍ଥାଧ୍ୟକ୍ଷ ପଦ୍ମନାଭ ଜେନା, ବିଦ୍ୟାଧର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଇ-କୋର୍ଟ ଯୁଗରେ ସ୍ଥାୟୀ...

ମହତ୍ୱପୂର୍ଣ୍ଣ ନୁହେଁ ବୋଲି ବୋଲି ସ୍ପଷ୍ଟ କରିଛନ୍ତି କେନ୍ଦ୍ର ଆଇନ ମନ୍ତ୍ରୀ । ସେପଟେ ବିଜେଡି ଏହାକୁ ନେଇ ମତ ରଖିଛି । ବରିଷ୍ଠ ନେତା ତଥା ବିଜେଡି ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ହାଇକୋର୍ଟ ବେଞ୍ଚ ସବୁବେଳେ ପଶ୍ଚିମ ଓଡ଼ିଶାର ଦାବି । ଆଶା କରୁଛୁ କେନ୍ଦ୍ର ସରକାର ଲକ୍ଷ ଲକ୍ଷ ପଶ୍ଚିମ ଓଡ଼ିଶା ବାସୀଙ୍କର ଆଶାକୁ ପୂରଣ କରିବେ ବୋଲି ସେ ଦୋହରାଇଛନ୍ତି ।

## କଟକ-ଚାନ୍ଦବାଲି ରାସ୍ତାରେ....

ଆଜି ସନ୍ଧ୍ୟାରେ ୨ଟି ସଡ଼କ ଦୁର୍ଘଟଣାରେ ୪ ଜଣଙ୍କର ମୃତ୍ୟୁ ହୋଇଛି । ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଛକରେ ବାପପୁଅଙ୍କ ଉପରେ ଦ୍ରୁତଗାମୀ ହାଇଓ୍ୱା ଚଢ଼ିଯାଇଛି । ସେହିପରି ନୂଆପଡ଼ା ଜିଲ୍ଲା ଜୋଙ୍କ ଥାନା ଅନ୍ତର୍ଗତ ଗୋତମା ଛକରେ ପିକ୍‌ଅପ୍ ଭ୍ୟାନ୍‌ରେ ପିଟି ହୋଇ ଦୁଇ ଜଣ ସାଙ୍ଗ ଜୀବନ ହାରିଛନ୍ତି । ପ୍ରଥମ ଘଟଣାରେ ରାଜକୁମାର ମହାକୁଡ଼ (୫୦), ତାଙ୍କର ପୁଅ ଓମ୍‌ପ୍ରୀତ (୧୬)ଙ୍କ ମୃତ୍ୟୁ ହୋଇଛି । ଦ୍ୱିତୀୟ ଘଟଣାର ଶିକାର ହୋଇଛନ୍ତି ଭଗତରାମ ଶବର (୩୦) ଓ ଗୁପ୍ତେଶ୍ୱର ଶବର (୨୫) । ସୂଚନା ଅନୁସାରେ ସୋନପୁର ମହାନଦୀ ଉପରେ ନିର୍ମିତ ପୋଲ ପାର୍ଶ୍ୱରୁ ଆଜି ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଏକ ହାଇଓ୍ୱା ପଟାଭାଡ଼ି ଅଭିମୁଖେ ଯାଉଥିଲା । ଏକ ସ୍କୁଟିରେ ବାପା ରାଜକୁମାର ମହାକୁଡ଼ ଓ ପୁ ଓମପ୍ରୀତି ଆମ୍ବେଦକର ଛକରୁ ବ୍ଲକ କ୍ଲଷ୍ଟର କଲୋନିକୁ ଆସୁଥିଲେ । ବ୍ଲକ ଛକରେ ସ୍କୁଟି ଉପରେ ହାଇଓ୍ୱା ଚଢ଼ିଯାଇଥିଲା । ଘଟଣାସ୍ଥଳରେ ବାପା-ପୁଅ ସ୍କୁଟିରୁ ଅଲଗା ହୋଇ ପ୍ରାଣ ହରାଇଥିଲେ । କିନ୍ତୁ ସ୍କୁଟିକୁ ହାଇଓ୍ୱାଟି ଘୋଷାଡ଼ି ନେଇଥିଲା । ଫଳରେ ଉଭୟ ବାପ-ପୁଅଙ୍କ ମୃତ୍ୟୁ ହୋଇଥିଲା । ଦ୍ରୁତଗାମୀ ହାଇଓ୍ୱା ଘଟଣାସ୍ଥଳରୁ ଫେରାର ମାରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ହୁତୁହୁତୁ ହୋଇ ଜଳି ଯାଇଥିଲା । ସୂଚନା ପାଇଁ ଏସ୍‌ପି ଅମରେଶ ପଣ୍ଡାଙ୍କ ସମେତ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଥିଲେ । ପୁଲିସ ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି । ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଏହି ଘଟଣା ପରେ ଉତ୍ତେଜନା ପରିସ୍ଥିତି ଦେଖାଯାଇଥିଲା । ନୂଆପଡ଼ାର ଘଟଣା ଥିଲା ଏମିତି । ମଙ୍ଗଳବାର ରାତି ୮ଟାରେ ଧରମବନ୍ଧା ଥାନା କରଚୁଲ ଗ୍ରାମର ଭଗତରାମ ଶବର, ଗୁପ୍ତଶ୍ୱର ଶବର ଓ କୋମନା ଥାନା କାଣ୍ଡେତରା ଗ୍ରାମର କବି ଶବର (୨୬) ଏକ ବାଇକ (ଓଡି ୨୬ ଏଫ୍ ୩୩୧୫)ରେ ଖରିଆର ରୋଡ୍‌ରୁ ଫେରୁଥିଲେ । ଗୋତମା ଛକ ପାଖରେ ଠିଆ ହୋଇଥିବା ଏକ ପିକଅପ୍ ଭ୍ୟାନ୍ (ଓଡି-୨୬ ଡି-୯୨୫୬)କୁ ପଛପଟୁ ଧକ୍କା ଦେଇଥିଲେ । ଫଳରେ ସମସ୍ତ ୩ ଜଣ ଛିଟିକି ପଡ଼ି ଗୁରୁତର ହୋଇଥିଲେ । ଜୋଙ୍କ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ୩ ଜଣଙ୍କୁ ଉଦ୍ଧାର କରି ନୂଆପଡ଼ା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଭଗତରାମ ଓ ଗୁପ୍ତଶ୍ୱରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ବୁଧବାର ଦୁଇ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜୋଙ୍କ ଥାନା ଅଧିକାରୀ ଗୁରୁଦେବ କର୍ମୀ ସୂଚନା ଦେଇଛନ୍ତି । ତେବେ ଆହତ କବି ଚିକିତ୍ସାଧୀନ ଥିବା ଜଣାଯାଇଛି ।

## କଂଗ୍ରେସରେ ମିଶିବେ....

ଭାଇଙ୍କ ସହିତ ତାଙ୍କର ରାଜନୀତିକ ମତ ପାର୍ଥକ୍ୟ ଥିବା ତଥା ତେଲଙ୍ଗାନାରେ ଓ୍ୱାଇଏସ୍‌ଆର କଂଗ୍ରେସର କୌଣସି ପ୍ରଭାବ ନଥିବା ଦର୍ଶାଇ ସେ ନୂଆ ଦଳ ଗଠନ କରିଥିଲେ ଓ କେ ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ସରକାର ବିରୋଧରେ ପ୍ରଚାର ଚଳାଇଥିଲେ । ତେବେ ଚଳିତ ବର୍ଷ ତେଲଙ୍ଗାନା ବିଧାନସଭା ନିର୍ବାଚନରେ ସେ ଲଢ଼ି ନଥିଲେ । ରାଜ୍ୟରେ କଂଗ୍ରେସର ଭଲ ସ୍ଥିତିରେ ଅଛି ଓ ନିର୍ବାଚନ ଜିତିବ କହି ସେ ନିର୍ବାଚନ ଲଢ଼ି ନଥିଲେ ।

## କଳିଙ୍ଗନଗର ଆଦିବାସୀ ଗଣହତ୍ୟାକୁ ....

ଏହି ଅବସରରେ ନବୀନ ପଟ୍ଟନାୟକ ସରକାରକୁ କଡ଼ା ଭାଷାରେ ସମାଲୋଚନା କରି କହିଥିଲେ ଯେ, ୨୦୦୬ ମସିହା ଜାନୁଆରୀ ୨ତାରିଖରେ ଯାଜପୁର କଳିଙ୍ଗନଗର ଠାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ମିଳିତ ସରକାର ଦ୍ୱାରା ଭିଟାମାଟି ପାଇଁ ଲଢ଼େଇ କରୁଥିବା ନିରୀହ ଆଦିବାସୀମାନଙ୍କୁ ଶିଳ୍ପପତିଙ୍କ ସ୍ୱାର୍ଥକୁ ରକ୍ଷା କରିବାକୁ ଯାଇ ଯେଉଁଭଳି ଭାବେ ଗୁଳିକରି ହତ୍ୟା କରାଗଲା ତାହା ଏ ଅର୍ଦ୍ଧ ଶତାବ୍ଦୀର ସବୁଠାରୁ ନିମର୍ମ ଓ ବର୍ବୋରୋଚିତ ଗଣହତ୍ୟା ବୋଲି ସେତେବେଳର କେନ୍ଦ୍ର ସରକାର ପ୍ରକାଶ କରିଥିଲେ । ଖାଲି ସେତିକି ନୁହେଁ ରାୟଗଡ଼ା ଜିଲ୍ଲାର ମାଇକଂଚ, ନବରଙ୍ଗପୁର ଜିଲ୍ଲାର ରାଇଘର ଏବଂ କନ୍ଧମାଳ ଜିଲ୍ଲର ଗୁମୁଡୁମାହା ଠାରେ ଅତି ନିମର୍ମ ଭାବରେ ନିରୀହ ଆଦିବାସୀଙ୍କୁ ଗୁଳିକରାଯାଇଥିଲା । ଉଭୟ ବିଜେପି ଓ ବିଜେଡ଼ି ସରକାର ନିରୀହ ଆଦିବାସୀଙ୍କ ରକ୍ତରେ ହୋଲିଖେଳିବାକୁ କୁଣ୍ଠବୋଧ କରନ୍ତି ନାହିଁ । ରାଜ୍ୟର ୧୦ଟି ଆଦିବାସୀ ଅଧ୍ୟୁଷିତ ଅଂଚଳର ୪୦ ଭାଗ ଲୋକଙ୍କ ପାଖରେ ସର୍ବନିମ୍ନ ସୁବିଧା ଯଥା ବାସଗୃହ, ସ୍ୱଚ୍ଛ ପିଇବାପାଣି, ସ୍ୱାସ୍ଥ୍ୟ ସେବା,ଶିକ୍ଷା ବ୍ୟବସ୍ଥା ଏବଂ ରୋଜଗାର ବ୍ୟବସ୍ଥା ଆଜି ଅପହଂଚ କାହିଁକି ? ସ୍ୱର୍ଣ୍ଣଗର୍ଭା ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜର ଆଦିବାସୀମାନଙ୍କର ସ୍ଥିତି ଏତେ ବିକଟାଳ କାହିଁକି ? ଏହାର ଉତ୍ତର ଉଭୟ ବିଜେଡ଼ି ଓ ବିଜେପି ସରକାର ରଖିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି । କଂଗ୍ରେସ ସବୁ ସମୟରେ ଏବଂ ସମସ୍ତ ପ୍ରସଙ୍ଗରେ ଆଦିବାସୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଲଢ଼େଇ କରି ଆସୁଛି ଏବଂ ଏହା ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଆଜି ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ସୁରେଶ କୁମାର ରାଉତରାୟଙ୍କ ସମେତ ଶିବାନନ୍ଦ ରାୟ, ଶରତ ରାଉତ, ଅନନ୍ତ ପ୍ରସାଦ ସେଠୀ, ପଂଚାନନ କାନୁନଗୋ, ବିଶ୍ୱଜିତ ଦାଶ, ନକୁଳ ନାୟକ, ରବିନ୍ଦ୍ର କୁମାର ମଲ୍ଲିକ, ବିଜୟଲକ୍ଷ୍ମୀ ସାହୁ, କିଶୋର ଜେନା, ମାନସ ଚୌଧୁରୀ, ମନୋରଞ୍ଜନ ଦାଶ, ପ୍ରକାଶ ମିଶ୍ର, ଚିନ୍ମୟ ସୁନ୍ଦର ଦାସ, ରଶ୍ମି ମହାପାତ୍ର, ଅମିୟ କୁମାର ପଟ୍ଟନାୟକ, ରଜନୀ ମହାନ୍ତି, ବାଙ୍କନିଧି ବେହେରା, ପ୍ରଣତି ମିଶ୍ର, ସୁବ୍ରତ ମହାପାତ୍ର, ଜ୍ଞାନ ପଟ୍ଟନାୟକ, ସତ୍ୟବ୍ରତ ନାୟକ, ସୁଶାନ୍ତ ତ୍ରିପାଠୀ, ପ୍ରଶାନ୍ତ ଚମ୍ପତି, ମିହିର ଅଚାର୍ଯ୍ୟ, ପ୍ରତିମା ମଲ୍ଲିକ, ଶ୍ରିୟାସ୍ମିତା ପଣ୍ଡା, ହଳଧର ସେଠୀ ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ସାମିଲ ହୋଇଥିଲେ ।

## ଅଯୋଧ୍ୟାରୁ ଶ୍ରୀକ୍ଷେତ୍ରକୁ ....

ମହାପ୍ରଭୁ ଜଗନ୍ନାଥଙ୍କ ସମେତ ଆମକୁ ଅଯୋଧ୍ୟା କ୍ଷେତ୍ରକୁ ଯିବା ପାଇଁ ନିମନ୍ତ୍ରଣ ଆସିଛି । ଜାନୁଆରୀ ୨୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପ୍ରାଣ ପ୍ରତିଷ୍ଠା ସମାରୋହରେ ଉପସ୍ଥିତ ରହିବାକୁ କୁହାଯାଇଛି । ମହାପ୍ରଭୁ ଜଗନ୍ନାଥଙ୍କ ଦୟା ରହିଲେ, ରାମଲାଲାଙ୍କ ଏହି ଶୁଭ କାର୍ଯ୍ୟରେ ନିଜକୁ ନିୟୋଜିତ କରି ତାଙ୍କ କାର୍ଯ୍ୟରେ ସାମିଲ୍ କରାଇବି ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଶ୍ରୀମନ୍ଦିର ପରି ଉତ୍ତରପାର୍ଶ୍ୱ ମଠ ମହନ୍ତ ମହାରାଜ ନାରାୟଣ ରାମାନୁଜ ଦାସଙ୍କ ପାଖକୁ ମଧ ଆସିଛି ନିମନ୍ତ୍ରଣପତ୍ର । ଡାକ ଯୋଗେ ଚିଠି ଆସିଛି । ଚିଠି ପାଇବା ପରେ ମଠରେ ଆନନ୍ଦର ମାହୋଲ୍ । ଅନ୍ୟପକ୍ଷରେ ଅଯୋଧ୍ୟା ଯିବା ପାଇଁ ମହନ୍ତ ମହାରାଜା ପ୍ରସ୍ତୁତ ଥିବା କହିଛନ୍ତି । ଆସନ୍ତା ୨୨ ତାରିଖରେ ଅଯୋଧ୍ୟା ଯିବେ ବୋଲି କହିଛନ୍ତି । ମହନ୍ତ ମହାରାଜା ନାରାୟଣ ରାମାନୁଜ ଦାସ କହିଛନ୍ତି, ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାରେ ଯୋଗଦେବା ପାଇଁ ପୁରୀର ସମସ୍ତ ମଠ ମହନ୍ତମାନଙ୍କୁ ନିମନ୍ତ୍ରଣ କରାଯାଇଛି । ଯିବା ନେଇ ୨୧ ତାରିଖ ପୂର୍ବରୁ ସୂଚନା ଦେବାକୁ କୁହାଯାଇଛି । ଉତ୍ତରପାର୍ଶ୍ୱ ମଠ, ରାଧାବଲ୍ଲଭ ମଠ, ମହିପ୍ରକାଶ ମଠ, ପାପୁଡ଼ିଆ ମଠ, ହାତୀ ଆଖଡ଼ା ମଠ ପରି ୬ଟି ମଠ ପାଖକୁ ନିମନ୍ତ୍ରଣପତ୍ର ଆସିଛି । ଅନ୍ୟ ମଠ ପାଖକୁ ନିମନ୍ତ୍ରଣପତ୍ର ଆସୁଛି । ୨୨ ତାରିଖରେ ପ୍ରାଣ ପ୍ରତିଷ୍ଠା ହେବ ବୋଲି ଜାଣି ନିମନ୍ତ୍ରଣପତ୍ର ଆସିବା ପୂର୍ବରୁ ଅର୍ଥାତ ଗତ ମାସରୁ ଟିକଟ କରିଦେଇଛୁ । ଜାନୁଆରୀ ୧୯ ତାରିଖରୁ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ଶ୍ରୀ ଦାସ କହିଛନ୍ତି । ସେହିପରି ମହୀପ୍ରକାଶ ମଠ ମହନ୍ତଙ୍କୁ ମଧ ଆମନ୍ତ୍ରଣ ଆସିଛି । ମହୀପ୍ରକାଶ ମଠ ମହନ୍ତ ମହାରାଜ ସ୍ୱାମୀ ଶୁଭାନନ୍ଦଙ୍କୁ ଟ୍ରଷ୍ଟ ତରଫରୁ ନିମନ୍ତ୍ରଣ କରାଯାଇଛି । ନିମନ୍ତ୍ରଣପତ୍ର ପାଇବାର ଯଥେଷ୍ଟ ପୂର୍ବରୁ ସେମାନେ ଅଯୋଧ୍ୟା ଯିବା ପାଇଁ ଟିକେଟ କରିଦେଇଛନ୍ତି । ନିମନ୍ତ୍ରଣ ପାଇବା ପରେ ମଠ ମହନ୍ତ ମହାରାଜା ବେଶ ଉତ୍ସାହିତ ଅଛନ୍ତି । ଆସନ୍ତା ୨୨ ତାରିଖରେ ଅଯୋଧ ଯିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି ।

# ଗୋଚର ଜମିରେ ବ୍ୟାଙ୍କ ଗୃହ ନିର୍ମାଣକୁ ନେଇ ବିରୋଧ

ନୀଳଗିରି , ୨/୧ (ନି.ପ୍ର): ରାଜ୍ୟ ସରକାର ସାଧାରଣ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ପ୍ରତି ଗ୍ରାମାଞ୍ଚଳ ମାନଙ୍କରେ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଆସୁଥିବା ବେଳେ ଏବେ ହାତପାଆନ୍ତାରେ ବ୍ୟାଙ୍କ ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ ପ୍ରତି ଗାଁ ମାନଙ୍କରେ ବ୍ୟାଙ୍କ ଖୋଲୁଛନ୍ତି । ନୀଳଗିରି ବ୍ଲକ୍ ମାଟିଆଳୀ ପଞ୍ଚାୟତରେ ବ୍ୟାଙ୍କ ସେବା ଯୋଗାଇଦେବା ପାଇଁ ନୂତନ ବ୍ୟାଙ୍କଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟ ଚାଲିଛି । ଏଥିପାଇଁ ବ୍ଲକର କନିଷ୍ଠ ଯନ୍ତ୍ରୀ ନନ୍ଦୀ ବାବୁ ଲେ ଆଉଟ୍ ଦେବା ଦୁଇ ଦୁଇଥର ଯାଇ ଅସଫଳ ହେବା ପରେ ନୀଳଗିରି ତହସିଲଦାର ଏବଂ ଆର ଆଇ ଗୋଟିଏ ଗୋଚର ଜମିକୁ ଚିହ୍ନଟ କରି ବ୍ୟାଙ୍କଗୃହ ନିର୍ମାଣ କରିବାକୁ ନିଷ୍ପତି ନିଆଯାଇଛି । ଯାହାକୁ ଘୋର ବିରୋଧ କରିଛନ୍ତି ମାଟିଆଳୀ ସରପଞ୍ଚ ଶାନ୍ତିଲତା ବିଶ୍ୱାଳ, ସମିତି ସଭ୍ୟ ଶଶଧର ମହାପାତ୍ରଙ୍କ ସମେତ ଶତାଧିକ ଗ୍ରାମବାସୀ । ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଅନୁକମ୍ପା ଦେଖାଇ ତାଙ୍କ ପ୍ରରୋଚନାରେ ବଶବର୍ତ୍ତୀ ହୋଇ ଉକ୍ତ ପଞ୍ଚାୟତରେ ବାଜେ ଫସଲ, ପତିତ, ଅନାବାଦୀ ଭଳି ଜାଗା ଥିବା ସତ୍ତ୍ୱେ ଫଳନ୍ତି ବୃକ୍ଷ ଥିବା ଗୋଚର ଜମିରେ ବ୍ୟାଙ୍କ ଗୃହ ନିର୍ମାଣ କରିବା କେତେ ଦୂର ଠିକ୍ ବୋଲି ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ହୋଇଛି । ଜିଲ୍ଲାପାଳ ତଦନ୍ତ କରି ଫଳନ୍ତି ବୃକ୍ଷକୁ ନକାଟି ଅନ୍ୟତ୍ର ଗୃହ ନିର୍ମାଣ କରିବାକୁ ଜନପ୍ରତିନିଧି ତଥା ଉକ୍ତ ପଞ୍ଚାୟତର ଜନସାଧାରଣ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ।

# ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଧର୍ମଶାଳା, ୨/୧ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଡିସେମ୍ବର ମାସ ୧୧ ତାରିଖରୁ ଆରମ୍ଭ ହୋଇଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆଜି ଆନୁଷ୍ଠାନିକ ଭାବେ ଉଦଯାପିତ ହୋଇଯାଇଛି । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଦର୍ଶନ ପୃଷ୍ଟିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇ ପ୍ରଦିପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭା ଲୋକାଲୋଚନକୁ ଆଣିବା ପାଇଁ ରାଜ୍ୟ ସରକାରଙ୍କ ଏହି ଅଭିନବ ପଦକ୍ଷେପ ବୋଲି ମୁଖ୍ୟ ଅତିଥି ଉଚ୍ଚ ପ୍ରଶଂସା କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶନୀ ଦେଓ, ଜିଲା ସଂଯୋଜକ ସୁରେଶ ଚନ୍ଦ୍ର ସାହୁ, ବରିଷ୍ଠ ମୁରବୀ ବିପିନ ବିହାରୀ ଦେଓ, ପ୍ରାକ୍ତନ ଶିକ୍ଷାବିତ୍ ଆଲାଉଦ୍ଦିନ ଖାନ,ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କିଶୋର ଚନ୍ଦ୍ର ଜେନା, ନୃସିଂହ ଚରଣ ନାୟକ ଓ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢୀ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ । ପ୍ରାଧ୍ୟାପକ ଅକ୍ଷୟ କୁମାର ସାହୁ ମଂଚ ପରିଚାଳନାରେ ସହଯୋଗ କରିଥିବା ବେଳେ ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ ସହ ନୃତ୍ୟ ପରିବେଷଣ କରିଥିଲେ । ଡିସେମ୍ବର ମାସ ୧୧ ତାରିଖରୁ ଚାଲିଥିବା ଏହି କାର୍ଯ୍ୟକ୍ରମରେ କୃତି ପ୍ରତିଯୋଗିମାନଙ୍କୁ ଅତିଥିମାନେ ଟ୍ରଫି ସହ ମାନପତ୍ର ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ହାସ୍ୟ ଅଭିନେତା ଦୀପକ ତ୍ରୀପାଠୀ, ଅଭିନେତା ଶୁଭକାନ୍ତ ରଣା ଓ ଧାରାବାହିକ ଅଭିନେତ୍ରୀ ପାୟଲ ଜେନା ପ୍ରମୁଖ ଯୋଗଦେଇ ମନୋରଂଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ଚନ୍ଦ୍ରଭାଗା ମହୋତ୍ସବ ଉଦ୍‌ଯାପିତ



ବାଲେଶ୍ୱର, ୨/୧ (ନି.ପ୍ର): ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ୩୪ ବର୍ଷର ଚନ୍ଦ୍ରଭାଗା ମହୋତ୍ସବର ଉଦଯାପନୀ ସଂନ୍ଧ୍ୟାର କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ ଚନ୍ଦ୍ରଭାଗାର ପ୍ରତିଷ୍ଠାତା କବି ଶ୍ରୀଦେବ । ଉଦଯାପନୀ ଉତ୍ସବର ଉଦଘାଟନ କରିଥିଲେ ମୁଖ୍ୟ ଅତିଥି ବିଶିଷ୍ଟ ସମାଜସେବୀ କ୍ରିଷ୍ଣା ମହାନ୍ତି, ସମାଜସେବୀ ସୁବାସିନୀ ଜେନା, ଉପଦେଷ୍ଟା ଧୀରେନ୍ଦ୍ର ନାରାୟଣ ଦାସ ଏବଂ ସମାଜସେବୀ ଶତୃଘ୍ନ ମଲ୍ଲିକ । ଏହି କାର୍ଯ୍ୟକ୍ରମରେ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଚନ୍ଦ୍ରଭାଗାର ସଦସ୍ୟ ଶ୍ରୀଯୁକ୍ତ ଅମ୍ବିକା ଶତପଥୀ । ସ୍ୱାଗତ ଭାଷଣ ରଖିଥିଲେ ସଦସ୍ୟ ଅବନୀ ଜେନା । ଧନ୍ୟବାଦ ଅର୍ପଣ କରିଥିଲେ ମିଡିଆ ସଂଯୋଜିକା ଜ୍ୟୋତିର୍ମୟୀ । ଉଦଯାପନୀ ସନ୍ଧ୍ୟାରେ ରୋନାଲିସା ପଣ୍ଡା, ଅରୁଣାଂଶୁ ପାଣିଗ୍ରାହୀ, ସତ୍ୟମ କୁମାର ମିଶ୍ର ଏବଂ ଏସ୍. କେ ରାଜାଙ୍କ ସହଯୋଗିତାରେ 'ନାଚ୍' ଅନୁଷ୍ଠାନର ୨୨ବର୍ଷ ପୂର୍ତ୍ତି ଆବସରରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସହିତ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର DEE / TRD, ଦକ୍ଷିଣପୂର୍ବ ରେଳପଥ, ଖଡ଼ଗପୁର - ୭୨୧୩୦୧, ୧୫.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡରକୁ ଆମନ୍ତ୍ରଣ କରିଛନ୍ତି । ଆଇଟମଗୁଡିକ ଏଗନେଷ୍ଟରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ । Sl.No.-1 ଟେଣ୍ଡର ନୋଟିସ୍ ନଂ: TRD-KGP-W-2023-24-22, ତାରିଖ: ୦୧.୦୧.୨୦୨୪ । **କାର୍ଯ୍ୟଗୁଡ଼ିକର ବର୍ଣ୍ଣନା:** କେଜିପି ଡିଭିଜନ୍ ଅଧୀନରେ ବିଭିନ୍ନ ପ୍ରକାରର 'ବନ୍ଧନ ଏବଂ ଆର୍ଟିଙ୍ଗ୍' ପ୍ରଦାନ । **ଟେଣ୍ଡର ମୂଲ୍ୟ:** ୧,୦୮,୮୮, ୧୧୯. EMD: Sl.No.-2 । **ଟେଣ୍ଡର ନୋଟିସ୍ ନଂ:** TRD-KGP- W-2023-24-19RT, ତାରିଖ: ୦୨.୦୧.୨୦୨୪ । **କାର୍ଯ୍ୟଗୁଡ଼ିକର ବର୍ଣ୍ଣନା:** ଖଡ଼ଗପୁର ଡିଭିଜନ୍ ଉପରେ ପର୍ସେଲେନ ଇନସୁଲେଟର ଦ୍ୱାରା କମ୍ପୋଜିଟ୍ ଇନସୁଲେଟରର ସ୍ଥାନାନ୍ତର । **ଟେଣ୍ଡର ମୂଲ୍ୟ:** ୪,୧୪,୧୧,୦୫୦ EMD: 3,57,100 **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ନିଲ (Sl.No. 1 & 2 ପାଇଁ) । **ଖୋଲିବାର ତାରିଖ:** ୨୩.୦୧.୨୦୨୪ (Sl.No ୧ ଏବଂ ୨ ପାଇଁ) । **ସମାପ୍ତି ଅବଧି:** ୧୮ (ଅଠର) ମାସ (Sl ପାଇଁ । ୧ ଏବଂ ୨ ପାଇଁ) । **ଦାଖଲ ତାରିଖ:** ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୨୩.୦୧.୨୦୨୪ ର (Sl.No ୧ ଏବଂ ୨ ପାଇଁ) । ଇଚ୍ଛୁକ ଟେଣ୍ଡରକାରୀମାନେ ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ଟେଣ୍ଡରର ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଟିପନ୍ତୁ:** ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାୟୀକର୍ମୀମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ ।

(PR-983)


# ଫେବୃଆରୀ ୩ ରୁ ୫ ଯାଏଁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ଭୁବନେଶ୍ୱର, ୨/୧ (ନି.ପ୍ର): ଆସନ୍ତା ଫେବୃୟାରୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ରାଜ୍ୟରେ ପ୍ରଥମ ଥର ପାଇଁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରାଯିବ । ଏହି ସମ୍ମିଳନୀ ଆୟୋଜନ କରାଯିବା ନିମନ୍ତେ ଗତ ଡିସେମ୍ବର ୧୯ ତାରିଖରେ ଅନୁଷ୍ଠିତ ଐତିହ୍ୟ କ୍ୟାବିନେଟରେ ନିଷ୍ପତି ଗ୍ରହଣ କରାଯାଇଥିଲା । ଏହି ସମ୍ମିଳନୀ ଯେପରି ବିପୁଳ ସଫଳତା ହାସଲ କରିବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଛନ୍ତି । ଏଥିପାଇଁ ସବୁ ସଂପୃକ୍ତ ବିଭାଗ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହିତ ସମନ୍ୱୟ ରକ୍ଷା କରି କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ଭାଷା ସମ୍ମିଳନୀ ଓଡ଼ିଆ ଅସ୍ମିତାର ପରିଚୟ ହେବ । ଶାସ୍ତ୍ରୀୟ ଭାଷା ଓଡ଼ିଆକୁ ଆହୁରି କିପରି ଲୋକପ୍ରିୟ କରାଯିବ ଏ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯିବ । ବର୍ତମାନର ପରିବର୍ତିତ ପରିସ୍ଥିତି ଓ ପ୍ରଯୁକ୍ତି ବିଦ୍ୟା ଯୁଗରେ ଏହି ଭାଷା ସମ୍ମିଳନୀ ଯୁବପିଢ଼ିଙ୍କୁ ଓଡ଼ିଆ ଭାଷା ପ୍ରତି ଆକର୍ଷିତ କରିବ । ଏହି ସମ୍ମିଳନୀରେ ଓଡ଼ିଆ ଭାଷାର ପ୍ରାଚୀନତା ଓ ଭବିଷ୍ୟତର ପ୍ରାସଙ୍ଗିକତା ଉପରେ ଅନେକ ତର୍କ ଭିତିକ ଓ ମାର୍ମିକ ତର୍ଜମା କରାଯିବ । ଦେଶ ବିଦେଶରେ ରହୁଥିବା ଓଡ଼ିଆ ଭାଷାବିତ୍ ମାନେ ଯୋଗ ଦେଇ ଓଡ଼ିଆ ଭାଷାର ସର୍ବ ପ୍ରାଚୀନତା ଓ ନିରନ୍ତରତା ସମ୍ପର୍କରେ ବିଭିନ୍ନ ପର୍ଯ୍ୟାୟ ଭିତିକ ଆଲୋଚନା କରିବେ । ଏଥିରେ ଓଡ଼ିଆ ଭାଷାର ଉତ୍ପତି, କ୍ରମବିକାଶ ଓ ଲୋକପ୍ରିୟତା ଉପରେ ସାରଗର୍ଭକ ଆଲୋଚନାମାନ ଅନୁଷ୍ଠିତ ହେବ । ଏଥିସହ ବିଶେଷଜ୍ଞ ମାନେ ଏହି ତିନି ଦିନରେ ଓଡ଼ିଆ ଭାଷାର ଅତୀତ, ବର୍ତମାନ ଓ ଭବିଷ୍ୟତ ରୂପରେଖ ଉପରେ ତଥ୍ୟ ଭିତିକ ଉପସ୍ଥାପନ କରିବେ । ସମ୍ମିଳନୀରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ତଥା ସବୁ ବର୍ଗର ବ୍ୟକ୍ତିବିଶେଷ ଯୋଗଦେବେ । ଓଡ଼ିଆ ଭାଷାକୁ ଅଭିନବ ଭାବେ କିଭଳି ଶିଖି ହେବ ଏ ସମ୍ପର୍କରେ ମଧ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହେବ । ଏହି ସମ୍ମିଳନୀ ବିଶ୍ୱର କଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଷାଭାଷୀ ମାନଙ୍କ ନିମନ୍ତେ ଏକ ନୂତନ ଆଲୋକବର୍ତିତା ହେବ ।

# ଭୁବନେଶ୍ୱର ମହାନିଗମସ୍ତରୀୟ ବିଦ୍ୟାଳୟ ଜମିପଟ୍ଟା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, ୨/୧ (ନି.ପ୍ର): ଭୁବନେଶ୍ୱର ମହାନିଗମ ସ୍ତରୀୟ ବିଦ୍ୟାଳୟ ଜମିପଟ୍ଟା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ୫୦ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଏବଂ ୫୬ଟି ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ମୋଟ ୧୦୬ଟି ବିଦ୍ୟାଳୟକୁ ଜମିପଟ୍ଟା ପ୍ରଦାନ କରାଯାଇଛି ।

ଏହି ଅବସରରେ କ୍ୟାପିଟାଲ ହାଇସ୍କୁଲରେ ଅନୁଷ୍ଠିତ ପଟ୍ଟା ବଂଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଲେ ଯେ ବହୁଦିନର ଦାବିକୁ ବିଚାରକୁ ନେଇ ସରକାର ବିଦ୍ୟାଳୟ ଗୁଡିକୁ ପଟ୍ଟା ପ୍ରଦାନ କରିଛନ୍ତି । ଏହାଦ୍ୱାରା ବିଦ୍ୟାଳୟ ଜମିକୁ ନେଇ ଥିବା ବିବାଦ ସମାଧାନ ହୋଇପାରିବା ସହ ଉନ୍ନୟନ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ଶ୍ରୀ ପଣ୍ଡା କହିଥିଲେ । ସେହିଭଳି ବିଏମସି ମେୟର ଶ୍ରୀମତୀ ସୁଲୋଚନା ଦାସ, ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତର ବିଧାୟକ ସୁଶାନ୍ତ କୁମାର ରାଉତ, ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ତଥା ଖୋର୍ଦ୍ଧା ଜିଲ୍ଲା ଆମ ଓଡିଶା ନବୀନ ଓଡିଶା ଉପଦେଷ୍ଟା ଶ୍ରୀମତୀ ଶ୍ରୀମୟୀ ମିଶ୍ର ପ୍ରମୁଖ ଯୋଗ ଦେଇ ସରକାରଙ୍କ ଏହି ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ । ବିଦ୍ୟାଳୟ ଗୁଡିକର ନିଜସ୍ୱ ପଟ୍ଟା ଦ୍ୱାରା ଆବଶ୍ୟକୀୟ ସମ୍ପ୍ରସାରଣ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହାସଲ ହୋଇପାରିବ । ତ୍ୱରିତ ସେବା ପ୍ରଦାନରେ ବିଭିନ୍ନ ସଂସ୍ଥା ଗୁଡିକୁ କୌଣସି ସମସ୍ୟା ହେବ ନାହିଁ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସେମାନଙ୍କ ବିଦ୍ୟାଳୟ ପଟ୍ଟା ଗ୍ରହଣ କରିବା ସହ ଖୁସିବ୍ୟକ୍ତ କରିଥିଲେ ।ଏହି ଅବସରରେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ଉପ ଜିଲ୍ଲାପାଳ ଚିନ୍ମୟ ଆଚାର୍ଯ୍ୟ, ଭୁବନେଶ୍ୱର ତହସିଲଦାର ମାନସ କୁମାର ସ୍ୱାଇଁ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବିଶ୍ୱନାଥ ତରାଇ ପ୍ରମୁଖ ଯୋଗ ଦେଇଥିଲେ । ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀମତୀ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ବ୍ଲକ ଶିକ୍ଷାଧିକାରୀ ଶ୍ରୀମତୀ ପ୍ରଜ୍ଞା ପାରମିତା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଭୁବନେଶ୍ୱର-ଭଦ୍ରକ ରେଳ ସେକ୍ସନ ନିରୀକ୍ଷଣ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

ଭୁବନେଶ୍ୱର, ୨/୧ (ନି.ପ୍ର): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ମଙ୍ଗଳବାର ଭୁବନେଶ୍ୱର-ଭଦ୍ରକ ରେଳ ସେକ୍ସନ ନୀରିକ୍ଷଣ କରି ନିରାପତା, ଟ୍ରେନ ଚଳାଚଳ ସୁବିଧା ସମୀକ୍ଷା କରିଛନ୍ତି ଏବଂ ରେଳ ସେକ୍ସନରେ ଚାଲୁରହିଥିବା ଭିତିଭୂମି କାର୍ଯ୍ୟ ଗୁଡିକ ଅଗ୍ରଗତି ସମ୍ବନ୍ଧରେ ଅବଗତ ହୋଇଛନ୍ତି । ନୀରିକ୍ଷଣ ସମୟରେ ଶ୍ରୀ ଶର୍ମା ଭୁବନେଶ୍ୱର ଏବଂ ଭଦ୍ରକ ମଧ୍ୟରେ ଥିବା ଷ୍ଟେସନରେ ଭିତିଭୂମି ସମ୍ବନ୍ଧୀୟ ତଥା ଯାତ୍ରୀଙ୍କ ସୁବିଧା କାର୍ଯ୍ୟ ସହିତ ଟ୍ରେନ ଚଳାଚଳ ସୁବିଧା ସମୀକ୍ଷା କରିଥିଲେ ଏବଂ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଭିତିଭୂମି ସମ୍ବନ୍ଧୀୟ ପ୍ରକଳ୍ପ ଏବଂ ଯାତ୍ରୀଙ୍କ ସୁବିଧା କାର୍ଯ୍ୟ ଠିକ୍ ସମୟରେ ଶେଷ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ । ଭଦ୍ରକ ଷ୍ଟେସନରେ ଯାଂଚ ସମୟରେ ଶ୍ରୀ ଶର୍ମା ବିଭିନ୍ନ ଯାତ୍ରୀ ସୁବିଧା ସୁବିଧା, ପାର୍କିଂ କ୍ଷେତ୍ରର ବିକାଶ, ଚଳପ୍ରଚଳ ଅଞ୍ଚଳର ଉନ୍ନତିକରଣ, ଲ୍ୟାଣ୍ଡସ୍କେପ୍ ଇତ୍ୟାଦିର ଅଗ୍ରଗତି ସମ୍ବନ୍ଧରେ ମଧ ଅବଗତ ହୋଇଛନ୍ତି ଏବଂ ଅମୃତ ଷ୍ଟେସନ ଯୋଜନାରେ ଭଦ୍ରକ ଷ୍ଟେସନର ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି । ନିରୀକ୍ଷଣ ସମୟରେ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ୍ ବାଜଓ୍ୱା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ବୁଧବାର, ଜାନୁଆରୀ ୩, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜାମ୍ମୁ କାଶ୍ମୀର ସୁରକ୍ଷାକୁ ନେଇ ଉଚ୍ଚସ୍ତରୀୟ ବୈଠକ



ନୂଆଦିଲ୍ଲୀ: କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ମଙ୍ଗଳବାର ଜାମ୍ମୁ କାଶ୍ମୀରରେ ସୁରକ୍ଷା ସ୍ଥିତିର ସମୀକ୍ଷା କରିଛନ୍ତି । ୧୫ ଦିନ ତଳେ ପୁଞ୍ଚ ଜିଲ୍ଲାରେ ଆତଙ୍କବାଦୀ ଦ୍ୱାରା ଆକ୍ରମଣରେ ପାଞ୍ଚ ଯବାନ ସହିଦ ହୋଇଥିଲେ । ଡିସେମ୍ବର ୨୧ରେ ଆତଙ୍କୀବାଦୀ ଆକ୍ରମଣର ଗୋଟିଏ ଦିନ ପରେ ସେନା ତିନି ନାଗରିକଙ୍କୁ ପଚରାଉଚରା ପାଇଁ ଉଠାଇ ଆଣିଥିଲା । ପରେ ତିନି ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଆକ୍ରୋଶ ଦେଖା ଦେଇଥିଲା । ଏହି ଘଟଣା ପରେ ରକ୍ଷାମନ୍ତ୍ରୀ ରାଜନାଥ ସିଂ ଏବଂ ସେନା ପ୍ରମୁଖ ମନୋଜ ପାଣ୍ଡେ ପୁଞ୍ଚ ଗସ୍ତ କରିଥିଲେ । ଆଜିର ବୈଠକରେ ଅମିତ୍ ଶାହ, ପୋଲିସ, ଭାରତୀୟ ସେନା ଏବଂ ସିଆରପିଏଫ ମଧ୍ୟରେ ସମନ୍ୱୟ ସ୍ଥାପନ ଉପରେ ଜୋର ଦେଇଛନ୍ତି । ଏହାଦ୍ୱାରା ଜାମ୍ମୁ କାଶ୍ମୀରର ସୁରକ୍ଷାକୁ ଅଧିକ ମଜଭୁତ କରାଯାଇପାରିବ । ଏହାସହ ଲୋକାଲ୍ ଅଣ୍ଟେଲିଜେନ୍ସିକୁ ବଢାଇବା ପାଇଁ ଜୋର ଦେଇଛନ୍ତି । ଏହି ବୈଠକରେ ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ, ସେନା ମୁଖ୍ୟ ମନୋଜ ପାଣ୍ଡେ ଏବଂ ଗୁଇନ୍ଦା ଓ ଅନ୍ୟ ସୁରକ୍ଷା ଏଜେନ୍ସିର ଶୀର୍ଷ ଅଧିକାରୀ ମଙ୍ଗଳବାର ବୈଠକରେ ସାମିଲ ହୋଇଥିଲେ । ଏହା ପୂର୍ବରୁ, ଜାମ୍ମୁ କାଶ୍ମୀର ପ୍ରଶାସନ ମୃତ ନାଗରିକଙ୍କ ପରିବାର ପାଇଁ କ୍ଷତିପୂରଣ ଏବଂ ଚାକିରି ଘୋଷଣା କରିଥିଲେ । ଅନ୍ୟପଟେ ଏହି ମାମଲାରେ ତଦନ୍ତ ପ୍ରକ୍ରିୟା ମଧ୍ୟ ଆରମ୍ଭ କରାଯାଇଛି ।

# ପୂର୍ବତନ ସୂଚନା ଓ ଲୋକସଂପର୍କ ଅଧିକାରୀ ଆଜାତଶତ୍ରୁ ଦାସଙ୍କ ୧୬ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ




ବାଲେଶ୍ୱର, ୨/୧ (ନି.ପ୍ର): ସୁନହଟ ମାଟିରେ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରି ନିଜର କାର୍ଯ୍ୟ ଦକ୍ଷତା ବଳରେ ବହୁମୁଖି ପ୍ରତିଭାର ଅଧିକାରୀ ହୋପାରିଥିବା ପୂର୍ବତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଜାତଶତ୍ରୁ ଦାସଙ୍କର ୧୬ତମ ଶ୍ରାଦ୍ଧ ବାର୍ଷିକୀ ସ୍ଥାନୀୟ କଚେରୀହତାସ୍ଥିତ ସାମ୍ବାଦିକ ପ୍ରକୋଷ୍ଠ ଠାରେ ପାଳିତ ହୋଇଯାଇଛି । ସୂଚନାଯୋଗ୍ୟ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ସାମ୍ବାଦିକ, ଆଇନଜୀବୀ ସମାଜସେବୀ ମାନଙ୍କ ପକ୍ଷରୁ ଅଜାତଶତ୍ରୁ ସ୍ମୃତି କମିଟିର ସହଯୋଗରେ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ସ୍ମୃତିଚାରଣ ସଭା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅଜାତଶତ୍ରୁଙ୍କ ବ୍ୟକ୍ତିତ୍ୱ କିଛି ସାଧାରଣ ନଥିଲା । ପ୍ରଶାସନିକ କ୍ଷେତ୍ରରେ ସରକାରୀ କାର୍ଯ୍ୟକୁ ଦକ୍ଷତାର ସହ ସାମାଜିକ ସ୍ତରରେ ସବୁ ବର୍ଗର ବ୍ୟକ୍ତି ବିଶେଷଙ୍କ ସହ ତାଙ୍କର ସୁସମ୍ପର୍କ ଏବଂ ସେମାନଙ୍କ ପାଇଁ ସାହାଯ୍ୟର ହାତ ବଢ଼ାଇବା ତାଙ୍କୁ ମହାନ୍ କରିପାରିଛି ବୋଲି ବିଶିଷ୍ଟ ଅତିଥିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ମତବ୍ୟକ୍ତ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ବ୍ରିଟ ଅଧକ୍ଷ ଆଲୋକ କୁମାର ସାହୁ, ଓକିଲ ବାର ସଂଘ ସଭାପତି ମନୋଜ ନାୟକ, ଜିଲ୍ଲା କ୍ରୀଡ଼ା ସଂଘ ସଭାପତି ଅଧିପ ଦାସ 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ବରିଷ୍ଠ ସାମ୍ବାଦିକ ବିପ୍ଳବ ମହାନ୍ତି ଓ ବରିଷ୍ଠ ସାମ୍ବାଦିକ ରଂଜନ ବାଗ, 'ସେଇଠୁ ଆରମ୍ଭ'ର ସମ୍ପାଦକ ଶୁଭେନ୍ଦୁ ଦାସ, ସମାଜର ଅଭୟ ଦାସ, ଓକିଲ ବାର ସଂଘ ସମ୍ପାଦକ ଦୀପକ ଦାସ ଓ ସାମ୍ବାଦିକ ରତିକାନ୍ତ ପାତ୍ର, ସପନ ବିଶ୍ୱାଳ, ଅର୍ଦ୍ଧେନ୍ଦୁ ମିଶ୍ର, ଉଜ୍ଜଳ କର, ସୁରେନ୍ଦ୍ର ମୋହନ ଜେନା, ଉବାଚକ ମହାନ୍ତି, ଶିବଶଙ୍କର ଭୋଇ, ବାସୁଦେବ ରାଉଳ, ରମଣୀ ରଂଜନ ଦାସ, ଅଜିତ ମହାନ୍ତି, ଭଗବାନ ଚନ୍ଦ୍ର ଦାସ, ବାଞ୍ଛାନିଧି ଦାସ, ଗୌତମ ଦାସ, ରାଧାପ୍ରବିନ ଦାସ ଉପସ୍ଥିତ ଥିଲେ । ପୁତ୍ର ଅଭିରାମ ଦାସ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ପ୍ରତିନିଧି ସାମ୍ବାଦିକ, ଆଇନଜୀବୀ ଓ ଅନ୍ୟାନ୍ୟ ବ୍ୟକ୍ତିଗଣ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ବରିଷ୍ଠ ସାମ୍ବାଦିକ ନିରଞ୍ଜନ ଦାସ ସଭା ପରିଚାଳାନା କରିଥିବା ବେଳେ ବ୍ରହ୍ମାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଦେବବ୍ରତ ପାଣିଗ୍ରାହୀ ସ୍ୱାଗତ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହି ଅବସରରେ ପୁତ୍ର ଅଭିରାମ ଦାସ ଉପସ୍ଥିତ ଥିଲେ ।

# ଦେଶ ଗଠନରେ ସେବା ଯୋଜନାର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା : ଡ଼. ଲିପିକା ବେହେରା




ଉଦଳା , ୨/୧ (ନି.ପ୍ର): ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଶୀତକାଳିନ ସ୍ୱତନ୍ତ୍ର ସେବା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଲମ୍ବୋଦର ବାରିକ ଓ ଅଧାପିକା ମଂଚନା ମହାପାତ୍ର ଶିବିର ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ଅଧାପକ ଡ଼. ଶାନ୍ତସୁନ୍ଦର ଆଚାର୍ଯ୍ୟ , ବିଭୁରଂଜନ ବିଶ୍ୱାଳ, ସଂଜୟ କୁମାର ସେନାପତି, ଅଧାପିକା ସୁଜାତା ପ୍ରଧାନ ଓ ମଧୁମିତା ସାହୁ ପ୍ରମୁଖ ଶିବିରକୁ ସଫଳ କରିବାରେ ସହଯୋଜ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷା ଡ଼. ଲିପିକା ବେହେରା ଦେଶ ଗଠନରେ ଜାତୀୟ ସେବା ଯୋଜନାର କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେ ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ସେବା ଯୋଜନା ତରଫରୁ ନିକଟରେ ଥିବା ସାନଖଲାଡ଼ି ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ନିଆଯାଇଥିଲା । ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର ପାଇଁ ସଚେତନତା ମୂଳକ କାର୍ଯ୍ୟକ୍ରମ ଯଥା- ଶୋଭାଯାତ୍ରା ଓ ପଥପ୍ରାନ୍ତ ନାଟକ ମଂଚସ୍ଥ ହୋଇଥିଲା । ଏହାଛଡ଼ା ସଡ଼କ ସୁରକ୍ଷା, ନିଶାନିବାରଣ, ସୂଚନା ଅଧିକାର ଆଇନ, ହାତଧୁଆ କୌଶଳ ଇତ୍ୟାଦି ସଂପର୍କରେ ବିଭିନ୍ନ ରିସର୍ସ ପର୍ସନ ମାନେ ଭିନ୍ନ ଭିନ୍ନ ଦିବସ ମାନଙ୍କରେ ଆସି ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉଦ୍‌ଯାପନ ଉତ୍ସବରେ ଉଦଳା ମହାବିଦ୍ୟାଳୟର ଅଧାପକ ଡ଼. ସନ୍ତୋଷ କୁମାର ପଣ୍ଡା, କୁଣ୍ଡାବାଇ ମହାବିଦ୍ୟାଳୟର ଅଧାପକ ଦିଲିପ କୁମାର ପ୍ରମାଣିକ, ସ୍ଥାନିୟ ସରପଂଚ ପିଙ୍କି ମାଝି ଓ ଶିକ୍ଷକ ନାରାୟଣ ବେହେରା ଅତିଥି ଭାବରେ ଯୋଗ ଦେଇ ସେବା ଯୋଜନାର ଲକ୍ଷ ଓ ଉଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଓମ୍ ପ୍ରକାଶ ପଣ୍ଡା ଓ ସରିତା ପାତ୍ରଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ରୂପେ ପୁରସ୍କୃତ କରାଯାଇଥିଲା । ଶିବିରରେ ମୋଟ ୧୦୦ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।

## ପିକଅପ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ

ବସ୍ତା, ୨/୧ (ନି.ପ୍ର): ଥାନା ଅନ୍ତର୍ଗତ ରୂପସା -ବୈଶିଙ୍ଗା ରାସ୍ତାର ହୀରାପୁର ହାଇ ସ୍କୁଲ ନିକଟରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ପିକ ଅପ ଭ୍ୟାନ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ହେଲେ ବୈଶିଙ୍ଗା ଥାନା ବାମଡା ଗ୍ରାମର ରବୀନ୍ଦ୍ର ଧଳଙ୍କ ପୁଅ ରାକେଶ କୁମାର ଧଳ (୨୪) କ୍ଷ ରାକେଶ ବାଇକ ଯୋଗେ ରୂପସା ହାଟକୁ ଯାଉଥିଲେ । ସାମ୍ନା ପଟୁ ବୈଶିଙ୍ଗା ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ ପିକ ଅପ ଭାରସାମ୍ୟ ହରାଇ ବାଇକକୁ ଧକ୍କା ଦେଇ ଚମ୍ପଟ ମାରିଥିଲା କ୍ଷ ଆହତ ବାଇକ ଆରୋହୀଙ୍କୁ ସ୍ଥାନୀୟ ଲୋକେ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ନଂ ୩/୨୪ ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛନ୍ତି । ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଗତ ବର୍ଷ ଉକ୍ତ ସ୍ଥାନରେ ବାଇକ ଦୁର୍ଘଟଣାରେ ରାକେଶଙ୍କ ମଝିଆ ଭାଇ ମଧ୍ୟ ମୃତ୍ୟୁବରଣ କରିଥିଲେ ।

## ବର୍ଷ ଆରମ୍ଭରେ କୁଳଡିହାରେ ହାତୀ ମୃତ୍ୟୁ



ନୀଳଗିରି , ୨/୧ (ନି.ପ୍ର): ବର୍ଷ ଆରମ୍ଭରେ ପୁଣି କୁଳଡିହା ଅଭୟାରଣ୍ୟରେ ହାତୀ ମୃତ୍ୟୁ । ଗତ ୨୦୨୩ମସିହାରେ ଗୋଟିଏ ବର୍ଷ ମଧ୍ୟରେ ୯ଗୋଟି ହାତୀର ଜୀବନ ଯାଇଥିଲା । ନୂଆବର୍ଷ ଆରମ୍ଭରୁ ଅଭୟାରଣ୍ୟର ବିଷ୍ଣୁପୁର ପାହାଡ଼ ନିକଟରେ ଏକ ହାତୀର ମୃତ୍ୟୁ ହୋଇଥିବା ଖବର ପାଇ ରେଞ୍ଜ ଅଧିକାରୀ ପ୍ରବୀର ମୁର୍ମୁଙ୍କ ସହିତ ହାତିଖୁଲିଆ ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ସବୁଜବାହିନୀ ଘଟଣା ସ୍ଥଳରେ ପହଞ୍ଚିଥିଲେ । ହାତୀଟି ଗଳିତ ଅବସ୍ଥାରେ ଥିବା ବେଳେ ମୃତ୍ୟୁର କାରଣ ଜଣାପଡ଼ିନାହିଁ । ତେବେ ହାତୀ ମୃତ୍ୟୁର ସ୍ପଷ୍ଟ ସୂଚନା ବନବିଭାଗ ଦେଇନଥିବା ବେଳେ ବନବିଭାଗର ଅପାରଗତା ପାଇଁ ବାରମ୍ବାର ହାତୀ ମୃତ୍ୟୁ ଘଟୁଥିବା ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ହାତୀ ଅଭୟାରଣ୍ୟ ପାଇଁ ସମଗ୍ର ଦେଶରେ ସୁନାମ ଅର୍ଜନ କରିଥିବା ନୀଳଗିରି ଉପଖଣ୍ଡ ଅଭୟାରଣ୍ୟ ଶେଷରେ ଦିନେ ହାତୀ ବଂଶ ଲୋପ ପାଇଯିବ ଏଥିରେ ସନ୍ଦେହ ନାହିଁ । ତେବେ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱଦେଇ ଜଣେ ନିଷ୍ଠାବାନ ଓ କର୍ତ୍ତବ୍ୟ ପରାୟଣ ସଚ୍ଚୋଟ ଅଫିସରଙ୍କୁ ନିଯୁକ୍ତି ପ୍ରଦାନ କରାଗଲେ ହାତୀ ବଂଶ ଲୋପ ପାଇବାରୁ ରକ୍ଷା ମିଳିଯିବ ବୋଲି ଅଞ୍ଚଳବାସୀ ଦାବୀ କରିଛନ୍ତି ।

## ଆଦର୍ଶ ପ୍ରଧାନ ଶିକ୍ଷକ ସ୍ୱର୍ଗତ ସାଧୁଚରଣ ମାସନ୍ତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ




ବାଲିଆପାଳ, ୨/୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଘଂଟୁଆ ଗ୍ରାମପଂଚାୟତ ଧରମଦୁଆର ଗ୍ରାମର ଆଦର୍ଶ ଶିକ୍ଷକ ସ୍ୱର୍ଗତ ସାଧୁଚରଣ ମାସନ୍ତଙ୍କ ପ୍ରତିମୂର୍ତ୍ତୀ ରବିବାର ଉନ୍ମୋଚିତ ହୋଇଯାଇଛି । ଶିକ୍ଷକ ସ୍ୱର୍ଗତ ସାଧୁଚରଣ ମାସନ୍ତ ଆଜୀବନ ଘଂଟୁଆ ସହଯୋଗ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାଇ ଅବସର ଗ୍ରହଣ କରିଥିଲେ । ମାତ୍ର ଅବସର ପରେ ମଧ୍ୟ ଦୀର୍ଘ ୨୦ ବର୍ଷ ଧରି ସେ ବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଦାନ କରୁଥିଲେ । ତାଙ୍କ ଆବର୍ତ୍ତମାନରେ ତାଙ୍କର ଜଣେ ପୁରାତନ ଛାତ୍ର ପ୍ରଫେସର ବେଣୁଧର ନାୟକଙ୍କ ଉଦ୍ୟମରେ ତାଙ୍କ ପ୍ରତିମୂ ୀ ତାଙ୍କ ଗ୍ରାମ ଧରମଦୁଆର ଛକରେ ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ସ୍ୱର୍ଗତ ଶିକ୍ଷକଙ୍କ ଛାତ୍ର ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରତିମୂର୍ତ୍ତୀ ଅନାବରଣ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଘଂଟୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୂର୍ବତନ ଶିକ୍ଷକ ଜନାର୍ଦ୍ଦନ ଅଣ୍ଡିଆ ମୁଖ୍ୟବକ୍ତା , ଉଦୟ ନାରାୟଣ ହାଇସ୍କୁଲର ପୂର୍ବତନ ସଂସ୍କୃତ ଶିକ୍ଷକ ତଥା ପାଲା ଗାୟକ ବିଜୟ କୁମାର ପାଠୀ ଓ ଭଜହରି ପ୍ରଧାନ ,ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇ ସ୍ୱର୍ଗତ ସାଧୁ ଚରଣ ମାସନ୍ତଙ୍କ ସ୍ମୃତି ଚାରଣ କରିଥିଲେ । ସଭାକାର୍ଯ୍ୟ ପ୍ରାରମ୍ଭରେ ପ୍ରଫେସର ବେଣୁଧର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପୁରାତନ ଛାତ୍ର ବରେନ୍ଦ୍ର ପ୍ରଧାନ, ନିରନ ପ୍ରଧାନ, ବିଜନ ନାୟକ, ଶ୍ରୀକାନ୍ତ ପାଳ, ମହେଶ୍ୱର ମାଣିକ, ମହେଶ୍ୱର ପାତ୍ର, ଗଙ୍ଗାଧର ରଣା, ଭୀମଚରଣ ପାଠୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାକ୍ତନ ଶିକ୍ଷକ ଯୋଗେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିମୂର୍ତ୍ତୀ ଉନ୍ମୋଚନ କାର୍ଯ୍ୟକ୍ରମରେ କଂଗ୍ରେସର ଯୁବନେତା ରବିନାରାୟଣ ମହାନ୍ତି ମଂଚ ପରିଚାଳନା କରିଥିଲେ । ଏହି ଅବସରରେ ସ୍ୱର୍ଗତ ଶିକ୍ଷକ ସାଧୁଚରଣ ମାସନ୍ତ ପୁତ୍ର ଇଂ ଶୁଭଶଙ୍କର ମାସନ୍ତ, ରାମ ଶଙ୍କର ମାସନ୍ତ, ଗୌରୀ ଶଙ୍କର ମାସନ୍ତ, ଭବଶଙ୍କର ମାସନ୍ତ, ଗିରିଜାଶଙ୍କର ମାସନ୍ତ, ଶିବଶଙ୍କର ମାସନ୍ତ, ତାଙ୍କର ସମସ୍ତ କନ୍ୟା , ଜାମାତା, ପୁତ୍ରବଧୂ, ନାତିନାତୁଣୀ, ଶିକ୍ଷକ ରାଜନାରାୟଣ ନାୟକ, ଧରମଦୁଆର ଗ୍ରାମର ଗ୍ରାମବାସୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶିକ୍ଷକ ଗୁଣାକର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।


## ମଣିପୁରରେ ଗୁଳିକାଣ୍ଡରେ ୪ଜଣ ଲୋକଙ୍କ ମୃତ୍ୟୁ, ଅନେକ ଆହତ

ଇମ୍ଫାଲ, ୨/୧ (ନି.ପ୍ର): ମଣିପୁରରେ ଆଖିବୁଜା ଗୁଳିକାଣ୍ଡରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି । ମଙ୍ଗଳବାର ମଣିପୁର ପୋଲିସ ପକ୍ଷରୁ କୁହାଯାଇଛଇ ଯେ, ଥୌବଲ ଜିଲ୍ଲାର ଲିଲୋଙ୍ଗ ଗାଁରେ ସୋମବାର ଦିନ ଅଜଣା ଆତତାୟୀମାନେ ଆଖିବୁଜା ଗୁଳି କରିଛନ୍ତି । ଏହି ଗୁଳିକାଣ୍ଡରେ ୪ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି । ଏହି ଘଟଣା ପରେ ମଣିପୁରର ଇମ୍ଫାଲ ଘାଟିର ୫ଟି ଜିଲ୍ଲାରେ କର୍ଫ୍ୟୁ ଜାରି କରାଯାଇଛି । ମଣିପୁର ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂହ ଘଟଣା ପରେ ସମସ୍ତ ମନ୍ତ୍ରି ଓ ପାର୍ଟିର ବିଧାୟକଙ୍କ ସହ ବୈଠକ କରିବେ ।

## ପିକନିକ୍ ସ୍ପଟରେ ଗୁଳିନେଲା ଜୀବନ

ରାଉରକେଲା,୨/୧ (ନି.ପ୍ର): ରାଉରକେଲା ପୁଲିସ ଜିଲ୍ଲା ଅର୍ନ୍ତଗତ ବିଶ୍ରା ଥାନା ଅଂଚଳର ତେତେରକେଲା ଠାରେ ପିକନିକ ଚାଲିଥିବା ବେଳେ ବଡ ଭାଇର ଗୁଳିରେ ସାନ ଭାଇର ମୃତ୍ୟୁ ହେବା ଘଟଣାକୁ ନେଇ ବିଶ୍ରା ଓ ରାଉରକେଲା ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତେତେରକେଲା ଘାଟରେ ପିକନିକରେ ସମସ୍ତେ ମସଗୁଲ ଥିବାବେଳେ ହଠାତ ଫୁଟିଲା ଗୁଳି । ଶ୍ରୀହର ସିଂ ନାମକ ଯୁବକ ଟଳି ପଡିବା ପରେ ଘଟଣାସ୍ଥଳରୁ ଅନେକ ପଳାଇବା ସହ ହୋହଲ୍ଲା ହୋଇଥିଲା । ଖବର ପାଇ ବିଶ୍ରା ପୁଲିସ ଘଟଣାସ୍ଥଳରେ ପହଁଚି ମୃତକର ଶବ ଉଦ୍ଧାର କରିଥିଲା । ପରେ ଅଭିଯୁକ୍ତ ଉମେଶ ସିଂ କୁ ଧରିବା ସହ ବନ୍ଧୁକ ଜବତ କରିଥିଲା । ତେବେ ଏଭଳି ଗୁଳିକାଣ୍ଡ ପଛର କାରଣ ଜଣାପଡିନଥିବା ବେଳେ ପିକନିକରେ ପ୍ରବଳ ନିଶା ସେବନ କରି ହୋ ହଲ୍ଲା ଚାଲିଥିବା ବେଳେ ଏଭଳି ଘଟିଥିବା କୁହାଯାଉଛି ।

## ଡ. ସଦାନନ୍ଦ ଦୀକ୍ଷିତଙ୍କ ଅଧକ୍ଷତାରେ ଗୌହାଟୀରେ ବିଶ୍ୱସଂସ୍କୃତ ସମ୍ମେଳନ ଆୟୋଜିତ




ଭଦ୍ରକ, ୨/୧ (ନି.ପ୍ର): ବିଶ୍ୱ ସଂସ୍କୃତ ସଂଘଟନ, ପୋଲାଣ୍ଡର କେନ୍ଦ୍ରୀୟ ଅଧକ୍ଷ ତଥା ଲୋକଭାଷା ପ୍ରଚର ସମିତିର ରାଷ୍ଟ୍ରୀୟ ସଭାପତି ଡକ୍ଟର ସଦାନନ୍ଦ ଦୀକ୍ଷିତଙ୍କ ଅଧକ୍ଷତାରେ ମଙ୍ଗଳଦଇ, ଗୌହାଟୀରେ ତିନିଦିନିଆ ବିଶ୍ୱ ସମ୍ମେଳନ ୨୭., ୨୮, ୨୯ ତାରିଖରେ ଆୟୋଜିତ ହୋଇଯାଇଛି । ଭାରତ ଓ ବିଦେଶରୁ ସମାଗତ ପଞ୍ଚ ସହସ୍ରାଧିକ ବିଦ୍ୱାନ୍ ଓ ସଂସ୍କୃତାନୁରାଗୀଙ୍କ ଉପସ୍ଥିତିରେ ବିଶ୍ୱ ପ୍ରସିଦ୍ଧ ଅକ୍ଷର ପୁରୁଷୋତ୍ତମ ସଂସ୍ଥାର ଅଧକ୍ଷ ସ୍ୱାମୀ ଭଦ୍ରେଶ ଦାସ ଓ ଆସାମର ମହା ମହିମ ରାଜ୍ୟପାଳ ଶ୍ରୀ ଗୁଲାବଚନ୍ଦ କଟାରିଆ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୋତ୍ସବ ପୂର୍ବରୁ ସମସ୍ତ ରାଷ୍ଟ୍ରଶାଖା ଓ ପ୍ରଦେଶ ଶାଖାର ମୁଖ୍ୟଗଣ ୭୦ଟି ପତାକା ଉତ୍ତୋଳନ କରିଥିଲେ ଏବଂ ପ୍ରାୟ ୫୦୦୦ ଲୋକଙ୍କ ଗହଣରେ ଏକ ବିରାଟ ଶୋଭାଯାତ୍ରା ମଙ୍ଗଳଦଇ ନଗର ପରିକ୍ରମା କରିଥିଲା । ତିନିଦିନ ଧରି କାର୍ଯ୍ୟକ୍ରମରେ ସଂସ୍କୃତନାଟକ, ସଂସ୍କୃତ କବି ସମ୍ମେଳନ ବିବିଧ ନୃତ୍ୟ, ଗ୍ରନ୍ଥଲୋକାର୍ପଣ ଓ ସମ୍ମାନ ସମାରୋହ ସହିତ ଏକ ଅନ୍ତରାଷ୍ଟ୍ରୀୟ ଆଲୋଚନା ଚକ୍ର ବିଶ୍ୱହିତାୟ ସଂସ୍କୃତମ୍ ପ୍ରଫେସର ଗୋକୁଳେନ୍ଦ୍ର ନାରାୟଣ ଦେବ ଗୋସ୍ୱାମୀଙ୍କ ଅଧକ୍ଷତା୍ରେ ଆୟୋଜିତ ହୋଇଥିଲା । ଓଡ଼ିଶାର ୧୭୧ ଜଣ ବିଦ୍ୱାନ୍ ଭାଗ ନେଇଥିବା ବେଳେ ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଗଣ କୃଷ୍ଣ ସାରସ୍ୱତମ୍ ସଂସ୍କୃତ ନାଟକ ମଞ୍ଚସ୍ଥ କରିଥିଲେ । ଭଦ୍ରକ ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ. ନିତ୍ୟାନନ୍ଦ ମିଶ୍ର ଯୋଗଦେଇ ସମ୍ମାନିତ ହୋଇଥିଲେ ଏବଂ ତାଙ୍କର ଗ୍ରନ୍ଥକୁ ଲଣ୍ଡନ ଓ ପୋଲାଣ୍ଡରୁ ସମାଗତ ଡ. ଲୁସି ଗେଷ୍ଟ ଓ ଡ. ଫିଲିପରୁଷିନିସ୍କ ଲୋକାର୍ପିତ କରିଥିଲେ । ମୁଖ୍ୟ ଆୟୋଜକ ଲୋକ ଭାଷା ପ୍ରଚର ସମିତିର ରାଷ୍ଟ୍ରୀୟ ମହା ସଚିବ ଶ୍ରୀ କୁଶଳ କଳିତାଙ୍କୁ ସମସ୍ତେ ଶାଖା ପକ୍ଷରୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କଂଗ୍ରେସ କମିଟି ପକ୍ଷରୁ କ୍ୟାଣ୍ଡଲ ଶୋଭାଯାତ୍ରା

ବାସୁଦେବପୁର, ୨/୧ (ନି.ପ୍ର): ବାସୁଦେବପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ୨୦୦୬ ମସିହା ଜାନୁଆରୀ ଦୁଇ ତାରିଖ ଦିନ ବିଜେଡ଼ି ବିଜେପି ସରକାରଙ୍କ ଦ୍ୱାରା ହତ୍ୟା କରାଯାଇଥିବା କଳିଙ୍ଗ ନଗରର ନିରୀହ ଆଦିବାସୀ ମାନଙ୍କ ଅମର ଆତ୍ମା ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ବାଢିଛନ୍ତି ବାସୁଦେବପୁର ବ୍ଲକ କଂଗ୍ରେସ କମିଟି ଓ ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି । ଏହି ଅବସରରେ କଂଗ୍ରେସ କମିଟି ପକ୍ଷରୁ ଏକ ମହମ ବତି ଶୋଭଯାତ୍ରା ବାସୁଦେବପୁର ସହର ରେ କରାଯାଇଥିଲା । ଜାତୀୟ କବି ବାଞ୍ଛାନିଧି ମହାନ୍ତି ଗୋଲେଇ ଠାରୁ ବଜାର ପର୍ଯ୍ୟନ୍ତ୍ ମହମ୍ ବତି ଶୋାଯାତ୍ରାରେ ଯୋଗ ଦେଇଥିଲେ ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ବରିଷ୍ଠ ନେତା ଅଶୋକ ଦାସ, ଭକ୍ତ ରଞ୍ଜନ ପଟ୍ଟ ନାୟକ, ପ୍ରଭାତ ବାରିକ, ସୁବାସ ସନ୍ଧି ବିଗ୍ରହ, ସୁଶାନ୍ତ ମହାକୁଡ, ମନୋରଞ୍ଜନ ପାଢ଼ୀ , ଅକ୍ଷୟ ବାରିକ, ବହୁ ଯୁବ ନେତୃ ବର୍ଗ ।




## ଯୁବ ସମାଜସେବୀ ଅମର କୁମାର ପାଳଙ୍କୁ ରାଜ୍ୟସ୍ତରୀୟ ଶିକ୍ଷାଜ୍ୟୋତି ସମ୍ମାନ




ବସ୍ତା, ୨/୧ (ନି.ପ୍ର): ବିଶିଷ୍ଟ ସମାଜ ସେବୀ ଆଶା, ସାନ ଖୁଡି , ବସ୍ତା ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିଷ୍ଠାତା, ତଥା ଲକ୍ଷ୍ମୀ ବାସନ୍ତୀ ମୂକ ଓ ବଧିର ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟର ଅଧକ୍ଷ ଅମର କୁମାର ପାଳଙ୍କୁ ୨୦୨୩ର ଶେଷ ଦିନ ୪୪ ତମ ବାଣି ପିଠ ମହୋତ୍ସବ, ବଡ଼ ସାହି ର ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହରେ ଶିକ୍ଷା ଜ୍ୟୋତି ସମ୍ମାନରେ ସମ୍ମାନିତ ହୋଇଛନ୍ତି । ସମାନ ପତ୍ର ଫଳକ, ପଦକ ଓ ଉତ୍ତରୀୟ ଦେଇ ଉପସ୍ଥିତ ବରେଣ୍ୟ ଅତିଥି ମାନେ ସମ୍ମାନିତ କରିଥିଲେ । ଏହା ପୂର୍ବରୁ ମଧ୍ୟ ଶ୍ରୀଯୁକ୍ତ ପାଳ ବିଭିନ୍ନ ସଂଗଠନ, ଅନୁଷ୍ଠାନ ତରଫରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି । ଏହି ସମ୍ମାନ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ଯୁବ ସମାଜ ସେବୀ ଅମର କୁମାର ପାଳ ୧୯୯୨ରୁ ସମାଜ ସେବାରେ ନିଜକୁ ଉତ୍ସର୍ଗୀକୃତ କରିବା ସହିତ ଲକ୍ଷ୍ମୀ ବାସନ୍ତୀ ମୂକ ଓ ବଧିର ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟ ୨୦୦୩ରେ ଏଲିନା ଏଲିଶା ମାନସିକ ଦିବ୍ୟାଙ୍ଗ ବିଦ୍ୟାଳୟ ୨୦୧୭ରେ ବହୁମୁଖି ଦିବ୍ୟାଙ୍ଗ ମାନଙ୍କ ଚିକିତ୍ସା ନିମନ୍ତେ ଆଶା ଥେରାପିଉଟିକ ସେଣ୍ଟର, ଶ୍ରମିକ ମାନଙ୍କ କଲ୍ୟାଣ ନିମନ୍ତେ 'ଫକିର ମୋହନ ଶ୍ରମିକ କଲ୍ୟାଣ ମଞ୍ଚ ଗଠନ କରି ସାମାଜିକ ସେବା କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo